
# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

◆VOLUME- 42 ◆ISSUE-337 ◆BHUBANESWAR ◆THURSDAY ◆5 JUNE 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୩୭ ◆ଭୁବନେଶ୍ୱର ◆ଗୁରୁବାର ◆୫ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

ଅଜୟ ଆଣିବେ 'ଦୃଶ୍ୟମ୍-୩'

▸ପୃଷ୍ଠା ୨ ଦେଖନ୍ତୁ...

# ଆଇପିଏଲ୍ ବିଜୟ ଉତ୍ସବରେ ଦଳାଚକଟା; ୧୧ ମୃତ

## ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଶୋକାକୁଳ ପରିବେଶ

## ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ

■ **ବେଙ୍ଗାଲୁରୁ, ୪।୬ (ଏଜେନ୍ସି):** ଭାରତରେ କ୍ରିକେଟ ପ୍ରେମୀଙ୍କ ଏମିତି ପାଗଳାମି କେବେ ଦେଖିବାକୁ ମିଳିନଥିଲା। ବେଙ୍ଗାଲୁରୁରେ ଆଜି ଆଇପିଏଲ୍ ବିଜୟ ଉତ୍ସବ ପାଳନ ବେଳେ କ୍ରିକେଟ ପ୍ରେମୀଙ୍କ ଅସମ୍ଭବ ଭିଡ଼ ଯୋଗୁଁ ଦଳାଚକଟା ଘଟିଛି। ଏଥିରେ ୧୧ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ୫୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତିମାନଙ୍କ ବୟସ ୧୩ରୁ ୩୫ ବର୍ଷ ମଧ୍ୟରେ ହେବ। ଏଥିରେ ଉଭୟ ଯୁବକ ଓ ଯୁବତୀ ଅଛନ୍ତି। ଏହି ଘଟଣାକୁ ଦୁଃଖଦ ବୋଲି ଅଭିହୀତ କରିବା ସହ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଦରମେୟା। ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଆହତଙ୍କୁ ହସ୍‌ପିଟାଲ୍‌ରେ ଭେଟିବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି କହିଛନ୍ତି।

ଦୀର୍ଘ ୧୮ ବର୍ଷର ପ୍ରତୀକ୍ଷା ପରେ ବେଙ୍ଗାଲୁରୁ ଦଳ ଗତକାଲି ପ୍ରଥମ ଥର ଲାଗି ଆଇପିଏଲ ଚାମ୍ପିଅନ୍ ହୋଇଥିଲା। ଏହି ଅବସରରେ ବିଜୟ ଉତ୍ସବ ପାଳନ ଲାଗି ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରାଜ୍ୟ କ୍ରିକେଟ ଆସୋସିଏସନ ପକ୍ଷରୁ ଭବ୍ୟ ସମାରୋହର ଆୟୋଜନ କରାଯାଇଥିଲା। ଷ୍ଟାଡିୟମରେ ଉତ୍ସବ ଦେଖିବାଲାଗି ଟିକଟ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଷ୍ଟାଡିମୟ ଜନସମୁଦ୍ର ପାଲଟିଥିଲା। ଆଇପିଏଲ୍ ଟ୍ରଫି ଏବଂ ଏହାକୁ ଜିତାଇଥିବା କ୍ରିକେଟ ତାରକାଙ୍କୁ ଦେଖିବା ଲାଗି ହଜାର ହଜାର ଲୋକ ମାଡ଼ି ଆସିଥିଲେ। ସେଠାରେ ବ୍ୟାପକ ପୁଲିସ ମୁତୟନ ସତ୍ତ୍ୱେ ଭିଡ଼କୁ ନିୟନ୍ତ୍ରଣ କରିବା ସେମାନଙ୍କ ପାଇଁ ଅସମ୍ଭବ ହୋଇପଡ଼ିଥିଲା। କେତେକ ସୂତ୍ରରୁ ପ୍ରକାଶ ଯେ ବର୍ଷା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସର ଲାଠିମାଡ଼ ଯୋଗୁଁ ଦଳାଚକଟା ଘଟିଲା ବୋଲି କୁହାଯାଉଥିବା ବେଳେ ପ୍ରାଥମିକ ରିପୋର୍ଟ କିନ୍ତୁ ଭିନ୍ନ ତଥ୍ୟ ଦେଉଛି। ପ୍ରାଥମିକ ଅନୁସନ୍ଧାନ ରିପୋର୍ଟ ଅନୁଯାୟୀ ଷ୍ଟାଡିୟମ ▸ପୃଷ୍ଠା-୭



# ଭୁଲ୍ ଇଞ୍ଜେକ୍‌ସନ୍ ନେଲା ୬ ଜୀବନ !

## କୋରାପୁଟ ବଡ଼ ମେଡିକାଲରେ ଅଘଟଣ

■ **କୋରାପୁଟ, ୪।୬ (ସମିସ):** ମାତ୍ର ଅଳ୍ପ ସମୟ ବ୍ୟବଧାନରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ମଙ୍ଗଳବାର ରାତିରେ ୬ ଜଣ ରୋଗୀଙ୍କ ମୃତ୍ୟୁ ଘଟିଛି। ଭୁଲ୍ ଇଞ୍ଜେକସନ ଯୋଗୁଁ ରୋଗୀମାନଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଅଧିକ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ମେଡିକାଲ କଲେଜ ଫାଟକ ଆଗରେ ଧାରଣା ଦେବା ସହ ମେଡିକାଲ କଲେଜ ଡିନ୍‌ଙ୍କୁ ଭିତରକୁ ପ୍ରବେଶ କରାଇ ଦେଇ ନ ଥିଲେ। ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଲୋକେ ଶାନ୍ତ ପଡ଼ିଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଏହି ଘଟଣା ନେଇ ବିଜୁ ଜନତା ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ସରକାର ଏହି ଘଟଣାରେ ଶ୍ୱେତପତ୍ର ପ୍ରକାଶ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ଦାବି କରିଛି।



### ଫାଟକ ଆଗରେ ଉତ୍ତ୍ୟକ୍ତ ଲୋକଙ୍କ ଧାରଣା

### ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ

ଅଭିଯୋଗ ଅନୁଯାୟୀ, ବାଇକ୍ ଦୁର୍ଘଟଣାରେ ଗୁରୁତର ଭଗବାନ ପରଜା (୩୮), ଅଟୋ ଦୁର୍ଘଟଣାରେ ଆହତ ଜଗନ୍ନାଥ ପୂଜାରୀ, ଛୁରା ମାଡ଼ରେ ଆହତ ରୁକୁଣି ପେଣ୍ଟିଆ(୪୭) ଓ ସୁଖରାମ ମାଝୀ, କ୍ୟାନ୍ସର ଆକ୍ରାନ୍ତ ବତି ଖରା ଓ ଦୁର୍ଘଟଣାରେ ଆହତ କଳାହାଣ୍ଡି ଜିଲ୍ଲା ▸ପୃଷ୍ଠା-୭

## ତଦନ୍ତ ପାଇଁ ଯିବ ୫ ଜଣିଆ ଟିମ୍

■ **ଭୁବନେଶ୍ୱର, ୪।୬(ସମିସ):** କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭୁଲ୍ ଇଞ୍ଜେକସନ୍ ଯୋଗୁ ୬ଜଣଙ୍କ ମୃତ୍ୟୁ ଅଭିଯୋଗ ଘଟଣାର ତଦନ୍ତ ପାଇଁ ଡାକ୍ତରୀ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶକ (ଡିଏମ୍‌ଇଟି) ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ବ୍ରହ୍ମପୁର ଏମ୍‌କେସିଜିରୁ ୩ ଓ କଟକ ଏସସିବିରୁ୨ ଜଣ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଆସନ୍ତାକାଲି ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଡିଏମ୍‌ଇଟି ସନ୍ତୋଷ ମିଶ୍ର ସୂଚନା ଦେଇଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ ଦିଆଯାଇଥିବା ଔଷଧ ଓ ଇଞ୍ଜେକ୍ସନ୍ ପାର୍ଶ୍ୱ ପ୍ରତିକ୍ରିୟା ହୋଇଛି ନା ସ୍ୱାଭାବିକ ମୃତ୍ୟୁ ଘଟିଛି, ସେନେଇ ଟିକିନିଖି ତଦନ୍ତ କରାଯିବା ସହ ରୋଗୀଙ୍କୁ ଦିଆଯାଇଥିବା ଔଷଧଗୁଡ଼ିକର ମାନ ମଧ୍ୟ ଯାଞ୍ଚ କରାଯିବ। ତଦନ୍ତ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ୨୦୨୬ ଅକ୍ଟୋବରରୁ ଜନଗଣନା

## ଦୁଇଟି ପର୍ଯ୍ୟାୟରେ ହେବ

## ଜନଗଣନାରେ ସାମିଲ ହେବ ଜାତିଭିତ୍ତିକ ତଥ୍ୟ

■ **ନୂଆଦିଲ୍ଲୀ, ୪।୬ (ଏଜେନ୍ସି):** ବହୁପ୍ରତୀକ୍ଷିତ ୧୬ ତମ ଜାତୀୟ ଜନଗଣନା ସହ ସ୍ୱାଧୀନ ଭାରତର ପ୍ରଥମ ଜାତିଭିତ୍ତିକ ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟରେ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ-କଶ୍ମୀର ଓ ଲଦାଖ ଭଳି ପାର୍ବତ୍ୟାଞ୍ଚଳ ଏବଂ ବରଫାବୃତ ଅଞ୍ଚଳଗୁଡ଼ିକରେ ୨୦୨୬ ଅକ୍ଟୋବର ପହିଲାରୁ ଜନଗଣନା ଆରମ୍ଭ କରାଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜି ଏହି ଘୋଷଣା କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ସମେତ ଦେଶର ଅବଶିଷ୍ଟ ଅଞ୍ଚଳରେ ୨୦୨୭ ମାର୍ଚ୍ଚ ପହିଲାରୁ ଜନଗଣନା ଆରମ୍ଭ କରାଯିବ। ଦେଶର ଏହି ସର୍ବବୃହତ୍ତ ଅଭିଯାନ ତିନି ବର୍ଷ ଧରି ଚାଲିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।

ଜାତିଭିତ୍ତିକ ଜନଗଣନା କରିବା ଲାଗି କେନ୍ଦ୍ର କ୍ୟାବିନେଟର ରାଜନୈତିକ ବ୍ୟାପାର କମିଟିରେ ସ୍ଥିର କରାଯାଇଥିଲା। ଏହାର ଗୋଟିଏ ମାସ ପରେ ସରକାର ଜନଗଣନା ପାଇଁ ତାରିଖ ଘୋଷଣା କରିଛନ୍ତି। ଚଳିତ ମାସ ୧୬ ତାରିଖରେ ଏ ସଂପର୍କରେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇବ। ଜନଗଣନା ଆଇନ, ୧୯୪୮ ଏବଂ ଜନଗଣନା ନିୟମ, ୧୯୯୦ ଅନୁଯାୟୀ ଏହି ଅଭିଯାନର ଆୟୋଜନ କରାଯାଉଛି। ଶେଷ ଥର ଲାଗି ୨୦୧୧ରେ ଜନଗଣନା କରାଯାଇଥିଲା। ଏହା ଦୁଇଟି ପର୍ଯ୍ୟାୟରେ ହୋଇଥିଲା। ୨୦୨୧ରେ ମଧ୍ୟ ଦୁଇଟି ପର୍ଯ୍ୟାୟରେ ଜନଗଣନା ଲାଗି ଯୋଜନା କରାଯାଇଥିଲା। ଯୋଜନା ଅନୁଯାୟୀ ୨୦୨୦ ଏପ୍ରିଲ- ▸ପୃଷ୍ଠା-୭



# ଜୁଲାଇ ୧୧ରୁ ସଂସଦର ମୌସୁମୀ ଅଧିବେଶନ




■ **ନୂଆଦିଲ୍ଲୀ, ୪।୬ (ଏଜେନ୍ସି):** ସଂସଦର ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨୧ ତାରିଖରୁ ଆରମ୍ଭ ହେବ। ଏହା ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଅଧିବେଶନରେ ସରକାର ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିୟମ ଓ ପରଂପରା ଅନୁଯାୟୀ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି। ସଂସଦର ପ୍ରତ୍ୟେକଟି ଅଧିବେଶନ ଗୁରୁତ୍ୱପୂର୍ଣ୍ଣ ଅଟେ। ତେବେ କେଉଁ ପ୍ରସଙ୍ଗରେ କେବେ ଆଲୋଚନା ହେବ, ତାହା ସଂସଦର କାର୍ଯ୍ୟ ଉପଦେଷ୍ଟା କମିଟି ସ୍ଥିର କରିବ। ପହଲଗାମ ଆକ୍ରମଣ ଏବଂ ଏହାପରେ ଅପରେସନ ସିନ୍ଦୂରକୁ ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବା ଲାଗି ବିରୋଧୀ ଦଳ ▸ପୃଷ୍ଠା-୭

# ବଢୁଛି 'ଉଷ୍ମଘାତ' ଆଶଙ୍କା

**୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ ତାପମାତ୍ରା**

■ **ଭୁବନେଶ୍ୱର, ୪।୬ (ସମିସ):** ରାଜ୍ୟରେ ଜାରି ରହିଛି ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି। ଯଦିଓ କିଛି କିଛି ସ୍ଥାନରେ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହେଉଛି, ମାତ୍ର ତାପମାତ୍ରାକୁ ରୋକିବାରେ ଏହା ସଫଳ ହୋଇନାହିଁ। ଆର୍ଦ୍ରତା ପରିମାଣ ଅଧିକ ରହୁଥିବାରୁ ସକାଳୁ ପ୍ରବଳ ଗୁଳୁଗୁଳି ଆରମ୍ଭ ହୋଇଯାଉଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଏହି ସ୍ଥିତିରେ ପରିବର୍ତ୍ତନ ଆସିବାର ସମ୍ଭାବନା ନାହିଁ ଓ ୭ ତାରିଖରୁ ୧୦ ତାରିଖରୁ ପ୍ରଚଣ୍ଡ ଗରମ ଓ ଗୁଳୁଗୁଳି ଯୋଗୁଁ 'ଉଷ୍ମ ଘାତ' ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ସତର୍କତା ଅବଲମ୍ବନ କରିବା ପାଇଁ ପାଣିପାଗ ବିଜ୍ଞାନୀମାନେ ପରାମର୍ଶ ଦେଇଛନ୍ତି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ସପ୍ତାହରେ ଓଡ଼ିଶା ଓ ସଂଲଗ୍ନ ରାଜ୍ୟ ସହିତ ସମସ୍ତ କେନ୍ଦ୍ରୀୟ ଓ ଉତ୍ତର ଭାରତରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି। ଜୁନ୍ ୭ରୁ ଜୁନ୍ ୧୦ ମଧ୍ୟରେ ଚଳିତ ବର୍ଷର ସବୁଠାରୁ ଉତ୍ତପ୍ତ ▸ପୃଷ୍ଠା-୭




**୭ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରଚଣ୍ଡ ଗରମ ଓ ଗୁଳୁଗୁଳି**

# ୨୭ ରାଜ୍ୟକୁ ବ୍ୟାପିଛି କରୋନାର ନୂଆ ପ୍ରଜାତି

**୪୩୦୨ ରୋଗୀ ଚିକିତ୍ସାଧୀନ; ୪୪ ମୃତ**

**ହିମାଚଳରେ ମାସ୍କ ବାଧ୍ୟତାମୂଳକ**


■ **ନୂଆଦିଲ୍ଲୀ, ୪।୬ (ଏଜେନ୍ସି):** ଦେଶରେ କରୋନା ରୋଗୀଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୩୦୦ ରୋଗୀ ଚିହ୍ନଟ ହୋଇଛନ୍ତି। ଗୁଜରାଟରୁ ସର୍ବାଧିକ ୧୦୮, ମହାରାଷ୍ଟ୍ରରୁ ୮୬ ମାମଲା ସାମ୍ନାକୁ ଆସିଛି। ଏଥିସହିତ ମୋଟ ରୋଗୀସଂଖ୍ୟା ୪୩୦୨ ରେ ପହଞ୍ଚି ଯାଇଛି। କରୋନାର ନୂଆ ପ୍ରଜାତି ୨୭ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ବ୍ୟାପି ଗଲାଣି। ତେବେ ୯ ରାଜ୍ୟରୁ ଏ ପର୍ଯ୍ୟନ୍ତ ଗୋଟିଏ ବି ମାମଲା ଆସିନାହିଁ। କେରଳରେ ସର୍ବାଧିକ ୧୩୭୩ ରୋଗୀ ଏବଂ ମହାରାଷ୍ଟ୍ରରେ ▸ପୃଷ୍ଠା-୭



# ଅକଳରେ ରାଜ୍ୟ ବିଜେପି ନେତୃତ୍ୱ

**ଜୟ 'ହରିକାଠ'**

## ଗତ ନିର୍ବାଚନରେ ପ୍ରାର୍ଥୀ ମନୋନୟନରେ ହୋଇଛି ପାତରଅନ୍ତର




### ସଠିକ୍ ପ୍ରାର୍ଥୀ ଦିଆଯାଇଥିଲେ ୩ ସ୍ୱାଧୀନ ପ୍ରାର୍ଥୀ ଜିତି ନ ଥା'ନ୍ତେ

### ଜୟନାରାୟଣ ମିଶ୍ରଙ୍କ ପଛରେ ଦଳର ଏକ ଶକ୍ତିଶାଳୀ ଗୋଷ୍ଠୀ

### ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ବୋର୍ଡ ଓ ନିଗମକୁ ନେଇ ଅସନ୍ତୋଷ

■ **ଭୁବନେଶ୍ୱର, ୪।୬ (ସମିସ):** ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷପୂର୍ତ୍ତିକୁ ମହା ଆଡ଼ମ୍ବରରେ ପାଳନ ପାଇଁ ବିଶାଳ ପ୍ରସ୍ତୁତି ଚଳାଇଥିବା ରାଜ୍ୟ ବିଜେପି ନେତୃତ୍ୱକୁ 'ହରିକାଠ'ରେ ଛନ୍ଦି ଦେଇଛନ୍ତି ଦଳର ବରିଷ୍ଠ ନେତା ଜୟନାରାୟଣ ମିଶ୍ର। ଗଲା ନିର୍ବାଚନ ସମୟରେ ପ୍ରାର୍ଥୀ ମନୋନୟନରେ ପାତରଅନ୍ତର କରାଯାଇଥିବା ଉଲ୍ଲେଖ କରି ଜୟନାରାୟଣ ଦଳର ରାଜ୍ୟ ନେତୃତ୍ୱଙ୍କୁ ଅଙ୍ଗୁଳିନିର୍ଦ୍ଦେଶ କରିଛନ୍ତି। ଅନ୍ୟପକ୍ଷରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ମଧ୍ୟ ସେ ସରକାରଙ୍କୁ ତେରଛା ବାଣ ମାରିଛନ୍ତି। ଦଳର ରାଜ୍ୟ ମୁଖ୍ୟ ଓ ଶାସନ ମୁଖ୍ୟଙ୍କ ଉଦ୍ଦେଶ୍ୟରେ ଜୟନାରାୟଣଙ୍କ ଏହି ଶବ୍ଦ ଶର ଶାସକ ଦଳରେ ଆଲୋଡ଼ନ ସୃଷ୍ଟି କରିଛି।

ଜୟନାରାୟଣ କହିଛନ୍ତି ଯେ ଗତ ସାଧାରଣ ନିର୍ବାଚନରେ ଦଳ ସଠିକ୍ ପ୍ରାର୍ଥୀ ଦେଇନଥିଲା। ଏକଥା ମୁଁ ବାରମ୍ବାର କହିଛି; ହେଲେ କେହି ଶୁଣୁନାହାନ୍ତି। ଜୟଙ୍କ ଏପରି ବୟାନ କାହା ଆଡ଼କୁ ଇଙ୍ଗିତ କରୁଛି ତାହା ଅଛପା ନ ଥିଲେ ହେଁ, ରାଜନୈତିକ ମହଲରେ ତାଙ୍କର ମନ୍ତବ୍ୟ ଏକ ନୂଆ ସମୀକରଣର ଆଭାସ ଦେଉଛି। ଜୟଙ୍କ ଟିପ୍ପଣୀ ପଛରେ କି ଉଦ୍ଦେଶ୍ୟ ରହିଛି, ତାହାକୁ ନେଇ ଏବେ ଦଳୀୟ ନେତା ତର୍ଜମା ଆରମ୍ଭ କରିଛନ୍ତି। ଦଳର ଅନେକ ନେତା ଓ ବିଧାୟକ ଜୟଙ୍କୁ ସମର୍ଥନ କରୁଥିବା ମଧ୍ୟ ଆଲୋଚନା ହେଉଛି। ▸ପୃଷ୍ଠା-୭

## ମହାଲକ୍ଷ୍ମୀଙ୍କ ଆରାଧନାର ପର୍ବ
# ସୁଦଶା ବ୍ରତ



ଉତ୍କଳୀୟ ସଂସ୍କୃତିରେ ଓଷା ବ୍ରତର ଖୁବ୍ ଗୁରୁତ୍ୱ ରହିଛି । ଧନଧାନ୍ୟ ଓ ଶ୍ରୀ ବୃଦ୍ଧି ପାଇଁ ସମସ୍ତେ ମାତା ଲକ୍ଷ୍ମୀଙ୍କୁ ଆରାଧନା ତଥା ଉପାସନା କରିଥାନ୍ତି । ମହାଲକ୍ଷ୍ମୀଙ୍କର ବିଭିନ୍ନ ବ୍ରତ ମଧ୍ୟରେ ସୁଦଶା ବ୍ରତ ଅନ୍ୟତମ । ପରିବାର ପାଇଁ ସୁ-ଦଶା ଅର୍ଥାତ୍ ଭଲ ସମୟ କାମନା କରି ଓଡ଼ିଆ ଘରର ସଧବା ମହିଳାମାନେ ମା’ ଲକ୍ଷ୍ମୀଙ୍କର ଏହି ବ୍ରତ କରିଥାନ୍ତି । ପଦ୍ମ ପୁରାଣ ଅନୁସାରେ, ଯେକୌଣସି ମାସର ଶୁକ୍ଳପକ୍ଷ ଦଶମୀ ଗୁରୁବାରରେ ପଡ଼ିଲେ ସୁଦଶା ବ୍ରତ ପାଳନ ହୁଏ । ଏ ବ୍ରତ ଥରେ ଆରମ୍ଭ କଲେ ଆଜୀବନ କରିବାକୁ ହୁଏ । ଐଶ୍ୱର୍ଯ୍ୟର ଦେବୀ ମହାଲକ୍ଷ୍ମୀଙ୍କ ଆରାଧନାର ପର୍ବ ସୁଦଶା ବ୍ରତ ନିଷ୍ଠା ଓ ଭକ୍ତିମୟ ପରିବେଶରେ ଆମ ରାଜ୍ୟର ପୁରପଲ୍ଲୀରେ ପାଳିତ ହୋଇଥାଏ । ସୁଦଶାର ଅର୍ଥ ଭଲ ସମୟ କିନ୍ତୁ ପଲ୍ଲୀ ମାନସରେ ସମ୍ଭବତଃ ସୁଦଶା ଶବ୍ଦ ସହିତ ଦଶ ସଂଖ୍ୟାଟି ସଂଯୋଜିତ ହୋଇ ଆସିଅଛି । ସେଥିପାଇଁ ସୁଦଶା ବ୍ରତରେ ଦଶ ପାଖୁଡ଼ା ପଦ୍ମ, ଦଶବର୍ଣ୍ଣ ମୁରୁଜ, ଦଶମୁଖୀ ଦୀପ, ଦଶମୁଠି ଚାଉଳ, ଦଶମେଞ୍ଚା କଦଳୀ, ଦଶଗୋଟି ମଣ୍ଡାରେ ମା’ ଲକ୍ଷ୍ମୀଙ୍କୁ ପୂଜା କରାଯାଏ । ଏଥିରେ ଦେବୀ ଲକ୍ଷ୍ମୀଙ୍କୁ ପୂଜା କରି ମହିଳାମାନେ ତାଙ୍କ ନାମରେ ନିଜର ଡାହାଣ ବାହୁରେ ଗୋଟିଏ ବ୍ରତ ବା ଡୋରକ ପିନ୍ଧି ଥାଆନ୍ତି । ଏହି ବ୍ରତରେ ଦଶଟି ଗଣ୍ଠି ପଡ଼ିଥାଏ । ବ୍ରତର ବିଧି ଅନୁସାରେ, ଦଶଖିଅ ଧଳାସୂତାରେ ବ୍ରତସୂତା ପ୍ରସ୍ତୁତ ହୁଏ । ଦଶହାତ ମାପର ସୂତାକୁ ତ୍ରିଗୁଣ ବା ତିନିଖିଅ କରି ବଳି, ଏହି ବ୍ରତ ପ୍ରସ୍ତୁତ କରାଯାଏ । ପ୍ରଥମେ ଧଳାବ୍ରତକୁ ହଳଦୀ ପାଣିରେ ବୁଡ଼ାଯାଇ ସେଥିରେ ୧୦ଟି ଗଣ୍ଠି ପକାଯାଇଥାଏ । ଏହାର ପ୍ରତ୍ୟେକ ଗଣ୍ଠିରେ ଲକ୍ଷ୍ମୀଙ୍କ ବିଭିନ୍ନ ନାମ ଉଚ୍ଚାରଣ କରାଯାଏ । ତେବେ ୧୦ଟି ଗଣ୍ଠିର ନାମ ହେଲା, ଲକ୍ଷ୍ମୀ ନାରାୟଣୀ, କମଳିନୀ, ଶ୍ରୀହରିପ୍ରିୟା, ପଦ୍ମାଳୟା, କମଳା, ଚଞ୍ଚଳା, ବିଘ୍ନସେନୀ, ସିନ୍ଧୁର ଦୁଲ୍ଲଣୀ, ଦୁର୍ଗତି ନାଶିନୀ, ବିଷ୍ଣୁ ପାଟରାଣୀ । ସେହି ବ୍ରତକୁ ପରବର୍ତ୍ତୀ ସୁଦଶା ବ୍ରତ ପର୍ଯ୍ୟନ୍ତ ବାହୁରେ ଧାରଣ କରାଯାଏ । ଏହି ଦିନ ସକାଳୁ ସକାଳୁ ଉଠି ସଧବା ନାରୀମାନେ ଘର ଦ୍ୱାର ଲିପା ପୋଛା କରନ୍ତି । ଘର ଦୁଆର ମୁହଁରେ ଝୋଟି ଚିତା ଆଙ୍କନ୍ତି । ସମସ୍ତ ରୀତିନୀତି ସହ ବିଭିନ୍ନ ପ୍ରକାରର ପିଠାପଣା କରି ପୂଜା ପାଠ କରିଥାନ୍ତି । ଛେନାପୁର ବା ଶୁକ୍ଳ ମୁଗ ଓ ନଡ଼ିଆପୁର ଦେଇ ଦଶଟି ଶୁକ୍ଳମଣ୍ଡା ବା ସିଝାମଣ୍ଡା ପ୍ରସ୍ତୁତ କରି ଦେବୀ ଲକ୍ଷ୍ମୀଙ୍କୁ ଭୋଗ ଦିଆଯାଏ । ଲକ୍ଷ୍ମୀଙ୍କୁ ପୂଜା କରିବା ଦ୍ୱାରା ଧନ, ସମ୍ପତ୍ତି, ସୁଖ ସମୃଦ୍ଧିରେ ଘର ପୁରି ଉଠେ ବୋଲି ବିଶ୍ୱାସ ରହିଛି । ପୌରାଣିକ ମତରେ, ଏହି ବ୍ରତ ପ୍ରଥମେ ବିଧର୍ବ ଦେଶର ରାଜା ନଳଙ୍କ ପାଟରାଣୀ ଦମୟନ୍ତୀ ଆରମ୍ଭ କରିଥିଲେ । ସେହିଦିନଠାରୁ ସବୁ ବିବାହିତା ନାରୀମାନେ ଏହି ବ୍ରତ ପାଳନ କରୁଛନ୍ତି । ପୌରାଣିକ କଥା ଅନୁସାରେ, ଦୀକ୍ଷା ବ୍ରାହ୍ମଣୀ ନଦୀରୁ ଜଳ ଆଣିବା ସମୟରେ ନିଜ ବ୍ରତଟିକୁ ହଜାଇ ଦେଇଛନ୍ତି । ବ୍ରତ ହରାଇ ବିକଳ ଭାବେ କ୍ରନ୍ଦନ କରୁଥିବା ବେଳେ ନଳ ରାଜା ତାଙ୍କର ଦୁଃଖ ଦୂର କରିବା ପାଇଁ ସତ୍ୟବଦ୍ଧ ହୋଇ ନିଜ ରାଣୀଙ୍କ ଠାରୁ ବ୍ରତ ଆଣି ବ୍ରାହ୍ମଣୀଙ୍କୁ ଦେଇଛନ୍ତି । ବ୍ରତଟି ଲକ୍ଷ୍ମୀଙ୍କ ପ୍ରତୀକ ହୋଇଥିବାରୁ ବ୍ରତଦାନ କଲେ ଲକ୍ଷ୍ମୀଛଡ଼ା ହେବାର କଥିତ ଥିବାରୁ ରାଣୀ ଅତ୍ୟନ୍ତ କୁଣ୍ଠାର ସହ ବ୍ରତଟିକୁ ଦେଇଛନ୍ତି । ବ୍ରତଦାନ ପରେ ତାଙ୍କର ସକଳ ସମ୍ପଦ, ସୁଖ, ଐଶ୍ୱର୍ଯ୍ୟ ଅପହୃତ ହୋଇ ରାଜା ଓ ରାଣୀ ଲକ୍ଷ୍ମୀଛଡ଼ା ଓ ଶ୍ରୀହୀନ ହୋଇ ପଡ଼ିଛନ୍ତି । ଯାବତୀୟ ଦୁଃଖ ଦୁର୍ଦ୍ଦଶା ଭୋଗ କଲାପରେ ରାଣୀ ପୁନଶ୍ଚ ଯଥାବିଧି ସୁଦଶା ବ୍ରତ ପାଳନ କରିବାପରେ ସେମାନଙ୍କର ସମସ୍ତ ଅପହୃତ ସୁଖ ସୌଭାଗ୍ୟ ଫେରି ଆସିଛି ।

# ସେଲିବ୍ରିଟି ସୋଫା



ଇଂଲଣ୍ଡର ଲିଡ୍‌ବ୍ରୁକ୍ ଗାଁରେ ଏପ୍ରିଲ ପ୍ରାରମ୍ଭରେ ଏକ ପୁରୁଣା ଦୁଇ ସିଟ୍ ବିଶିଷ୍ଟ ସୋଫାକୁ ଅଳିଆଗଦାରେ ଫିଙ୍ଗି ଦିଆଯାଇଥିଲା । ହେଲେ ଏବେ ଏହି ସୋଫାଟି ଗାଁର ପ୍ରମୁଖ ଆକର୍ଷଣ ପାଲଟିଛି । କହିବାକୁ ଗଲେ ଏହି ସୋଫା ଏବେ ଏକପ୍ରକାର ସେଲିବ୍ରିଟି ପାଲଟିଛି । ଲୋକେ ଏହାସହ ଫଟୋ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ସେୟାର୍ କରୁଛନ୍ତି । ସ୍ଥାନୀୟ ଅଞ୍ଚଳର ଫଟୋଗ୍ରାଫର ଏଲେକ୍ସ ଏଲଟନ ବଲ୍ ଏହି ସୋଫାକୁ ଏମିତି ଏକ ନୂଆ ପରିଚୟ ପ୍ରଦାନ କରିଛନ୍ତି । ସେ ୧୫୦ରୁ ଅଧିକ ଲୋକଙ୍କ ଫଟୋ ଉତ୍ତୋଳନ ଏହି ସୋଫା ସହିତ କରାଇଛନ୍ତି । ଏଲେକ୍ସ କହିଛନ୍ତି, ‘ଅଳିଆଗଦାରେ ପଡ଼ିଥିବା ଏହି ସୋଫାଟି ଏବେ ଏକ ମଜାଦାର ଜିନିଷ ପାଲଟିଛି । ଗାଁ ଲୋକଙ୍କଠାରୁ ଆରମ୍ଭ କରି କୁକୁର, ବିଲେଇ ବି ସୋଫାରେ ଫଟୋ ଉଠାଇଥିବାର ଦେଖାଯାଇଛି ।’ ସେହିପରି ଏହି ଅବ୍ୟବହୃତ ସୋଫା ସହିତ ଫଟୋ ଉଠାଇବାକୁ ସେ ସାମାଜିକ ଗଣମାଧ୍ୟମରେ ଲୋକଙ୍କୁ ଅନୁରୋଧ କରିଥିଲେ । ଏହି ସୋଫାର ବି ଏକ ନିଜସ୍ୱ ଫେସ୍‌ବୁକ୍ ପେଜ୍ ଅଛି । ଏହାର ନାଁ ‘ଲିଡ୍‌ବ୍ରୁକ୍ ଲାଉଞ୍ଜ ।’ ତେବେ ଏଲେକ୍ସ ଏସମସ୍ତ ଫଟୋକୁ ଫଟୋବୁକ୍‌ରେ ପ୍ରକାଶିତ କରିବେ । ଫଟୋଗୁଡ଼ିକୁ ଜୁଲାଇରେ ବିକ୍ରି କରାଯିବ । ଏଥିରୁ ଯାହା ରୋଜଗାର ହେବ, ତାହା ଗାଁର ଖେଳ ପଡ଼ିଆରେ ବିଭିନ୍ନ ପ୍ରକାରର ଉପକରଣ ଲଗାଯିବା ପାଇଁ ଖର୍ଚ୍ଚ କରାଯିବ ବୋଲି ଏଲେକ୍ସ କହିଛନ୍ତି । ଏଲେକ୍ସ କହିଛନ୍ତି, ‘ସେ ଅଳିଆ ଆବର୍ଜନାକୁ ଏଣେତେଣେ ଫିଙ୍ଗିବା ବିରୋଧୀ । ସୋଫାକୁ ଠିକ୍ ଭାବେ ହଟାଯିବ । କିନ୍ତୁ ଏହି ସୋଫା ଗ୍ରାମବାସୀଙ୍କୁ ଏକଜୁଟ୍ କରିଛି ଏବଂ ସେମାନଙ୍କୁ ଏକ ଅଭୁଲା ସ୍ମୃତି ବି ପ୍ରଦାନ କରିବାରେ ସଫଳ ହୋଇଛି ।’

# ବିଶ୍ୱ ପରିବେଶ ଦିବସ



ପ୍ରକୃତି ବିନା ମାନବ ଜୀବନ ସମ୍ଭବ ନୁହେଁ, କିନ୍ତୁ ଏହା ସତ୍ତ୍ୱେ ବିକାଶ ଆଳରେ ଆମେ ପରିବେଶର କ୍ଷତି କରି ଚାଲିଛୁ । ପ୍ରକୃତିର ସୁରକ୍ଷା ସହିତ ସାରା ଜୀବଜଗତ ପାଇଁ ଏକ ସୁସ୍ଥ ପରିବେଶ ବଜାୟ ରଖିବାକୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଉଛି । ପ୍ରକୃତି ଓ ମନୁଷ୍ୟ ପରସ୍ପରର ପରିପୂରକ । ପ୍ରାଣୀଜଗତର ଶ୍ରେଷ୍ଠ ଜୀବ ମନୁଷ୍ୟ ହିଁ ପ୍ରକୃତିର ସୁରକ୍ଷା କରିପାରିବ । ବିଶ୍ୱସ୍ତରରେ ପରିବେଶ ପ୍ରତି ରାଜନୈତିକ ତଥା ସାମାଜିକ ଜାଗରଣ ସୃଷ୍ଟି କରିବା ନିମନ୍ତେ ବିଶ୍ୱ ପରିବେଶ ଦିବସ ପାଳନ କରିବା ପାଇଁ ମିଳିତ ଜାତିସଂଘ ୧୯୭୨ ମସିହାରେ ଘୋଷଣା କରିଥିଲା । ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ୧୯୭୨ ମସିହା ଜୁନ୍ ୫ ତାରିଖରୁ ଜୁନ୍ ୧୬ ଯାଏଁ ଆୟୋଜିତ ବିଶ୍ୱ ପରିବେଶ ସମ୍ମିଳନୀରେ ଆଲୋଚନା ପରେ ଏହା ଘୋଷଣା କରାଯାଇଥିଲା । ୧୯୭୪ ମସିହା ଜୁନ୍ ୫ ତାରିଖରେ ପ୍ରଥମ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା । ପରିବେଶ ପ୍ରତି ସଚେତନତା ସୃଷ୍ଟି କରିବା ଓ ପରିବେଶ ସୁସ୍ଥ ରହିଲେ ହିଁ କିପରି ଏ ଜୀବଜଗତ ତିଷ୍ଠି ରହିବ ସେଥିପ୍ରତି ଲୋକଙ୍କୁ ସଚେତନ କରାଇବା ଆଶାରେ ଏହି ଦିବସଟିକୁ ବିଶ୍ୱ ପରିବେଶ ଦିବସ ରୂପେ ପ୍ରତିବର୍ଷ ପାଳନ କରାଯାଏ । ବିଶ୍ୱର ପ୍ରାୟ ୧୪୩ଟି ରାଷ୍ଟ୍ରରେ ଏହି ଦିବସ ପାଳନ କରାଯାଇଥାଏ । ମାନବ ଜୀବନର ନିରାପତ୍ତା ପାଇଁ ପରିବେଶକୁ ସୁରକ୍ଷିତ ରଖିବା ନିହାତି ଜରୁରୀ । ଆଧୁନିକତା ଆଡ଼କୁ ଗତି କରୁଥିବା ବିଶ୍ୱରେ ବିକାଶର ଦାହି ଦେଇ ଆମେ ଏପରି ଅନେକ ଜିନିଷ ବ୍ୟବହାର କରିବା ଆରମ୍ଭ କରିଛୁ, ଯାହା ପୃଥିବୀ ଏବଂ ପରିବେଶ ପାଇଁ ଘାତକ ସାଜୁଛି । ମଣିଷ ଏବଂ ପରିବେଶ ମଧ୍ୟରେ ଏକ ଗଭୀର ସଂଯୋଗ ରହିଛି । ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ । କିନ୍ତୁ ଏ ମଣିଷ ହିଁ ଏହି ପ୍ରକୃତିର କ୍ଷତି କରୁଛି । ପରିବେଶ କ୍ରମାଗତ ଭାବରେ ପ୍ରଦୂଷିତ ହେଉଛି, ଯାହା ଜନଜୀବନକୁ ପ୍ରଭାବିତ କରିବା ସହିତ ପ୍ରାକୃତିକ ବିପର୍ଯ୍ୟୟର କାରଣ ପାଲଟିଛି । ଗଛ କାଟିବା, କଳକାରଖାନାରୁ ନିର୍ଗତ ଧୂଆଁ ଓ ଯାନବାହନର ପ୍ରବଳ ବ୍ୟବହାର ଯୋଗୁଁ ପରିବେଶ ପ୍ରଦୂଷଣ ବହୁମାତ୍ରାରେ ବଢ଼ିଛି । ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ହିଁ ପରିବେଶ ପ୍ରଦୂଷଣର ଅନ୍ୟ ଏକ କାରଣ ହୋଇ ଛିଡ଼ାହୋଇଛି । ସୁସ୍ଥ ସମାଜ ଗଠନ କରିବାକୁ ହେଲେ ଆମ ପରିବେଶକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବାକୁ ପଡ଼ିବ । ମଣିଷ ଯଦି ନିଜ ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବାକୁ ଯଥାସାଧ୍ୟ ପ୍ରଯତ୍ନ କରେ, ତେବେ ପ୍ରକୃତିରାଣୀ ହସି ଉଠିବ । ଅନ୍ୟଥା ଏହା ମଣିଷର ପ୍ରତିଟି ପରିବେଶ ପ୍ରତିକୂଳ ପଦକ୍ଷେପର ହିସାବ ନେବ ଏବଂ ପ୍ରତିକ୍ରିୟା ପ୍ରକାଶ କରିବ । ଏ ପ୍ରତିକ୍ରିୟା ସାମାନ୍ୟ ନୁହେଁ, ବରଂ ଅତ୍ୟନ୍ତ ଭୟଙ୍କର ହେବ, ଯାହା ଜଳବାୟୁ ପରିବର୍ତ୍ତନକୁ ଅସ୍ୱାଭାବିକତା ଭାବେ ବିକୃତ କରିପକାଇବ । ପରିଶେଷରେ ଏହା ବନ୍ୟା, ବାତ୍ୟା, ଭୂମିକମ୍ପ, ମରୁଡ଼ି, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଭଳି ମାନବ ବିଧ୍ୱଂସକାରୀ ଘଟଣାକୁ ବହୁଗୁଣିତ କରିଦେବ । ବିଶ୍ୱ ପରିବେଶ ଦିବସରେ ଆମେ ଏ ଦିଗଗୁଡ଼ିକୁ ଆଉଥରେ ବିଚାର କରି ପ୍ରକୃତି ଓ ପରିବେଶ ସୁରକ୍ଷିତ ରଖିବା ପାଇଁ ବଦ୍ଧପରିକର ହେବା ଜରୁରୀ । ଚଳିତବର୍ଷ ବିଶ୍ୱ ପରିବେଶ ଦିବସର ଥିମ୍ ରହିଛି- “ପ୍ଲାଷ୍ଟିକ୍ ପ୍ରଦୂଷଣକୁ ସମାପ୍ତ କରିବା ।”

# ଅଜୟ ଆଣିବେ ‘ଦୃଶ୍ୟମ୍-୩’




ମାଲାୟାଲମ୍ ସୁପରଷ୍ଟାର୍ ମୋହନଲାଲ ଗତ ଏପ୍ରିଲ୍ ମାସରେ ତାଙ୍କ ଅଭିନୀତ କ୍ରାଇମ୍ ସସ୍‌ପେନ୍ସ ଥ୍ରିଲର୍ ‘ଦୃଶ୍ୟମ୍’ ଫ୍ରାଞ୍ଚାଇଜ୍‌ର ତୃତୀୟ ଫିଲ୍ମ ଆଣିବେ ବୋଲି ଘୋଷଣା କରିଥିଲେ । ସେ ଏହାକୁ ମଲାୟାଲମ୍ ସହ ହିନ୍ଦୀରେ ମଧ୍ୟ ରିଲିଜ୍ କରିବାକୁ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ଅଜୟ ଦେବଗନ୍ ‘ଦୃଶ୍ୟମ୍-୨’ ରିଲିଜ୍ ସମୟରେ ‘ଦୃଶ୍ୟମ୍-୩’ କଥା ଘୋଷଣା କରିଥିଲେ । ଯଦି ମୋହନଲାଲ ‘ଦୃଶ୍ୟମ୍-୩’କୁ ହିନ୍ଦୀରେ ରିଲିଜ୍ କରିବେ ତେବେ ଅଜୟଙ୍କ ଫିଲ୍ମକୁ ବଡ଼ ଧରଣର କ୍ଷତି ସହିବାକୁ ହେବ ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ ଇତିମଧ୍ୟରେ ଅଜୟ ‘ଦୃଶ୍ୟମ୍’ ଫ୍ରାଞ୍ଚାଇଜ୍‌ର ତୃତୀୟ ଫିଲ୍ମ ଆଣିବା ପାଇଁ ଘୋଷଣା କରିଛନ୍ତି । ଅଜୟ ଓ ପାନାରୋମା ଷ୍ଟୁଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ସେୟାର୍ କରି ଏବିଷୟରେ ସୂଚନା ଦେଇଛନ୍ତି । ଏଥିରେ ଅଜୟ ଲିଡ୍ ରୋଲରେ ନଜର ଆସିବେ । ଏହାର ରିଲିଜ୍ ଡେଟ୍ ବିଷୟରେ ବି ଘୋଷଣା କରାଯାଇଛି । ‘ଦୃଶ୍ୟମ୍-୩’ ଆସନ୍ତା ବର୍ଷ ଗାନ୍ଧୀ ଜୟନ୍ତୀ ଅବସରରେ ଆସିବ । ଏଠାରେ ପ୍ରକାଶ ଥାଉ କି, ଅଜୟଙ୍କ ଅଭିନୀତ ‘ଦୃଶ୍ୟମ୍’ ୨୦୧୫ରେ ଆସିଥିଲା । ୨୦୨୨ରେ ‘ଦୃଶ୍ୟମ୍-୨’ ଆସିଥିଲା । ତାଙ୍କର ଦୁଇଟି ଫିଲ୍ମ ମୋହନଲାଲଙ୍କ କ୍ରାଇମ୍ ସସପେନ୍ସ ଥ୍ରୀଲର୍ ‘ଦୃଶ୍ୟମ୍’ର ହିନ୍ଦୀ ରିମେକ୍ ଥିଲା । ଏବେ ମୋହନଲାଲ୍ ‘ଦୃଶ୍ୟମ୍-୩’କୁ ହିନ୍ଦୀରେ ରିଲିଜ୍ କରୁଥିବାରୁ ଏହାର କାହାଣୀରେ ଅଜୟ ପରିବର୍ତ୍ତନ ଆଣିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

## ଆଜିର ଇତିହାସ

- ୧୬୫୯- ମୋଗଲ ସମ୍ରାଟ୍ ଔରଙ୍ଗଜେବ ଦିଲ୍ଲୀ ସିଂହାସନ ଆରୋହଣ କଲେ ।
- ୧୯୧୨- ଆମେରିକା ନୌସେନା କ୍ୟୁବା ଉପରେ ତୃତୀୟ ଥର ପାଇଁ ଆକ୍ରମଣ କଲା ।
- ୧୯୬୭- ଇସ୍ରାଏଲ ମିଶର ଉପରେ ଆକ୍ରମଣ କରି ୪୦୦ ବିମାନ ନଷ୍ଟ କରିଦେଲା ।
- ୧୯୮୯- ‘ତ୍ରିଶୂଳ’ ମିସାଇଲ୍‌ର ସଫଳ ପରୀକ୍ଷଣ ।
- ୨୦୦୫- ତାଇୱାନ୍ ତା’ର ପ୍ରଥମ କ୍ରୁଜ୍ ମିସାଇଲ୍‌ର ସଫଳ ପରୀକ୍ଷା କଲା ।
- ୨୦୧୩- ନୱାଜ୍ ସରିଫ୍ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେଲେ ।

## ଠିଆ ଠିଆରେ ସବୁ କାମ | ଅଜବ ଚ୍ୟାଲେଞ୍ଜ



ସ୍ୱଳ୍ପ ସମୟରେ ଲୋକପ୍ରିୟତା ସାଉଁଟିବା ତଥା ଲୋକଙ୍କ ଦୃଷ୍ଟିଆକର୍ଷଣ କରିବା ପାଇଁ ଅନେକ ଲୋକ ବିଭିନ୍ନ ପ୍ରକାର ଚ୍ୟାଲେଞ୍ଜକୁ ଆପଣାଉଛନ୍ତି । କିଏ ଅଧିକ ଖାଉଛନ୍ତି ତ ଆଉ କିଏ ଅଧିକ ସମୟ ଭୋକିଲା ରହିବା ଦେଖାଯାଉଛି । ଏହି କ୍ରମରେ ଆମେରିକାର ୟୁଟ୍ୟୁବର୍ ଲୁକାସ ବଲ ଲୋକପ୍ରିୟ ହେବା ଲାଗି ଏକ ଅଜବ ଚ୍ୟାଲେଞ୍ଜକୁ ଆପଣାଇଛନ୍ତି । ସେ ଆଦୌ ବସି ନ ରହି ଛିଡ଼ା ହୋଇ ରହିବା ନିଷ୍ପତ୍ତି ନେଲେ । ତାହା ପୁଣି ସପ୍ତାହେ ପର୍ଯ୍ୟନ୍ତ । ଲୁକାସଙ୍କର ୟୁଟ୍ୟୁବ୍‌ରେ ପିଗ୍‌ମି ନାମକ ଚ୍ୟାନେଲ ଅଛି । ସେ ସ୍ଥିର କରିଥିଲେ ଯେ, ସପ୍ତାହେ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୧୬ ଘଣ୍ଟା ନ ବସି ଛିଡ଼ା ହୋଇ ରହିବେ । ତେବେ କାହିଁକି ସେ ଏ ପ୍ରକାର ନିଷ୍ପତ୍ତି ନେଇଥିଲେ ସେକଥା ମଧ୍ୟ କହିଛନ୍ତି । ତାଙ୍କ କହିବା କଥା, ସାଧାରଣତଃ ଶରୀରକୁ ସକ୍ରିୟ ରହିବା ପାଇଁ ଦିନରେ ଦୁଇରୁ ଚାରି ଘଣ୍ଟା ଛିଡ଼ା ହେବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଥାନ୍ତି । ଏହି କଥାକୁ ଦୃଷ୍ଟିରେ ରଖି ଲୁକାସ ଦିନ ତମାମ ଛିଡ଼ା ହେଉଥିଲେ ଏବଂ ରାତିରେ ୮ ଘଣ୍ଟା ଶୋଉଥିଲେ । ତେବେ ଅନ୍ୟ ସମୟରେ ବାଥରୁମ୍ ଯିବା, ଖାଦ୍ୟ ଖାଇବା, ଟିଭି ଦେଖିବା ଆଦି କାମ କେବଳ ସେ ଛିଡ଼ା ହୋଇ କରୁଥିଲେ । ଏପରିକି କାମ ଲାଗି ସେ ଷ୍ଟାଣ୍ଡିଂ ଡେସ୍କ ବ୍ୟବହାର କରୁଥିଲେ । ଏଭଳି କରି ଦୁଇ ଦିନ ପର୍ଯ୍ୟନ୍ତ ତାଙ୍କୁ ଭଲ ଲାଗିଲା । ଏହି ସମୟ ମଧ୍ୟରେ ତାଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥିବା କଥା ସେ କହିଲେ । ଅବଶ୍ୟ ତୃତୀୟ ଦିନରୁ ତାଙ୍କ ଗୋଡ଼ରେ ଯନ୍ତ୍ରଣା ହେବା ସହ ଥକ୍କା ଅନୁଭବ କଲେ । ଥକ୍କା ପଣରୁ ରକ୍ଷା ପାଇବା ପାଇଁ ବାରମ୍ବାର ଖାଦ୍ୟ ଖାଇଲେ । ଏହାଦ୍ୱାରା ତାଙ୍କର ଓଜନ ବୃଦ୍ଧି ପାଇଲା । ତେବେ ପଞ୍ଚମ ଦିନରେ ତାଙ୍କ ଅବସ୍ଥା ଅତ୍ୟନ୍ତ ବିଗିଡ଼ିଗଲା । ଗୋଡ଼ରେ ଯନ୍ତ୍ରଣା ସାଙ୍ଗକୁ ନିଦ୍ରାହୀନତା ସମସ୍ୟା ସାମ୍ନା କରିବା ସହ ଶରୀରର ଅଙ୍ଗଭଙ୍ଗୀରେ ପରିବର୍ତ୍ତନ ଆସିଲା । ଏହାକୁ ଦୃଷ୍ଟିରେ ରଖି ସେ ଏହି ଚ୍ୟାଲେଞ୍ଜରୁ ଓହରି ଗଲେ । ଏହାସହ ପୂର୍ବ ଭଳି ସେ ଉଠିବା ବସିବା ଭଳି କାର୍ଯ୍ୟକଳାପ କଲେ ।

# ମଣିଷର ଅମରତ୍ୱ ଲାଭ !



ଗୁଗଲର ପୂର୍ବତନ ବୈଜ୍ଞାନିକ ଏବଂ ଲୋକପ୍ରିୟ ଭବିଷ୍ୟବକ୍ତା ରେ କୁର୍ଜୱିଲ ନିକଟରେ ଦାବି କରିଛନ୍ତି ଯେ, ଆଗାମୀ ଦିନରେ ମଣିଷ ଅମରତ୍ୱ ହାସଲ କରିପାରେ । ତେବେ ଏହା ନାନୋରୋବଟ୍ ପାଇଁ ସମ୍ଭବ ହୋଇପାରେ । କୁର୍ଜୱିଲ୍ ଏଯାବତ୍ କରିଥିବା ୧୪୭ରୁ ୮୬% ଭବିଷ୍ୟବାଣୀ ସତ ସାବ୍ୟସ୍ତ ହୋଇଛି । ସେ କହନ୍ତି, ନାନୋରୋବଟ୍ ଅତ୍ୟନ୍ତ ସୂକ୍ଷ୍ମ । ସେମାନଙ୍କ ଆକାର କେବଳ ୫୦ରୁ ୧୦୦ ନାନୋମିଟର । ଆଗାମୀ ଦିନରେ ମଣିଷ ଶରୀରରେ ଏହା ରକ୍ତପ୍ରବାହ ମାଧ୍ୟମରେ ଚାରିଆଡ଼େ ବୁଲିପାରିବ । ଏବେ ଏହି ଟେକ୍ନିକ୍ ଗବେଷଣା କ୍ଷେତ୍ରରେ ଡିଏନ୍ଏ ପ୍ରୋବ୍, ସେଲ ଇମେଜିଂ ଏବଂ ଔଷଧ ପହଞ୍ଚାଇବା କାର୍ଯ୍ୟ କରୁଛି । ହେଲେ ଭବିଷ୍ୟତରେ ଏହି ନାନୋରୋବଟ୍ କୋଶିକାଗୁଡ଼ିକୁ ଠିକ୍ କରି ବୁଢ଼ାପା ଏବଂ ରୋଗ ସହ ଲଢ଼ିବାରେ ସକ୍ଷମ ହେବ ବୋଲି କୁହାଯାଉଛି । ସେ ଏକଥା ବି କହିଛନ୍ତି ଯେ, ନାନୋଟେକ୍ନୋଲୋଜି ଶରୀରକୁ ଏପରି ଉନ୍ନତ କରିବେ ଯେ, କୌଣସି ବ୍ୟକ୍ତି କିଛି ବି ଖାଇଲେ ସୁସ୍ଥ ଓ ଉର୍ଜାବାନ ରହିପାରିବେ । ଅନ୍ୟପଟେ କୁର୍ଜୱିଲ ପୂର୍ବରୁ କରିଥିବା ଅନେକ ଭବିଷ୍ୟବାଣୀ ସଠିକ୍ ପ୍ରମାଣିତ ହୋଇଛି ।

## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି । ଆୟ ବ୍ୟୟ ସମାନ ରହିବ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ବ୍ୟବସାୟରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ । ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ । ଧନ ଆଗମନ ଯୋଗ ଅଛି । ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ । ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିପାରନ୍ତି । ଅତିରିକ୍ତ ଦାୟିତ୍ୱ ତୁଲାଇବେ । ସହକର୍ମୀଙ୍କ ସହଯୋଗ ରହିବ । ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ । ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ସାମାଜିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ଘରକୁ ଅତିଥିଙ୍କ ଆଗମନ ହେବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ଉତ୍ଫୁଲ୍ଲିତ ରହିବେ । ସରକାରୀ କାମ ସମସ୍ୟା ସମାଧାନ ହେବ । ପାରିବାରିକ ବିବାଦରୁ ଦୂରେଇ ରହିବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଗୁରୁଜନଙ୍କ ଆଦେଶ ପାଳନ କରିବେ । ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହୋଇପାରେ । ଆଶା କରିଥିବା ଦିଗରୁ ଫଳ ପାଇବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଲେଖାଲେଖି ପ୍ରତି ରୁଚି ବଢ଼ିବ । ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି ।

# ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ମହିଳା ଏଏସ୍‌ଆଇ

ବ୍ରହ୍ମପୁର,୪।୬(ସମିସ): ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ମହିଳା ପୁଲିସ ଅଧିକାରୀ। ଘରୋଇ ମାମଲାର ସମାଧାନ ପାଇଁ ଟଙ୍କା ନେଉଥିବା ମହିଳା କାବୁ କଲା ବ୍ରହ୍ମପୁର ଭିଜିଲାନ୍ସ। ମହିଳା ଅଧିକାରୀ ଜଣକ ହେଲେ ବ୍ରହ୍ମପୁର ମହିଳା ଥାନାର ଏଏସ୍‌ଆଇ ବବିତା ସୁନା। ସେ କେ.ନୂଆଗାଁ ଥାନା ଅନ୍ତର୍ଗତ ବଳିୟାରସିଂହପଲ୍ଲୀର ପ୍ରମୋଦ

- ଘରୋଇ ମାମଲା ରଫାଦଫା ପାଇଁ ନେଇଥିଲେ ୧୦ହଜାର ଲାଞ୍ଚ
- ଥାନାରେ ଭିଜିଲାନ୍ସ ଚଢ଼ଉ ପରେ ଅନ୍ୟ ଅଧିକାରୀ ଛାନିଆଁ

କୁମାର ନାୟକଙ୍କ ଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କାବୁ କରିଛି ଭିଜିଲାନ୍ସ। ମହିଳା ଥାନାରେ ଭିଜିଲାନ୍ସର ଚଢ଼ଉ ଦେଖି ଅନ୍ୟ ପୁଲିସ ଅଧିକାରୀଙ୍କ ମନରେ ଛନକା ପଶିଛି।

ସୂଚନାଯୋଗ୍ୟ ଯେ, କେ.ନୂଆଗାଁ ଥାନା ଅନ୍ତର୍ଗତ ବଳିୟାରସିଂହପଲ୍ଲୀର ପ୍ରମୋଦ କୁମାର ନାୟକ ଓ ତାଙ୍କ ମା'ଙ୍କ ନାମରେ ପ୍ରମୋଦଙ୍କ ପତ୍ନୀ ଘରୋଇ କଳିକୁ ନେଇ ଅଭିଯୋଗ କରିଥିଲେ। ମାମଲା ରଫାଦଫା କରିବାକୁ ମହିଳା ଥାନା ଏଏସ୍‌ଆଇ ବବିତା ସୁନା ପ୍ରମୋଦକୁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏଥିରେ ପ୍ରମୋଦ ରାଜି ହୋଇଥିଲେ। ବୁଧବାର ଟଙ୍କା ଦେବେ ବୋଲି ଏଏସ୍‌ଆଇ ବବିତାଙ୍କୁ କହିଥିଲେ। ଅନ୍ୟପଟେ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ପ୍ରମୋଦ। ଅଭିଯୋଗ ମୁତାବକ ଆଜି ପ୍ରମୋଦ ଏଏସ୍‌ଆଇ ସୁନାଙ୍କୁ ଟଙ୍କା ଦେଉଥିବା ବେଳେ ସେଠାରେ ଛକି



ରହିଥିବା ଭିଜିଲାନ୍ସ ଟମ୍ ବବିତାଙ୍କୁ କାବୁ କରିଥିଲା। ଲାଞ୍ଚଅର୍ଥ ୧୦ହଜାର ଟଙ୍କା ଭିଜିଲାନ୍ସ ଅଧିକାରୀମାନେ ବବିତାଙ୍କ ନିକଟରୁ ଜବତ କରି ତାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଏହାପରେ ଭିଜିଲାନ୍ସ ପକ୍ଷରୁ ବବିତାଙ୍କ କାର୍ଯ୍ୟାଳୟ ଓ ସରକାରୀ କ୍ୱାର୍ଟର୍ସରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଜାରି ରହିଛି। ତେବେ ବବିତା ସୁନା ୨୦୧୬ମସିହାରୁ ଏଏସ୍‌ଆଇ ଭାବେ ପଦୋନ୍ନତି ପାଇଥିବା ବେଳେ ଗତ ୨ବର୍ଷ ହେଲା ସେ ମହିଳା ଥାନାରେ କାର୍ଯ୍ୟରତ ଥିଲେ।

## ରାଜସ୍ୱ ଆଦାୟ ଆଳରେ ପରିବହନ ବିଭାଗର ଜୁଲୁମ୍

# ଗାଡ଼ିରେ ଲାଗିଲା ପାନିକ୍ ବଟନ; ବାଜିଲାନି ଆଲାର୍ମ

କଟକ,୪।୬(ସମିସ): ପରିବହନ ବିଭାଗରେ ଆଧୁନିକୀକରଣ କରାଯାଇ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଥିଲେ ମଧ୍ୟ କେତେକ କ୍ଷେତ୍ରରେ ଏଥିରେ ସୁଧାର ଆସିପାରିନାହିଁ। ସ୍ପଷ୍ଟ ଦିବାଲୋକରେ ଶୋଷଣର ଶିକାର ହେଉଛନ୍ତି ଗାଡ଼ି ମାଲିକମାନେ। ଏହାର ଜ୍ୱଳନ୍ତ ଉଦାହରଣ ହେଲା ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ବ୍ୟବହାର।

ଗାଡ଼ି ଚାଳକମାନେ ପୂର୍ବରୁ ଘରୋଇ ଭାବରେ ସୁଲଭ ମୂଲ୍ୟରେ ନମ୍ବର ପ୍ଲେଟ୍ ତିଆରି କରି ଗାଡ଼ିରେ ଲଗାଉଥିଲେ। ଏବେ ପ୍ରଶାସନିକ ସ୍ତରରେ ଅଟୋ ମୋବାଇଲ କମ୍ପାନୀମାନଙ୍କର ସଂଗଠନ 'ସାମ୍' ସଂସ୍ଥାକୁ ସମସ୍ତ ଗାଡ଼ିରେ ନମ୍ବର ପ୍ଲେଟ୍ ପ୍ରସ୍ତୁତ କରିବା ଦାୟିତ୍ୱ ଦିଆଗଲା। ଦୁଇଚକିଆ ଯାନଠାରୁ ଆରମ୍ଭ କରି ଚାରିଚକିଆ ଯାନ ପର୍ଯ୍ୟନ୍ତ ସବୁଗାଡ଼ିରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରଚୁର ଅର୍ଥ ନିଆଯାଇ ସଂପୃକ୍ତ ସଂସ୍ଥା ପକ୍ଷରୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଗାଡ଼ିରେ ଯୋଗାଇ ଦିଆଯାଇଥିଲା। ଯେଉଁମାନେ ଏହି ନମ୍ବର ପ୍ଲେଟ୍ ଗାଡ଼ିରେ ଲଗାଇଲେ ନାହିଁ, ସେଇ ଗାଡ଼ି ମାଲିକଙ୍କଠାରୁ ରାସ୍ତାରେ ଚେକିଂ କରାଯାଇ ଜରିମାନା ଆଦାୟ କରାଗଲା। ତେବେ ସାଧାରଣ ନମ୍ବର ପ୍ଲେଟ୍ ଓ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ମଧ୍ୟରେ କୌଣସି ପ୍ରଭେଦ ରହିଲା ନାହିଁ। ଏଥିରୁ ଗାଡ଼ି ମାଲିକମାନଙ୍କୁ ମଧ୍ୟ ସେଭଳି ସୁବିଧା ମିଳିଲାନି। ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ପ୍ରଚଳନ ହେବା ଦ୍ୱାରା କମ୍ପାନୀମାନେ କୋଟି

### ପରିବହନ କମିସନରଙ୍କ ତାଗିଦ ସତ୍ତ୍ୱେ ମିଳିଲାନି ସୁଫଳ

କୋଟି ଟଙ୍କାର ଲାଭ ଉଠାଇଲେ; ଅଥଚ କ୍ଷତିଗ୍ରସ୍ତ ହେଲେ ଗାଡ଼ି ମାଲିକମାନେ। ଅପରପକ୍ଷରେ କମ୍ପାନୀ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ତିଆରି କରୁଥିବାରୁ ଛୋଟଛୋଟ ଦୋକାନୀମାନେ ପରିବାର ପ୍ରତିପୋଷଣ କରି ନପାରି ସର୍ବସ୍ୱାନ୍ତ ହେଲେ।

ସେହିଭଳି ସମସ୍ତ ବସ୍ ଓ ଟ୍ରକରେ ପ୍ୟାନିକ୍ ବଟନ୍ ଲଗାଗଲା। ଗୋଟିଏ ଗୋଟିଏ ଗାଡ଼ିରେ ବଟନ ଲଗାଇବା ପାଇଁ ସରକାରୀ ଲାଇସେନ୍ସପ୍ରାପ୍ତ କମ୍ପାନୀମାନେ ୧୦-୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ଉଠାଇଲେ। ଏହି ବଟନ ଲଗାଇବାର ଉଦ୍ଦେଶ୍ୟ ହେଲା, ଗାଡ଼ି ଚାଳକ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ବା କୌଣସି ଯାତ୍ରୀ ବିପଦରେ ପଡ଼ିଲେ ନିକଟସ୍ଥ ଥାନାରେ ଆଲାର୍ମ ବାଜିବା ସହ ପରିବହନ ବିଭାଗ ଦ୍ୱାରା ନିର୍ଦ୍ଧାରିତ କଣ୍ଟ୍ରୋଲରୁମ୍ ରେ ମଧ୍ୟ ଆଲାର୍ମ ବାଜିବ। ବିପଦରେ ପଡ଼ିଥିବା ଯାତ୍ରୀ ବା ଗାଡ଼ି ଚାଳକଙ୍କୁ ତ୍ୱରିତ ପଦକ୍ଷେପ ପୂର୍ବକ ସୁରକ୍ଷା ବ୍ୟବସ୍ଥା ଯୋଗାଇଦିଆଯିବ। ଭିଏଲଟିଡି ମେସିନ ଲାଗିବା ଦ୍ୱାରା ମାଲିକମାନେ ମଧ୍ୟ ଘରେ ବସି ତାଙ୍କ ଗାଡି କେଉଁଠି ଅଛି ଓ କେତେ ବେଗରେ ଚାଲୁଛି ତାହା ଜାଣିପାରିବେ। ଫଳରେ ସେମାନେ ଗାଡି ଚାଳକଙ୍କ ସହ ଯୋଗାଯୋଗ କରି ଗାଡ଼ିର ବେଗକୁ ମଧ୍ୟ ନିୟନ୍ତ୍ରଣ କରିପାରିବେ। ଏହା ଏକ ପ୍ରହସନରେ ପରିଣତ ହେଲା। ଗାଡ଼ିଗୁଡ଼ିକରେ ଏହି ଭିଏଲଟିଡ଼ି (ଭେଇକେଲ୍ ଲୋକେସନ୍ ଟ୍ରାକିଂ ଡ଼ିଭାଇସ୍) ନ ଲଗାଇଲେ ଗାଡ଼ିଗୁଡ଼ିକର ଫିଟ୍‌ନେସ୍ ଓ ପରମିଟ୍ ମିଳିବ ନାହିଁ। ଏହାଦ୍ୱାରା ଭିଏଲଟିଡ଼ି କମ୍ପାନୀମାନେ ଗାଡ଼ି ମାଲିକଙ୍କଠାରୁ ପ୍ରଚୁର ଅର୍ଥ ନେବା ଯୋଗୁଁ ସେମାନେ ଶୋଷଣର ଶିକାର ହେଲେ; କିନ୍ତୁ ମେସିନ୍ ବସ୍ ଓ ଟ୍ରକରେ ଲଗାଯିବା ଏବଂ ଏଥିରେ ପ୍ୟାନିକ୍ ବଟନର ବ୍ୟବସ୍ଥା ଥିଲେ ମଧ୍ୟ ନା ଥାନା କିମ୍ବା ପରିବହନ ବିଭାଗର କଣ୍ଟ୍ରୋଲ୍ ରୁମ୍‌ରେ ଆଲାର୍ମର ବ୍ୟବସ୍ଥା କରାଗଲା। ଏହି ବ୍ୟବସ୍ଥା ଫସର ଫାଟିଯିବା ସହ ଗାଡ଼ି ମାଲିକଙ୍କଠାରୁ ଏହି ବାବଦରେ ନିଆଯାଇଥିବା କୋଟି କୋଟି ଟଙ୍କା ପାଣିରେ ପଡିଲା। ଗାଡ଼ିମାଲିକମାନଙ୍କର ଅଯଥା ଆର୍ଥିକ ବୋଝକୁ ପରିବହନ ବିଭାଗ ଭରଣା କରିବ କି ବୋଲି ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ମହାସଂଘର ସାଧାରଣ ସମ୍ପାଦକ ରବି ଶତପଥୀ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଖବର ମିଳିଛି ଯେ ପରିବହନ କମିସନର ଏ ସମ୍ପର୍କରେ ଏକ ବୈଠକ ଡକାଇ ଭିଏଲଟିଡି କମ୍ପାନୀ ମାନଙ୍କୁ ତାଗିଦ କରିଛନ୍ତି। ହେଲେ କୌଣସି ସୁଫଳ ମିଳିପାରିନାହିଁ।

# ସରଣ୍ଡା ଜଙ୍ଗଲରୁ ପୁଣି ମିଳିଲା ୧ ଟନ୍ ବିସ୍ଫୋରକ

ରାଉରକେଲା,୪।୬(ସମିସ): ଓଡ଼ିଶା - ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲର ତିରିଲପୋଷି ନିକଟରେ ମାଟି ତଳୁ ୧ ଟନ୍‌ରୁ ଊର୍ଦ୍ଧ୍ୱ ବିସ୍ଫୋରକ ସାମଗ୍ରୀକୁ ଜବତ କରିଛନ୍ତି ସୁରକ୍ଷାକର୍ମୀ। ଏହାକୁ ମିଶାଇ ଲୁଟ୍ ୫ ଟନ୍ ବିସ୍ଫୋରକ ସାମଗ୍ରୀ ମଧ୍ୟରୁ ଏପର୍ଯ୍ୟନ୍ତ ୩.୮ ଟନ୍ ବିସ୍ଫୋରକ ଜବତ କରାଯାଇଛି।

- ଜବତ ହେଲାଣି ୩.୮ ଟନ୍ ସାମଗ୍ରୀ ଜବତ
- ବାଙ୍କୋ ନିକଟରୁ ୫ଟନ୍ ବିସ୍ଫୋରକ ଲୁଟିଥିଲେ ମାଓବାଦୀ



ଉଲ୍ଲେଖଯୋଗ୍ୟ ଯେ ଗତ ୨୭ ତାରିଖ ରାତିରେ ୩୦ରୁ ୪୦ଜଣ ସଶସ୍ତ୍ର ମାଓବାଦୀ ବାଙ୍କୋ ନିକଟରୁ ୫ଟନ୍ ବିସ୍ଫୋରକ ସାମଗ୍ରୀ ଭର୍ତ୍ତି ଥିବା ଏକ ମିନି ଟ୍ରକ୍ ଲୁଟିବା ପରେ ସରଣ୍ଡା ଜଙ୍ଗଲ ମଧ୍ୟରେ ଭିନ୍ନ ଭିନ୍ନ ସ୍ଥାନରେ ମାଟି ତଳେ ପୋତି ଦେଇ ଲୁଚାଇ ରଖିଥିଲେ। ରାଉରକେଲା ଏସ୍‌ପି ନିତେଶ ୱାଧ୍ୱାନୀ କହିଛନ୍ତି ଯେ ମାଓବାଦୀଙ୍କ ଦ୍ୱାରା ବିସ୍ଫୋରକ ଲୁଟ ଘଟଣାର ତଦନ୍ତ ପାଇଁ ସରଣ୍ଡା ଜଙ୍ଗଲ ଅନ୍ତର୍ଗତ ତିରିଲପୋଷି, ଥଲକୋବାଦ, ଜରେଇକେଲା ଅଞ୍ଚଳରେ ରାଉରକେଲା ପୁଲିସର ଏସ୍‌ଓଜି, ଡିଭିଏଫ୍ ସହ ଝାଡ଼ଖଣ୍ଡ ପୁଲିସ ସିଆର୍‌ପିଏଫ୍, କୋବ୍ରା ବାହିନୀ, ଝାଡ଼ଖଣ୍ଡ ଜାଗୁଆର ଆଦି ପକ୍ଷରୁ ମିଳି ସର୍ଚ୍ଚ ଅପରେସନ ଏବଂ କମ୍ବିଂ ଅପରେସନ ଜାରି ରହିଛି। ଆଜି ତିରିଲପୋଷି ନିକଟରେ ମାଟି ତଳେ ମାଓବାଦୀମାନେ ପୋତିଥିବା ଲୁଟ୍ ବିସ୍ଫୋରକ ସାମଗ୍ରୀକୁ ଜବତ କରାଯାଇଥିଲା। ଯାହାକି ୧ ଟନ୍‌ରୁ ଊର୍ଦ୍ଧ୍ୱ ହେବ। ଏହା ପୂର୍ବରୁ ୨ ତାରିଖ ଦିନ ଝାଡ଼ଖଣ୍ଡ ରାଜ୍ୟ ଜରେଇକେଲା ଥାନା ତିରିଲପୋଷି ଜଙ୍ଗଲକୁ ମାଟି ତଳେ ପୋତା ଯାଇଥିବା ଅଢ଼େଇ ଟନ୍‌ରୁ ଊର୍ଦ୍ଧ୍ୱ ବିସ୍ଫୋରକ ସାମଗ୍ରୀକୁ ସୁରକ୍ଷା କର୍ମୀମାନେ ଜବତ କରିଥିଲେ। ଏହା ସହ ଗତକାଲି ମଧ୍ୟ ସରଣ୍ଡାରୁ ୭୦୦ କିଲୋଗ୍ରାମରୁ ଊର୍ଦ୍ଧ୍ୱ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା। ଅବଶିଷ୍ଟ ଲୁଟ ୧.୨ ଟନ୍ ବିସ୍ଫୋରକ ସାମଗ୍ରୀକୁ ଠାବ କରିବା ପାଇଁ ସୁରକ୍ଷା କର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଓ କମ୍ବିଂ ଅପରେସନ ଜାରି ରହିଛି। ଅପରପକ୍ଷେ ବଡ଼ଗାଁ ଥାନା ଇତମାସ୍ଥିତ ଶ୍ରବଣ କୁମାର ଅଗ୍ରୱାଲଙ୍କ ବିସ୍ଫୋରକ ଗୋଦାମରୁ ପୁଲିସ ପକ୍ଷରୁ ଗତ ୨୮ ତାରିଖ ଦିନ ସିଲ୍ କରି ଦିଆଯାଇଛି। ଗତ ୨ ତାରିଖ ଦିନ ୧୪୩ ନଂ ଜାତୀୟ ରାଜପଥର ଦେଓଗାଁ ସ୍ଥିତ ଫୁଏଲ ପେଟ୍ରୋଲ ପମ୍ପରୁ ୨ଟି ବେଆଇନ ବିସ୍ଫୋରକ ବୋଝେଇ ଭ୍ୟାନ୍‌କୁ ରଘୁନାଥପାଲୀ ଥାନା ପୁଲିସ ଦ୍ୱାରା ଜବତ କରାଯାଇଥିଲା। ଏହି ଘଟଣାରେ ଥାନା ପୁଲିସ ମଙ୍ଗଳବାର ବିସ୍ଫୋରକ ଗୋଦାମ ମାଲିକ ବାସନ୍ତୀ କଲୋନୀ ଇଏମ୍/୮୭ରେ ବାସ କରୁଥିବା ଶ୍ରବଣ କୁମାର ଅଗ୍ରୱାଲ ଓ ବ୍ରାହ୍ମଣୀତରଙ୍ଗ ଥାନା କେନ୍ଦୁବରନୀ ଗ୍ରାମର ଭ୍ୟାନ ଚାଳକ ବିର୍ସା ସାମଦ ଓରଫ ଇଶାକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବିସ୍ଫୋରକ ଲୁଟ୍ ପଛରେ ମାଓବାଦୀ: ଡିଜି

## ପାଳନ ହୋଇନଥିଲା ଏସ୍‌ଓପି; ମିଳିନି ୧୨୦୦କେଜି ବିସ୍ଫୋରକ

ଭୁବନେଶ୍ୱର,୪।୬(ସମିସ): ସୁନ୍ଦରଗଡ ଜିଲ୍ଲା କେ.ବଲାଙ୍ଗ ଥାନା ଅଞ୍ଚଳରୁ ୫ ହଜାର କିଲୋ ବିସ୍ଫୋରକ ଲୁଟ୍ ମାଓବାଦୀଙ୍କ ସମ୍ପୃକ୍ତି ଥିବା ସ୍ୱୀକାର କରିଛନ୍ତି ପୁଲିସ ଡ଼ିଜି ୱାଇ.ବି.ଖୁରାନିଆ। ଲୁଟ୍ ବିସ୍ଫୋରକ ମଧ୍ୟରୁ ୩୮୦୦ କେଜି ଜବତ ହୋଇଥିଲେ ହେଁ ଅବଶିଷ୍ଟ ୧୨୦୦ କେଜିର ପତ୍ତା ମିଳିନାହିଁ। ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଏସ୍‌ଆଇଟି ତଦନ୍ତ ଜାରି ରହିଛି। ଏହି ଘଟଣାରେ



୨ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ତେବେ ବିସ୍ଫୋରକ ପରିବହନ ପାଇଁ ରହିଥିବା ଏସ୍‌ଓପି ସେଠାରେ ପାଳନ କରାଯାଇ ନାହିଁ। ବିଭିନ୍ନ ଜିଲ୍ଲାରେ ଥିବା ମାଗାଜିନ୍‌ରେ ନିୟମ ଅନୁଯାୟୀ ବିସ୍ଫୋରକ ରହିଛି କି ନାହିଁ ଓ ଏହାର ପରିବହନ ସମୟରେ ଏସ୍‌ଓପି ପାଳନ ହେଉଛି କି ନାହିଁ, ତାହାର ତଦାରଖ କରିବା ଲାଗି ଦକ୍ଷିଣାଞ୍ଚଳ, ଉତ୍ତରାଞ୍ଚଳ ଓ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଅଧିନରେ ଥିବା ପୁଲିସ ଜିଲ୍ଲାଗୁଡ଼ିକର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ଖୁରାନିଆ କହିଛନ୍ତି।

ଗତମାସ ୨୭ ତାରିଖରେ ବାଙ୍କୋ ପଥର ଖଣିକୁ ୨୦୦ ପ୍ୟାକେଟ୍ ବିସ୍ଫୋରକ ପରିବହନ ହେଉଥିବାବେଳେ ମାଓବାଦୀମାନେ ୫ ଟନ୍ ବିସ୍ଫୋରକ ଲୁଟି ନେଇଥିଲେ। ପୁଲିସ ଏହାକୁ ଗୁରୁତର ସହିତ ଗ୍ରହଣ କରିଥିଲା ଓ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଘଟଣାସ୍ଥଳରେ ପହଞ୍ଚି ସମୀକ୍ଷା କରିଥିଲେ। ଆଇଜି(ଅପରେସନ) ଦୀପକ କୁମାର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ, ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ, ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର, ସ୍ୱତନ୍ତ୍ର ଗୁଇନ୍ଦା ଶାଖା ଅଧିକାରୀ ଓ ଝାରଖଣ୍ଡ ପୁଲିସ ମଧ୍ୟ ଏଥିରେ ସାମିଲ ହୋଇଥିଲା। ସମ୍ପ୍ରତି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇ‌ଏ) ବର୍ତ୍ତମାନ ଏହି ଘଟଣାର ତଦନ୍ତ କରୁଛି।

# ବିଜେଡିରୁ ଶର୍ମିଷ୍ଠା ଓ ସୁରଥ ନିଲମ୍ବିତ

ଭୁବନେଶ୍ୱର,୪।୬(ସମିସ): ଦଳବିରୋଧୀ ଗତିବିଧିରେ ସଂପୃକ୍ତି ଥିବା କାରଣରୁ ଗଞ୍ଜାମ ବ୍ଲକର ଶର୍ମିଷ୍ଠା ପ୍ରଧାନ ଓ ସୁରଥ ପ୍ରଧାନଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ବିଜେଡି ଉପ ସଭାପତି(ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ଦସ୍ତଖତ ସମ୍ବଳିତ ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ବୁଧବାର ଦଳ ପକ୍ଷରୁ ପ୍ରକାଶ ପାଇଛି।

# ଯୁକ୍ତ ୨ ଇନଷ୍ଟାଣ୍ଟ ପରୀକ୍ଷା ଫର୍ମ ପୂରଣ ଅବଧି ବୃଦ୍ଧି

ଭୁବନେଶ୍ୱର,୪।୬(ସମିସ): ଯୁକ୍ତ ୨ ଇନଷ୍ଟାଣ୍ଟ ପରୀକ୍ଷା ପାଇଁ ଫର୍ମ ପୂରଣ ଅବଧି ଦୁଇଦିନ ବଢ଼ିଛି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପିଲାମାନେ ସେମାନଙ୍କ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଫର୍ମପୂରଣ କରିପାରିବେ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବ ବିଜ୍ଞପ୍ତି ଅନୁଯାୟୀ, ପ୍ରାକ୍ଟିକାଲ୍ ନଥିବା ବିଷୟ ପାଇଁ ୫୨୦ଟଙ୍କା ଫି' ଧାର୍ଯ୍ୟ କରାଯାଇଥିବାବେଳେ ପ୍ରାକ୍ଟିକାଲ୍ ବା ପ୍ରୋଜେକ୍ଟ ଥିବା ବିଷୟ ପାଇଁ ୫୬୦ ଓ ଜୀବବିଜ୍ଞାନ ପାଇଁ ୬ଶହ ଟଙ୍କା ଫି' ରହିଛି। ଜୁନ୍ ୨୫ ଓ ୨୬ ତାରିଖରେ ଇନଷ୍ଟାଣ୍ଟ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି।

## ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀ

# ତହସିଲଦାରମାନେ ରାଜ୍ୟ ପ୍ରଶାସନର ମେରୁଦଣ୍ଡ

ଭୁବନେଶ୍ୱର,୪।୬(ସମିସ): ଶାସନ-ପ୍ରଶାସନ ବ୍ୟବସ୍ଥାରେ ତହସିଲଦାରମାନେ ହେଉଛନ୍ତି ରାଜସ୍ୱ ପ୍ରଶାସନର ମେରୁଦଣ୍ଡ। ଏଣୁ ତହସିଲଦାରମାନେ ଲୋକଙ୍କ ଅଭିଯୋଗ ଶୁଣନ୍ତୁ ଓ ତାହାର ତ୍ୱରିତ ସମାଧାନ ପାଇଁ ଚେଷ୍ଟା କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ଭୂମି ପ୍ରଶାସନକୁ ଆଧୁନିକ ଏବଂ ଲୋକଭିମୁଖୀ କରିବା ପାଇଁ ପ୍ରତିଶୃତିବଦ୍ଧ। ଯେଉଁମାନଙ୍କର ୪ ଡେସିମିଲରୁ କମ ଜମି ଅଛି, ସେମାନଙ୍କୁ ବି ଭୂମିହୀନ ଭାବେ ଗଣାହେବେ ଏବଂ ସରକାର ସେମାନଙ୍କୁ ଜମି ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ବାତ୍ୟା 'ଦାନା'ର ସଫଳ ମୁକାବିଲା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ତହସିଲଦାରମାନଙ୍କୁ ପ୍ରଶଂସା କରିଛନ୍ତି। ଏହାସହିତ



ସମୟ ସୀମା ମଧ୍ୟରେ ଦାଖଲ ଖାରଜ ମାମଲା ଓ ଅନ୍ୟାନ୍ୟ ଜମିଜମା ମାମଲାର ତ୍ୱରିତ ଫଇସଲା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିବା ବେଳେ ଜମିଜମା ସଂକ୍ରାନ୍ତ ମାମଲା ବିଚାର କଲାବେଳେ ସଂପୂର୍ଣ୍ଣ ସ୍ୱଚ୍ଛତା ସହିତ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏ କ୍ଷେତ୍ରରେ ସରକାରଙ୍କ "ଶୂନ୍ୟ ସହନଶୀଳତା' ଅବଲମ୍ବନ କରୁଛନ୍ତି, ତେଣୁ ତହସିଲଦାରମାନେ କୌଣସି ଅନିୟମିତତାରୁ ବିରତ ରହିବାକୁ ସେ ପରାମର୍ଶ ଦେଇଛନ୍ତି । ଏହା ସହ ମୌସୁମୀ ବର୍ଷା ଆସୁଥିବାରୁ ନିଜ ନିଜ ଅଞ୍ଚଳର ପାରିପାଶ୍ୱର୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ପୂରା ପ୍ରଶାସନକୁ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ଚିରାଚରିତ କାର୍ଯ୍ୟପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଏଥିପାଇଁ ମାନସିକତା ବଦଳାଇବାକୁ ପଡ଼ିବ। ଆମ ସରକାର ଶାସନକୁ ଆସିବା ପରେ, ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିଛନ୍ତି। ରାଜସ୍ୱ ସେବା ଏବେ ଲୋକମାନଙ୍କର ନିକଟତର ହୋଇଛି। ତେଣୁ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ରହିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱ ଦେଇଛନ୍ତି। ଏହି ଦୁଇ ଦିନିଆ କର୍ମଶାଳାର ପ୍ରଥମ ଅଧିବେଶନରେ ସମସ୍ତ ଜିଲ୍ଲାର ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ତହସିଲଦାର ମାନେ ଅଂଶଗ୍ରହଣ କରିଥିଲେ।

# ୧୩ ବିଶ୍ୱବିଦ୍ୟାଳୟରେ କୁଳପତି ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୪।୬(ସମିସ): ରାଜ୍ୟର ୧୩ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉଭୟ ଅଫ୍‌ଲାଇନ୍ ଏବଂ ଅନ୍‌ଲାଇନ୍ (ଇମେଲ୍ ଓ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲ୍)ରେ ଆଶାୟୀମାନେ ଆବେଦନ କରିବେ। ଇମେଲ୍ ଓ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲ୍‌ରେ ଆବେଦନର ଶେଷ ତାରିଖ ଜୁଲାଇ ୫ ରହିଥିବାବେଳେ ଅଫଲାଇନ୍ ପାଇଁ ଜୁଲାଇ ୧୦ ଶେଷ ତାରିଖ ରହିଛି। ଆବେଦନ ପାଇଁ ଶୈକ୍ଷିକ ବା ପ୍ରଶାସନିକ କ୍ଷେତ୍ର କିମ୍ବା ପ୍ରତିଷ୍ଠିତ ଗବେଷଣା ବା ଶିକ୍ଷାନୁଷ୍ଠାନରେ ଅନ୍ୟୂନ ୧୦ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ। ବୟସ ସୀମା ସର୍ବାଧିକ ୬୭ ବର୍ଷ ରଖାଯାଇଥିବାବେଳେ ନବନିଯୁକ୍ତ କୁଳପତିଙ୍କ କାର୍ଯ୍ୟକାଳ ୪ବର୍ଷ ରହିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

- ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଆବେଦନ
- ୪ବର୍ଷ ରହିବ କାର୍ଯ୍ୟକାଳ; ବୟସସୀମା ୬୭ ବର୍ଷ

ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ 'ଉତ୍କଳ' ସମେତ ରେଭେନ୍ସା, ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ଖଲ୍ଲିକୋଟ୍ ବିଶ୍ୱବିଦ୍ୟାଳୟ, ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, କେଉଁଝର ଧରଣୀଧର ବିଶ୍ୱବିଦ୍ୟାଳୟ, ଜୟପୁରସ୍ଥିତ ବୀର ବିକ୍ରମଦେବ ବିଶ୍ୱବିଦ୍ୟାଳୟ, କଟକର ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଏବଂ କଳାହାଣ୍ଡିର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ନିଯୁକ୍ତି ପାଇବେ।

ଅନ୍ୟପକ୍ଷରେ ରାଜ୍ୟରେ ଅର୍ଦ୍ଧାଧିକ ବିଶ୍ୱବିଦ୍ୟାଳୟରେ କୁଳପତି ପଦ ଫାଙ୍କା ପଡ଼ିଥିବାବେଳେ ସମସ୍ତ ନୀତିନିୟମକୁ ଜଳାଞ୍ଜଳି ଦେଇ ଅସ୍ଥାୟୀ କୁଳପତି ନିଯୁକ୍ତ କରାଯାଇଛି। ଏପରିକି ବରିଷ୍ଠଙ୍କୁ ଅଣଦେଖା କରି କନିଷ୍ଠଙ୍କୁ କୁଳପତି ପଦରେ ବସାଯାଇଥିବା ଅଭିଯୋଗ ହୋଇଛି।

## ସିଏମ୍‌ଆର୍‌ଏଫ୍‌ର ନବକଳେବର

# ସାମିଲ ହେବେ ସବୁ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୪।୬(ସମିସ): ଗବେଷଣାରତ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ଚିଫ୍ ମିନିଷ୍ଟର୍ ରିସର୍ଚ୍ଚ ଫେଲୋସିପ୍ (ସିଏମ୍‌ଆର୍‌ଏଫ୍)ର ନାମ ପରିବର୍ତ୍ତନ ହୋଇଛି। ସିଏମ୍‌ଆର୍‌ଏଫ୍ ବଦଳରେ ଏହାର ନାମ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ (ଏମ୍‌ଆର୍‌ଏଫ୍) କରାଯାଇଛି। ସେହିପରି, ପୂର୍ବରୁ କେବଳ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟର ଗବେଷଣାରତ ଛାତ୍ରଛାତ୍ରୀମାନେ ଏଥିରେ ଉପକୃତ ହେଉଥିବା ବେଳେ ଚଳିତବର୍ଷଠାରୁ ବିଭିନ୍ନ ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ପିଲାଙ୍କୁ ସାମିଲ କରାଯାଇଛି। ଏହାସହ ଏକାଧିକ ସଂସ୍କାର ମଧ୍ୟ ଆଣିଛି ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ। ସ୍ନାତକୋତ୍ତର ବଦଳରେ ପିଏଚ୍‌ଡି ପଞ୍ଜୀକରଣକୁ ଆବେଦନ ପାଇଁ ବାଧ୍ୟତାମୂଳକ କରିଛି।

ଏହି ଫେଲୋସିପ୍ ପାଇଁ ପୂର୍ବରୁ ପିଏଚ୍‌ଡି ପିଲାଙ୍କ ସହ ସ୍ନାତକୋତ୍ତର ବା ପିଜି ପଢୁଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଆବେଦନ କରୁଥିଲେ। ପରୀକ୍ଷାରେ କୃତକାର୍ଯ୍ୟ ହେଲେ ୨ବର୍ଷ ମଧ୍ୟରେ ପିଏଚ୍‌ଡି ପଞ୍ଜୀକରଣ କରିବାକୁ ପଡୁଥିଲା। ଅନ୍ୟଥା ସେମାନେ ଫେଲୋସିପ୍ ପାଇପାରୁ ନଥିଲେ। ଏହାକୁ ଦୃଷ୍ଟିରେ ରଖି, ଏଣିକି କେବଳ ପିଏଚ୍‌ଡି ପଞ୍ଜୀକରଣ କରିଥିବା ପିଲାମାନେ ହିଁ ଆବେଦନ କରିପାରିବେ ବୋଲି କହିଛି ଉଚ୍ଚଶିକ୍ଷା ପରିଷଦ। ସେହିପରି ମେଧାବୀ ଛାତ୍ରଛାତ୍ରୀଙ୍କୁ ଚୟନ କରିବା ପାଇଁ ୨୦୨୩-୨୪ ଶିକ୍ଷାବର୍ଷରେ ପ୍ରଥମଥର ପ୍ରବେଶିକା ପରୀକ୍ଷା ହୋଇଥିଲା। ବହୁ ପିଜି ପିଲା ତହିଁରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ପିଏଚ୍‌ଡି ପଞ୍ଜୀକରଣ କରିବାରେ ସମର୍ଥ ହୋଇନାହାନ୍ତି। ଅପରପକ୍ଷେ, ପିଏଚ୍‌ଡି ପଞ୍ଜୀକରଣ କରିଥିବା ପିଲାମାନେ ଫେଲୋସିପ୍ ପାଇବାରୁ ବଞ୍ଚିତ ହୋଇଥିଲେ। ଏପରିକି, ଚୟନ ହୋଇଥିବା ମୋଟ ୩ଶହ ପିଲାଙ୍କ ମଧ୍ୟରୁ ମାତ୍ର ୭୦ଜଣ ଫେଲୋସିପ୍ ପାଇଛନ୍ତି। ଫଳରେ ଚଳିତବର୍ଷ ଆବେଦନ ପାଇଁ ପିଏଚ୍‌ଡି ପଞ୍ଜୀକରଣକୁ ବାଧ୍ୟତାମୂଳକ କରିବା ସହ ପ୍ରବେଶିକା ପରୀକ୍ଷା ହେବ ନାହିଁ ବୋଲି ପରିଷଦ ପକ୍ଷରୁ ଫେଲୋସିପ୍ ଦାୟିତ୍ୱରେ ଥିବା ଏକାଡେମିକ୍ କନସଲ୍‌ଟାଣ୍ଟ ଡ. ମିହିର କୁମାର ଦାସ ସ୍ପଷ୍ଟ କରିଛନ୍ତି।

ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରଛାତ୍ରୀମାନେ ହିଁ ଫେଲୋସିପ୍ ପାଇପାରୁଥିଲେ। ସମୁଦାୟ ତିନିଶହ ପିଲାଙ୍କୁ ଫେଲୋସିପ୍ ପ୍ରଦାନ କରିବାର ପ୍ରାବଧାନ ଥିଲେ ମଧ୍ୟ କୌଣସି ବର୍ଷ ଏହି ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଫଳରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟକୁ ଏଥର ସାମିଲ କରାଯାଇଛି। କୃଷି ବିଭାଗ ଅଧୀନରେ ଥିବା ଓଡ଼ିଶା କୃଷି ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଏଟି), ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ବିଜ୍ଞାନ ଓ ବୈଷୟିକ ବିଭାଗ ଅଧୀନରେ ଥିବା ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ (ଆଇଏମ୍‌ଏ) ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଥିବା ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍) ପରି ବିଭିନ୍ନ ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନର

- ପିଏଚ୍‌ଡି ପଞ୍ଜୀକରଣ ବାଧ୍ୟତାମୂଳକ
- ହେବନି ପ୍ରବେଶିକା ପରୀକ୍ଷା
- ୨୦୨୪-୨୫ରେ ବାହାରିନି ବିଜ୍ଞପ୍ତି; ଫେରିଯିବ ୧୦କୋଟି ୮୦ ଲକ୍ଷ


ଗବେଷଣାରତ ଛାତ୍ରଛାତ୍ରୀମାନେ ଏହି ଫେଲୋସିପ୍ ପାଇଁ ଆବେଦନ କରିପାରିବେ।

ଅନେକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଗବେଷଣା କାର୍ଯ୍ୟରେ ପ୍ରତିବନ୍ଧକ ସାଜିଥିବା ମଧ୍ୟ ଆଶାୟୀମାନେ ଅଭିଯୋଗ କରିଛନ୍ତି। ୨୦୨୩-୨୪ରେ ପ୍ରବେଶିକା ପରୀକ୍ଷା କରିବା ଦ୍ୱାରା ଅନେକ ପିଏଚ୍‌ଡି ଛାତ୍ରଛାତ୍ରୀ ଫେଲୋସିପ୍ ପାଇ ପାରିନଥିଲେ। ହେଲେ ଏହା ପରେ ୨୦୨୪-୨୫ ଶିକ୍ଷାବର୍ଷରେ ଫେଲୋସିପ୍ ପାଇଁ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ମଧ୍ୟ ପ୍ରକାଶ କରାଯାଇ ନାହିଁ। ଗୋଟିଏ ବର୍ଷ ଅନ୍ତରରେ ଚଳିତବର୍ଷ ବିଜ୍ଞପ୍ତି ବାହାରିଛି। ଫଳରେ ୩ଶହ ଛାତ୍ରଛାତ୍ରୀ ଫେଲୋସିପ୍ ପାଇବାରୁ ବଞ୍ଚିତ ହୋଇଛନ୍ତି ଏବଂ ପ୍ରାୟ ୧୦କୋଟି ୮୦ଲକ୍ଷ ଟଙ୍କାର ଅନୁଦାନ ବିନିଯୋଗ ହୋଇପାରିନାହିଁ।

ଅନ୍ୟପଟେ, ପୂର୍ବରୁ ୧୫ଟି ବିଶ୍ୱବିଦ୍ୟାଳୟ ଏଥିରେ ସାମିଲ ହୋଇଥିବା ବେଳେ ଚଳିତଥର ଏହାକୁ ୨୬କୁ ବଢ଼ାଯାଇଛି। ତେଣୁ ସେହି ଅନୁପାତରେ ଅଧିକ ପିଲାଙ୍କୁ ଫେଲୋସିପ୍ ପ୍ରଦାନ କରିବାକୁ ବ୍ୟବସ୍ଥା କରିବା ସହ ଚଳତବର୍ଷ ୬ଶହ ପିଲାଙ୍କୁ ଫେଲୋସିପ୍ ଦେବାକୁ ଦାବି କରିଛନ୍ତି। ପଡ଼ୋଶୀ ଝାଡ଼ଖଣ୍ଡରେ ନେଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପିଲାଙ୍କୁ ମାସକୁ ୨୫ ହଜାର ଲେଖାଏଁ ପ୍ରଦାନ କରାଯାଉଛି। ଫଳରେ ସେମାନେ ଗବେଷଣା କରିବାକୁ ପ୍ରୋତ୍ସାହନ ପାଉଛନ୍ତି। ଓଡ଼ିଶା ସରକାର ମଧ୍ୟ ନେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା ପିଲାଙ୍କୁ ୨୫ହଜାର ଲେଖାଏଁ ଅନୁଦାନ ପ୍ରଦାନ କରିବା ସହ ଗବେଷଣା କରୁଥିବା ସମସ୍ତ ପିଲାଙ୍କୁ ଏହି ଫେଲୋସିପ୍ ପ୍ରଦାନ କରାଗଲେ ଗବେଷଣା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶାୟୀମାନେ କହିଛନ୍ତି।

ସୂଚନାଯୋଗ୍ୟ, ମେ ୨୯ ତାରିଖରୁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ ପାଇଁ ଆବେଦନ ଆରମ୍ଭ ହୋଇଛି। ଜୁନ୍ ୨୪ ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ।

# ନଡ଼ିଆ ବାହୁଙ୍ଗା ପଡ଼ି ରାଜଧାନୀ ଏକ୍ସପ୍ରେସ୍ ଇଞ୍ଜିନରେ ଲାଗିଲା ନିଆଁ



ବସ୍ତା ବ୍ଲକ/ରାଜଘାଟ, ୪।୬ (ସମିସ): ଭୁବନେଶ୍ୱରରୁ ଦିଲ୍ଲୀ ଯାଉଥିବା ୨୨୮୧୧ ତେଜସ ରାଜଧାନୀ ଏକ୍ସପ୍ରେସର ଇଞ୍ଜିନରେ ଲାଗିଲା ନିଆଁ। ଆଜି ଏହି ଟ୍ରେନ ନୂଆଦିଲ୍ଲୀ ଅଭିମୁଖେ ଯାଉଥିବାବେଳେ ଅପରାହ୍ନ ପ୍ରାୟ ୨ଟାରେ ବସ୍ତା ଷ୍ଟେସନ୍ ପହଞ୍ଚିବାକୁ କିଛି ମିନିଟ ପୂର୍ବରୁ ଏହି ଅଞ୍ଚଳରେ ବର୍ଷା ପବନ ଆରମ୍ଭ ହୋଇଥିଲା। ଜୋର ପବନରେ ଏକ ନଡିଆ ବାହୁଙ୍ଗା ଉଡି ଆସି ଟ୍ରେନ ଇଞ୍ଜିନ ଉପରେ ପଡିଥିଲା। ଫଳରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଟ୍ରେନ ଇଞ୍ଜିନ ଉପରେ ନଡ଼ିଆ ବାହୁଙ୍ଗା ଜଳିବାକୁ ଲାଗିଥିଲା। ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଲୋକୋ ପାଇଲଟ ଟ୍ରେନକୁ କ୍ୟାବିନ ନିକଟରେ ଅଟକାଇ ଥିଲେ। ଏଣେ ଟ୍ରେନରେ ନିଆଁ ଲାଗିଥିବା ଖବର ଜାଣିବାକୁ ପାଇ ଯାତ୍ରୀ ମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିବାବେଳେ ରେଳ ବିଭାଗ ପକ୍ଷରୁ ଏମିତି ବଡ ଘଟଣା ହୋଇ ନ ଥିବା ବେଳେ ଯାଞ୍ଚ ପରେ ଟ୍ରେନ ପୁଣି ଗନ୍ତବ୍ୟ ସ୍ଥଳ ଅଭିମୁଖେ ଛଡ଼ାଯିବାର ଘୋଷଣା କରାଯାଇଥିଲା। ରୂପସା ଷ୍ଟେସନ୍‌ରୁ ଟାୱାର ଗାଡ଼ି ଡକାଇ ଟ୍ରେନ ଇଞ୍ଜିନରେ ଥିବା ନଡ଼ିଆ ବାହୁଙ୍ଗାକୁ ସଫା ସହିତ ଟ୍ରେନ ସମସ୍ତ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଇଥିଲା। ପରେ ଟ୍ରେନ୍ ୩ ଟା ୪୦ରେ ବସ୍ତା ଷ୍ଟେସନ ଛାଡିଥିଲା।

# ଏମ୍‌ବିକେ, କ୍ରୀଡ଼ା ଶିକ୍ଷକ ସାଜିଛନ୍ତି ମନରେଗା ଶ୍ରମିକ

ପାଲଲହଡ଼ା, ୪।୬(ସମିସ)

ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ରେ ଗରିବ ଖଟିଖିଆଙ୍କୁ ବର୍ଷକୁ ୧୦୦ ଦିନ ନିଶ୍ଚିତ ରୋଜଗାର ଯୋଗାଇଦେବା ପାଇଁ ସରକାରୀ ବ୍ୟବସ୍ଥା ରହିଛି। ଏଥିପାଇଁ ସରକାର ମଧ୍ୟ ପର୍ଯ୍ୟାପ୍ତ ଅର୍ଥ ଯୋଗାଇ ଦେଉଛନ୍ତି। ମାତ୍ର ଶ୍ରମିକ ବଦଳରେ ମେସିନ ସାହାଯ୍ୟରେ କାମ କରି ଏହି ଯୋଜନାର ଅର୍ଥ ହଡ଼ପ କରିବାରେ ମାହିର ସାଜିଛନ୍ତି କିଛି ସରକାରୀ ବାବୁ ଏବଂ ଗାଁର ତଥାକଥିତ ନେତା। କେବଳ ସେତିକି ନୁହେଁ, ଠିକା ସରକାରୀ କର୍ମଚାରୀମାନଙ୍କ ନାଁରେ ମଧ୍ୟ ଜବ୍‌କାର୍ଡ କରି ତାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିବା ଦେଖିବାକୁ ମିଳିଛି। ଏପରି ଏକ ଘଟଣା ସାମ୍ନାକୁ ଆସିଛି ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଚଷାଗୁରୁଜାଙ୍ଗ ପଞ୍ଚାୟତରୁ।

ଜବ କାର୍ଡ ନମ୍ବର ଓଆର୍-୨୧-୦୦୭-୦୦୬-୦୦୧/୨୭୮୭୪ରେ ଯଶୋଦା ଜେନା ଏବଂ ତାଙ୍କ ସ୍ୱାମୀ ପୃଷଦସ୍ୱ ଜେନାଙ୍କ ନାମ ପଞ୍ଜୀକରଣ ହୋଇଥିବା ବେଳେ ଉଭୟ ଠିକା କର୍ମଚାରୀ ଭାବେ ସରକାରୀ ସ୍ତରରେ

**● କାମ ନ କରି ବ୍ୟାଙ୍କ ଖାତାକୁ ଯାଉଛି ହଜାର ହଜାର ଟଙ୍କା**

କାର୍ଯ୍ୟରତ ଅଛନ୍ତି। ଯଶୋଦା ୨୦୧୨ରୁ ମିସନ ଶକ୍ତି ବିଭାଗରେ ମାଷ୍ଟର ବୁକ କିପର (ଏମ୍‌ବିକେ) ଭାବେ କାର୍ଯ୍ୟରତ ଥିବା ବେଳେ ପୃଷଦସ୍ୱ କମ୍ପରକେଳା ସରକାରୀ ଆଶ୍ରମ ବିଦ୍ୟାଳୟରେ ଠିକା ଶାରୀରିକ ଶିକ୍ଷକ ଭାବେ କାମ କରୁଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ଚଷାଗୁରୁଜାଙ୍ଗ ଗାଁ ପଲ୍ଲୀସଭା ବରଗଛ ପିଣ୍ଡିଠାରୁ ବୁଦ୍ଧି ସାହୁ ଘର ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ କାର୍ଯ୍ୟରେ ଉଭୟ ମାର୍ଚ୍ଚ ୧୩ରୁ ୨୬ ତାରିଖ ପର୍ଯ୍ୟନ୍ତ ୧୪ ଦିନ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ଏପ୍ରିଲ ୨୯ରୁ ମେ ୧୨ ପର୍ଯ୍ୟନ୍ତ ୨୮ ଦିନ କାର୍ଯ୍ୟ କରିସାରିଥିବା ବେଳେ ଏବେ ମେ ୩୧ରୁ ଜୁନ ୧୩ ପର୍ଯ୍ୟନ୍ତ ସେମାନଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି। ଏ ବାବଦ ଯଶୋଦାଙ୍କ ବ୍ୟାଙ୍କ ଖାତାକୁ ୪ ପର୍ଯ୍ୟାୟରେ ୬୬୦୪ ଟଙ୍କା ଏବଂ ପୃଷଦସ୍ୱଙ୍କ ବ୍ୟାଙ୍କ ଖାତାକୁ ୪ ପର୍ଯ୍ୟାୟରେ ୭୬୪୪ ଟଙ୍କା ଜମା କରାଯାଇଥିବା ଦସ୍ତାବିଜରୁ ଜଣାପଡ଼ିଛି।

ସରକାରୀ ନିୟମ ମୁତାବକ ସରକାରୀ ଦରମା କିମ୍ବା ଭତ୍ତା ପାଉଥିବା ବା ମାସକୁ ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରୁଥିବା ବ୍ୟକ୍ତି ମନରେଗା ଯୋଜନାରେ କର୍ମନିଯୁକ୍ତି ପାଇପାରିବେ ନାହିଁ। ତେବେ ଏହି ନିୟମ ସମ୍ପର୍କରେ ପଞ୍ଚାୟତର ସରପଞ୍ଚ, ନିର୍ବାହୀ ଅଧିକାରୀ ଓ ଜିଆର୍‌ଏସ୍ କିପରି ଜାଣିପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ବିଷୟରେ ଜିଆରଏସ, ତାପସ କୁମାର ସାହୁଙ୍କ ସହ ଯୋଗାଯୋଗ କରିବାରୁ କହିଲେ, ମୁଁ ଏହି ପଞ୍ଚାୟତରେ ନୂଆ କରି ଯୋଗଦେଇଛି। ଏ ସମ୍ପର୍କରେ ତାଙ୍କ ପାଖରେ କୌଣସି ଖବର ନ ଥିବା କହିଥିଲେ। ସେହିପରି ଉଭୟ ଜବକାର୍ଡଧାରୀ ଘଟଣାକୁ ସ୍ୱୀକାର କରିଥିବା ବେଳେ ଗାଁର କିଛି ଯୁବକ ତାଙ୍କ ଜବକାର୍ଡ ନେଇ ଏମିତି କରିଥିବା ପୃଷଦସ୍ୱ କହିଛନ୍ତି। ଏ ସମ୍ପର୍କରେ ବିଡିଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ପଞ୍ଚାୟତସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ



ଅନୁଗୋଳ, ୪।୬(ସମିସ): ପଞ୍ଚାୟତସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଭୋଗବେରେଣୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରପଞ୍ଚ ଚାପଲିନ୍ ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଆଜି ଦିନରେ ଖାଉଟିମାନେ ସବୁ ସ୍ତରରେ ଉପେକ୍ଷିତ ହେଉଛନ୍ତି। ଗାଁରେ ରାସନ ଚାଉଳଠାରୁ ଆରମ୍ଭ କରି ବିଭିନ୍ନ ପ୍ୟାକେଟ ଜିନିଷ କିଣିବା ସମୟରେ କମ୍ ଓଜନ ସହ ଖରାପ ସାମଗ୍ରୀ ପାଉଛନ୍ତି। ତେଣୁ ଖାଉଟିମାନେ ନିଜର ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବା ସହ ଆଇନ କାନୁନ୍ ବିଷୟରେ ଜାଣିବା ନିତାନ୍ତ ଆବଶ୍ୟକ ବୋଲି ସରପଞ୍ଚ ମତବ୍ୟକ୍ତ କରିଥିଲେ। ସାଧନ କର୍ମୀ ଭାବେ ଜିଲ୍ଲା ଖାଉଟି ବିବାଦ ବିଚାର କମିଶନ ପୂର୍ବତନ ଅଧକ୍ଷ ଏବଂ ଜିଲ୍ଲା ଶିଶୁ କଲ୍ୟାଣ ସମିତି ସଦସ୍ୟ କଲ୍ୟାଣ ମହାନ୍ତି ଯୋଗଦେଇ ଖାଉଟି ଅର୍ଥ କ'ଣ, ଖାଉଟିମାନଙ୍କ ବିଭିନ୍ନ ସମସ୍ୟା, ସମସ୍ୟାର ଆରମ୍ଭ, ଅଧିକାର, ଆମ ଦେଶରେ ଆଇନ୍‌ର ଆରମ୍ଭ, ଅନୁମୋଦନ, ସଂଶୋଧନ, ଲାଗୁକରଣ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ସାମଲ, ନାଏବ ସରପଞ୍ଚ ଭଗବତୀ ନନ୍ଦ, ଏମ୍‌ବିକେ ପ୍ରିୟଦର୍ଶିନୀ ତ୍ରିପାଠୀ ପ୍ରମୁଖ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ। ସ୍ୱନ୍ଦନ ସଦସ୍ୟ ବିଭୁପ୍ରସାଦ ଶତପଥୀ ଅତିଥି ପରିଚୟ ପ୍ରଦାନ ସହ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଏମ୍‌ବିକେ ତ୍ରିପାଠୀଙ୍କୁ ତାଙ୍କ ତ୍ୱରିତ ସେବା ପ୍ରଦାନ ମନୋଭାବ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱନ୍ଦନର ସ୍ୱେଚ୍ଛାସେବୀ ସୁଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ୍ ଚୋରି ଅଭିଯୋଗ

ବଇଣ୍ଡା, ୪।୬(ସମିସ): ହଣ୍ଡପା ଥାନା ବଇଣ୍ଡା ହାଇସ୍କୁଲ ରୋଡ୍ ନିକଟରୁ ଅଶ୍ମୁବାହାଳ ଗ୍ରାମର କାଳିଆ ଦେହୁରୀଙ୍କ ବାଇକ ଚୋରି ହୋଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କାଳିଆ ହାଇସ୍କୁଲ ରୋଡ୍‌ରେ ଥିବା ସେଲୁନ ନିକଟରେ ବାଇକ ରଖିଥିବା ବେଳେ କେହି ତାହାକୁ ନେଇଯାଇଛି। ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିବା ପରେ ନ ପାଇବାରୁ ସେ ଥାନା ଦ୍ୱାରସ୍ଥ ହୋଇଛନ୍ତି।

## ଦୋକାନରୁ ଚିତିସାପ ଉଦ୍ଧାର

ବଇଣ୍ଡା, ୪।୬(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା କଦଳୀମୁଣ୍ଡାରେ ଥିବା ବିକାଶ ଗୁପ୍ତାଙ୍କ ଦୋକାନରୁ ବୁଧବାର ଏକ ଚିତିସାପ ଉଦ୍ଧାର କରାଯାଇଛି। ଦୋକାନ ଭିତରେ ସାପ ଦେଖି ବିକାଶ ମାଧପୁର ଅଞ୍ଚଳର ସାପ ଉଦ୍ଧାରକାରୀ ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ସାପକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।

## 'ଆମ ସଙ୍କଳ୍ପ-ନିଶା ନୁହେଁ, ଜୀବନ' ସଚେତନତା

ଅନୁଗୋଳ, ୪।୬(ସମିସ): 'ଆମ ସଙ୍କଳ୍ପ-ନିଶା ନୁହେଁ, ଜୀବନ' ରାଜ୍ୟ ସରକାରଙ୍କ ଏକ ବିଶେଷ ଅଭିଯାନ। ଏହି ଅଭିଯାନ ମେ ୩୧, ବିଶ୍ୱ ତମାଖୁ ବର୍ଜନ ଦିବସରୁ ଆରମ୍ଭ ହୋଇ ଅନ୍ତର୍ଜାତିକ ନିଶା ସେବନ ଓ ବେଆଇନ୍ କାରବାର ନିରୋଧ ଦିବସ (ଜୁନ୍ ୨୬) ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ମାଦକ ଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଅବଗତ କରାଯିବା ସହ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରାମଦ କାରବାର ସମ୍ପୂର୍ଣ୍ଣ ରୋକିବା ଲାଗି ସଚେତନତା ନିମନ୍ତେ ୨ଟି ସଚେତନତା ରଥ ଜିଲ୍ଲା କାର୍ଯ୍ୟାଳୟରୁ ବାହାରିଛି। ଏହି ରଥକୁ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତାର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଗାଁରୁ ସହର ପର୍ଯ୍ୟନ୍ତ ସଚେତନତା ସୃଷ୍ଟି କରିବ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅବକାରୀ ଅଧୀକ୍ଷକ ମଧୁସ୍ମିତା ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ୍ ଧଳ, ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, କ୍ରୀଡ଼ାବିତ୍, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ଅବକାରୀ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

## କଳାରେ ପ୍ରତିମା ଓ ବିଜ୍ଞାନରେ ମୁକେଶଙ୍କ ବାଜିମାତ

ଖମାର, ୪।୬(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ +୩ ପରୀକ୍ଷାରେ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବେଶ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ଓଡ଼ିଆ ବିଭାଗ ଛାତ୍ରୀ





ପ୍ରତିମା ବେହେରା ସର୍ବାଧିକ ୮.୩୦ ସିଜିପିଏ ନମ୍ବର ରଖିଥିବା ବେଳେ ବିଜ୍ଞାନରେ ଜୀବବିଜ୍ଞାନ ବିଭାଗ ଛାତ୍ର ମୁକେଶ ପ୍ରଧାନ ୮.୭୫ ସିଜିପିଏ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। କଳା ଓ ବିଜ୍ଞାନରେ ମୋଟ ୨୩୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯୧ ଜଣ ଆଶାଜନକ ନମ୍ବର ରଖିଛନ୍ତି। କଳାରେ ପାସ୍ ହାର ୮୨.୧୧ ପ୍ରତିଶତ ଓ ବିଜ୍ଞାନରେ ୮୧.୮୧ ପ୍ରତିଶତ ରହିଛି। ଖମାର ପରି ଏକ ଗ୍ରାମୀଣ ପରିବେଶରେ ଶୈକ୍ଷିକ ପରିବର୍ତ୍ତନ ଓ ଛାତ୍ରଛାତ୍ରୀଙ୍କ ସଫଳତାକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ଛାତ୍ରଛାତ୍ରୀଙ୍କ ସଫଳତାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସରୋଜ ପ୍ରଧାନ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

**■ ୭ ଦିନ ମଧ୍ୟରେ ଜବରଦଖଲ ଉଚ୍ଛେଦ ପାଇଁ ୩୦ ଜଣଙ୍କୁ ନୋଟିସ୍**

# ମାସେ ବିତିଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ



ତାଳଚେରସଦର, ୪।୬(ସମିସ): ତାଳଚେରର ବହୁ ପୁରାତନ ରାଣୀପାର୍କ ଜଙ୍ଗଲ ସିଲିଙ୍ଗ ପ୍ଲସ୍‌ରେ ସରକାରଙ୍କ ହାତକୁ ଚାଲିଯିବା ପରେ ତାହା ଶ୍ରୀହୀନ ହୋଇପଡ଼ିଛି। ତହସିଲର କେତେକ ଅସାଧୁ କର୍ମଚାରୀଙ୍କୁ ହାତବାରିଶି କରି ଜମି ମାଫିଆମାନେ ଏହାକୁ ଦୀର୍ଘବର୍ଷ ହେଲା ଅକ୍ତିଆରରେ ରଖି ଘରଦ୍ୱାର କରିଛନ୍ତି। ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ତାଳଚେର ପୌରପରିଷଦ ପକ୍ଷରୁ ୭ ଦିନ ମଧ୍ୟରେ ଜବରଦଖଲ ଉଚ୍ଛେଦ ପାଇଁ ଗତ ମେ ୨ରେ ୩୦ ଜଣଙ୍କୁ ନୋଟିସ୍ କରାଯାଇଥିଲା। ହେଲେ ଇତିମଧ୍ୟରେ ଗୋଟିଏ ମାସ ବିତିବାକୁ ବସିଥିଲେ ମଧ୍ୟ ପୌରପରିଷଦ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏ ଦିଗରେ ପୌର ପରିଷଦର ନିରବତା ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। କାହା ଚାପରେ ପୌରପରିଷଦ ଚୁପ୍ ହୋଇ ବସିପଡ଼ିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ବଳପୂର୍ବକ ଜବରଦଖଲ ଉଚ୍ଛେଦ କରିବାକୁ ସାଧାରଣରେ ଦାବି ହେଉଛି।

**■ ନବମ ଜାତୀୟ ଓପନ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା**

# ଅନୁଗୋଳ ପ୍ରତିଯୋଗୀଙ୍କ ସଫଳତା



ଅନୁଗୋଳ, ୪।୬(ସମିସ): କଟକ ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମରେ ଗତ ୩୦ ତାରିଖରୁ ତିନିଦିନିଆ ନବମ ଜାତୀୟ ଓପନ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ସମେତ ଅନେକ ରାଜ୍ୟର ଏସଏସବି, ସିଆଇଏସଏଫ ଏବଂ ଏନସିସି କ୍ୟାଡେଟ ପ୍ରଭୃତି ପ୍ରାୟ ୮ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅନୁଗୋଳ ପ୍ରତିଯୋଗୀମାନେ କିରାଗୀ ଓ ପୁମୁସେ ବିଭାଗରେ ମିଳିତ ୧୪ଟି ସ୍ୱର୍ଣ୍ଣ, ୧୩ ରୌପ୍ୟ, ୧୪ ତାମ୍ର ପଦକ ବିଭିନ୍ନ ବର୍ଗରେ ଅର୍ଜନ କରିଛନ୍ତି। କୋଚ୍ ଶକ୍ତିପ୍ରସାଦ ବାରିକ ଏବଂ ହେମ ବାହାଦୁର ଥାପ୍ପାଙ୍କ ତତ୍ତ୍ୱାବଧାନରେ ଖେଳାଳିଙ୍କୁ ଏହି ସଫଳତା ମିଳିଛି। ଏହି ସଫଳତା ପାଇଁ ଜିଲ୍ଲାପାଳ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ସମ୍ପାଦକ ଅମରଜିତ ଗଡ଼ନାୟକ, ସଭାପତି ଶ୍ରୀକାନ୍ତ ପ୍ରଧାନ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଘର ଶିଡ଼ିରୁ ଖସି ଯୁବକ ମୃତ

କଣିହାଁ, ୪।୬(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଥାନା ଗଣ୍ଡମଳା ଗ୍ରାମରେ ଘର ଶିଡ଼ିରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରେଙ୍ଗାଳି ଥାନା କୁଲୁମା ଗ୍ରାମର ମଦନା ନାଏକ (୪୮)। ମଦନା ଗଣ୍ଡମଳା ଗ୍ରାମର ସୁବର୍ଣ୍ଣ ନାଏକଙ୍କୁ ବିବାହ କରି ଘରଜ୍ୱାଇଁ ଭାବେ ରହୁଥିଲେ। ସୁବର୍ଣ୍ଣଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତିରେ ମଦାନା ମଦ୍ୟପାନ କରି ଘରକୁ ଆସିଥିଲେ ଓ କିଛି ନ ଖାଇ ଛାତ ଉପରକୁ ଶୋଇବାକୁ ଯାଉଥିଲେ। ଶିଡ଼ି ଚଢୁଥିବା ସମୟରେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ସୁବର୍ଣ୍ଣ ତାଙ୍କୁ ଉଠାଇ ବିଛଣାରେ ଶୁଆଇ ଦେଇଥିଲେ। ବୁଧବାର ସକାଳେ ସ୍ଥାନୀୟ ଜିତୁ ସାହୁ ନାମକ ଜଣେ କ୍ୱାକ୍‌ଙ୍କ ଦ୍ୱାରା ଚିକିତ୍ସା କରାଇଥିଲେ ମଧ୍ୟ ମଧ୍ୟାହ୍ନରେ ତାଙ୍କ ମୃତ୍ୟୁ ହୋଇଥିଲା। ଅପରାହ୍ନରେ ସୁବର୍ଣ୍ଣ ରେଙ୍ଗାଳି ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ଜୟନ୍ତ କୁମାର ମହାନ୍ତି କହିଛନ୍ତି।

## ବିଦ୍ୟାଳୟରୁ ଚୋରି ଅଭିଯୋଗ

କିଶୋରନଗର, ୪।୬(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ଉରୁକୁଳା ଗ୍ରାମରେ ଥିବା ପବିତ୍ର ମୋହନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୯ ବସ୍ତା ଚାଉଳ ସହ ଓଜନ ମେସିନ ଚୋରିକରି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜିତୁ ସାହୁ ମଙ୍ଗଳବାର ଦିନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବିଦ୍ୟାଳୟରେ ପିଲାଙ୍କ ମଧ୍ୟାହ୍ନ ଭୋଜନ ଚାଉଳ ରହିଥିଲା। ବିଦ୍ୟାଳୟ ଛୁଟି ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛି।

# କିଶୋରନଗରରେ ଟ୍ରମା ସେଣ୍ଟର ପାଇଁ ଅନୁମତି

କିଶୋରନଗର, ୪।୬(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟ୍ରମା ସେଣ୍ଟର

**● ଦୁର୍ଘଟଣାରେ ଗୁରୁତରଙ୍କୁ କରାଯିବ ତ୍ୱରିତ ଚିକିତ୍ସା**
**● ରହିବେ ସ୍ୱତନ୍ତ୍ର ଡାକ୍ତର**

ଖୋଲିବା ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ରାଜ୍ୟର ୮୯ଟି ଟ୍ରମା ସେଣ୍ଟର ମଧ୍ୟରେ କିଶୋରନଗର ସ୍ଥାନିତ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ଏହାଦ୍ୱାରା ରାଜପଥରେ ବିଭିନ୍ନ ଦୁର୍ଘଟଣାରେ ଗୁରୁତର ବ୍ୟକ୍ତିମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇପାରିବ। ସୂଚନାଯୋଗ୍ୟ, ଅନୁଗୋଳ ଜିଲ୍ଲାର ପାଲଲହଡ଼ା, ଖମାର, ତାଳଚେର, ବଣ୍ଟିଅଁରପାଳ, ଛେଣ୍ଡିପଦା ଆଦି ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଟ୍ରମା ସେଣ୍ଟର ଖୋଲିବାକୁ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ରାଜମିସ୍ତ୍ରି ମୃତ

ଅନୁଗୋଳ, ୪।୬(ସମିସ): ଜରପଡ଼ା ଥାନା ତୁବେ ପଞ୍ଚାୟତ ଜୁକୁବ ଗାଁରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜୁକୁବୁ ଗାଁର ମଧୁ ସାହୁ। ମଧୁ ଗାଁରେ ଏକ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ତେବେ ଅଳ୍ପ ଉଚ୍ଚତାରେ ଝୁଲୁଥିବା ୧୧ କେଭି ତାରରେ ଲୁହା ରଡ୍ ଲାଗିଯାଇଥିଲା। ଫଳରେ ମଧୁ ମଧୁ ବିଦ୍ୟୁତ ଆଘାତରେ ଗୁରୁତର ହୋଇଥିଲେ। ତାଙ୍କୁ ଅନୁଗୋଳ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକ ଓ ଗ୍ରାମବାସୀ କ୍ଷତିପୂରଣ ତଥା ଅନୁକମ୍ପା ସହାୟତା ଦାବିରେ ସ୍ଥାନୀୟ ଗ୍ରୀଡ୍ ସବଷ୍ଟେସନରେ ଶବ ରଖି ଆନ୍ଦୋଳନ କରିଥିଲେ। ଜରପଡ଼ା ଓ ବନ୍ତଳା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

**■ ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର**

## ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

ଛେଣ୍ଡିପଦା, ୪।୬(ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଓଗୀ ଗ୍ରାମରେ ଘର ଭିତରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଗ୍ରାମର ତ୍ରିନାଥ ନାଏକଙ୍କ ସ୍ତ୍ରୀ ସୁପ୍ରଭା ନାଏକ। ତେବେ ସୁପ୍ରଭାଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକେ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ତ୍ରିନାଥ ୮ ବର୍ଷ ପୂର୍ବେ ଛେଣ୍ଡିପଦା ଥାନା ବାଲିପଟା ଗ୍ରାମର ଯୋଗେଶ୍ୱର ନାଏକଙ୍କ ଝିଅ ସୁପ୍ରଭାଙ୍କୁ ବିବାହ କରିଥିଲେ। ତାଙ୍କର ୬ ବର୍ଷର ଗୋଟିଏ ପୁଅ ମଧ୍ୟ ଅଛି। ତେବେ କିଛିଦିନ ହେବ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗିରହିଥିଲା। ସୁପ୍ରଭା ଆତ୍ମହତ୍ୟା କରିଥିବା ମଙ୍ଗଳବାର ବିଳମ୍ବିତ ରାତିରେ ଶାଶୂଘର ଲୋକେ ବାପଘରକୁ ଖବର ଦେଇଥିଲେ। ବାପଘର ଲୋକେ ପହଞ୍ଚି ପାରିପାର୍ଶ୍ୱିକ ପରିସ୍ଥିତିରୁ ଝିଅକୁ ହତ୍ୟା କରାଯଇଥିବା ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ତାଳଚେର ପୌରାଞ୍ଚଳର ସମସ୍ୟା ଉପସ୍ଥାପନ କଲେ ସାଂସଦଙ୍କ ପ୍ରତିନିଧି

ତାଳଚେର, ୪।୬(ସମିସ): ତାଳଚେର ପୌର ପରିଷଦର କାଉନସିଲ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଭାବେ ପ୍ରାକ୍ତନ କାଉନସିଲର ବରିଷ୍ଠ ବିଜେପି ନେତା ଜିତେନ୍ଦ୍ର ଦାସ ଏଥିରେ ଯୋଗଦେଇ ତାଳଚେର ପୌରାଞ୍ଚଳର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ପରିମଳ ବ୍ୟବସ୍ଥା, ରାସ୍ତା, ଡ୍ରେନ, ଆଲୋକୀକରଣ, ବସ୍ତି ବାସିନ୍ଦାଙ୍କ ପାଇଁ ସରକାରଙ୍କ ନିୟମାନୁଯାୟୀ ଜାଗା ସହ ଘର ବ୍ୟବସ୍ଥା ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ସାଂସଦ ସମସ୍ତ ବିକାଶ କାର୍ଯ୍ୟରେ ପୌରପରିଷଦକୁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିବା ସେ ପ୍ରକାଶ କରିଥିଲେ।

# ପରିବେଶ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ




ଅନୁଗୋଳ, ୪।୬(ସମିସ): ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପରିବେଶ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଆୟୋଜନ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ପ୍ରିୟରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହକାରୀ ପରିବେଶ ବିଜ୍ଞାନୀ ପ୍ରଫୁଲ୍ଲ କୁମାର ବେହେରା ଏବଂ ସଞ୍ଜୟ କୁମାର ଭୋଇ, ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସଂଯୋଜକ ସୁବ୍ରତ କୁମାର ପ୍ରଧାନ, ପ୍ରିୟବ୍ରତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀମାନେ ଦୈନନ୍ଦିନ ଜୀବନରେ ପରିବେଶଧର୍ମୀ ହେବା ସହ ଚାରାରୋପଣ କରି ଯତ୍ନ ନେବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା।

ବିଦ୍ୟାଳୟ ପରିସରରେ ପଲଥିନ୍ ବ୍ୟବହାରରୁ ନିବୃତ୍ତ ରହିବା ଏବଂ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ନେଇ ଛାତ୍ରୀମାନେ ଶପଥପାଠ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ହିରଣ୍ୟପ୍ରଭା ତ୍ରିପାଠୀ ଜଣାଅଜଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ରଶ୍ମିତା ବେହେରା, ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ, ପ୍ରିୟମ୍ବଦା ପ୍ରଧାନ, ଯାନିନ୍ଦ୍ର କୁମାର ରାଉଳ, ଶୁଭେନ୍ଦୁ ସାହୁ, ରୋହିତ କୁମାର ପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଅନୁଗୋଳର ପ୍ରଫୁଲ୍ଲ କୁମାର ରାଉଳ, ସଞ୍ଜୟ କୁମାର ସାହୁ, ନକୁଳ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ବିନୟ କୁମାର ସାହୁ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ପ୍ଲାଷ୍ଟିକ୍ ବ୍ୟବହାର ବର୍ଜନ ସଚେତନତା

ସାତକୋଶିଆ, ୪।୬(ସମିସ)




ପ୍ଲାଷ୍ଟିକ୍ ପ୍ରଦୂଷଣ ଜନିତ ଉଗ୍ର ସମସ୍ୟା ସୃଷ୍ଟି କରୁଛି। ଏହା ଜୀବଜଗତ ପ୍ରତି ସତର୍କ ଘଣ୍ଟି ସଦୃଶ। ସହରରୁ ଗାଁ ସବୁଠି ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗୁଁ କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ସମସ୍ୟା ସୃଷ୍ଟି ହୋଇଛି। ସରକାରୀ ସ୍ତରରେ ଆଇନଗତ ଭାବେ ୭୫ ମାଇକ୍ରୋନ୍‌ରୁ ନିମ୍ନ ସ୍ତରର

**● ଦୀନବନ୍ଧୁ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟରେ ଶୋଭାଯାତ୍ରା**

ପ୍ଲାଷ୍ଟିକ୍‌ର ଉତ୍ପାଦନ ଓ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ତେବେ ପ୍ଲାଷ୍ଟିକ୍ ମହାମାରି ଓ ରାକ୍ଷସଠାରୁ ମୁକ୍ତି ପାଇବା ପାଇଁ ସମସ୍ତେ ସଚେତନ ହେବାକୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅନୁଗୋଳ ଜିଲ୍ଲା ଅନୁଗୋଳ ବ୍ଲକ ଦୀନବନ୍ଧୁ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ବୋର୍ଡର ସହକାରୀ ପରିବେଶ ବିଜ୍ଞାନୀ ସଞ୍ଜୟ କୁମାର ଭୋଇ, ଅନୁଗୋଳ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ରାଜେନ୍ଦ୍ର ସାହୁ, ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ପ୍ରଧାନ, ଶିକ୍ଷକ ଭାଗ୍ୟରାଥି ପ୍ରଧାନ, ରବୀନ୍ଦ୍ର ସାହୁ ଏବଂ ସମିତି ସଂଯୋଜକ ପ୍ରିୟବ୍ରତ ବେହେରା ଯୋଗଦେଇ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମକର୍ତ୍ତା ଶୋଭାଯାତ୍ରାରେ ଧଉରାଗୋଠ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ପ୍ଲାଷ୍ଟିକ୍‌ଠାରୁ ଦୂରେଇ ରହିବା ଏବଂ ଅତ୍ୟାବଶ୍ୟକ ନ ଥିଲେ ସମ୍ପୂର୍ଣ୍ଣ ବର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ଗ୍ରାମବାସୀ ଗାଁର ପରିବେଶ, ଜଳାଶୟ, ଗୋଷ୍ଠୀଗତ ଜମିବାଡ଼ି ଏବଂ ଜଙ୍ଗଲରେ ପ୍ଲାଷ୍ଟିକ୍ ନ ପକାଇବାକୁ ସମ୍ମତି ପ୍ରକାଶ କରିଥିଲେ। ପ୍ଲାଷ୍ଟିକ୍‌ର ଭୟାଭୟତା, ସ୍ୱାସ୍ଥ୍ୟ ପ୍ରତି ରହିଥିବା ବିପଦ ଶୁଣିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହେବା ସହିତ ସତର୍କ ରହିବାକୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ମଦର ଦେହୁରୀ ଏବଂ ସମିତି ପକ୍ଷରୁ ବିନୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ନିଲାମ ହେଉନି ବାଲି ଖାଦାନ; ଲୁଟ୍ ହେଉଛି ଲଘୁ ଖଣିଜ

## ରାଜସ୍ୱ ହାନି ସହ ନଷ୍ଟ ହେଉଛି ନଦୀବନ୍ଧ ଓ ରାସ୍ତା

କେନ୍ଦ୍ରାପଡ଼ା,୪।୬(ସମିସ):



ନଦୀରୁ ବେଆଇନ ଭାବେ ଦୈନିକ ହଜାର ହଜାର ଟ୍ରିପ୍ ବାଲି ଉତ୍ତୋଳନ ହେଉଛି। ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ବାଲି ମାଫିଆମାନେ ସରକାରଙ୍କୁ କୋଟି କୋଟି ଟଙ୍କାର ଟିକସ୍ ଫାଙ୍କୁଛନ୍ତି। ସାଧାରଣ ଲୋକଙ୍କଠାରୁ ଏହି ମାଫିଆ ପ୍ରତ୍ୟେକ ଟ୍ରିପରେ ୧ ହଜାରରୁ ୧୨ ଶହ ଟଙ୍କା ନେଉଛନ୍ତି। ନିର୍ଦ୍ଦିଷ୍ଟ କେତେଜଣ ଦଲାଲ ସାଜି ନିଲାମ ହୋଇ ନଥିବା ଘାଟରୁ ହଜାର ହଜାର ଟ୍ରିପ୍ ବାଲି ଉଠାଇ ଅନ୍ୟ ଜିଲ୍ଲାରେ ବିକ୍ରି କରୁଛନ୍ତି ବୋଲି ଅଭିଯୋଗ ହେଉଛି। କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ତହସିଲ ବେଣୀପୁରର ବିରୂପା ନଦୀପଠାରୁ ଆରମ୍ଭ କରି ଗରଦପୁର ଚିତ୍ରୋତ୍ପଳା ନଦୀ ଏବଂ ମାର୍ଶାଘାଇ ଲୁଣା ଆଉ କରଣ୍ଡିଆ ପର୍ଯ୍ୟନ୍ତ ସବୁଆଡ଼େ ବାଲି ଲୁଟ୍ ହେଉଛି। ଜିଲ୍ଲାର ୯ଟି ବ୍ଲକ ଅଧୀନ ସମସ୍ତ ବାଲିଘାଟ ନିଲାମ ନଥିବା ବେଳେ ବେଆଇନ ଉତ୍ତୋଳନ ଯୋଗୁଁ ସରକାରଙ୍କ ରାଜସ୍ୱ ହାନି ହେଉଛି। ଏହିସବୁ ସ୍ଥାନରୁ ଯାଜପୁର ଜିଲ୍ଲା ଓ ପାରାଦୀପକୁ ବେଆଇନ ଭାବେ ବାଲି ଦିନରାତି ଯାଉଛି। ପୂର୍ବତନ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ମେସିନ ଲଗାଇ ନିଲାମ ହୋଇ ନଥିବା ଘାଟ ରାସ୍ତାକୁ ବନ୍ଦ କରିଥିଲେ। ବର୍ତ୍ତମାନ ମାଫିଆମାନେ ଦୈନିକ ହଜାର ହଜାର ଟ୍ରିପ୍ ନଦୀପଠାରୁ ବାଲି ଖୋଳାଯାଇ ଡମ୍ପରରେ ଚାଲାଣ ହେଉଥିଲେ ମଧ ଏହାକୁ ରୋକିବାରେ ଜିଲ୍ଲା ପ୍ରଶାସନ ଫେଲ୍ ମାରିଛି। ବେଆଇନ ବାଲି ଚାଲାଣ ଯୋଗୁଁ ନଦୀପଠା କ୍ଷୟହୋଇ ତଟବର୍ତ୍ତୀ ଅଞ୍ଚଳଗୁଡ଼ିକ ପ୍ରତି ବିପଦ ଆଣିଦେଇଛି। ସ୍ଥାନୀୟ ତହସିଲ ପକ୍ଷରୁ ଟ୍ରାନଜିଟ ପାସର ଦୁରୂପଯୋଗ କରାଯାଇ ମଧ ଅନ୍ୟ ଜିଲ୍ଲାକୁ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ଅନ୍ୟ ଜିଲ୍ଲାର ମାଫିଆଙ୍କ କବ୍‌ଜାରେ କେନ୍ଦ୍ରାପଡ଼ା ଜିଲ୍ଲାର ଲଘୁ ଖଣିଜ ସମ୍ପଦ। ଜିଲ୍ଲାର ସମସ୍ତ ତହସିଲ ଅଞ୍ଚଳରେ ଏହିଭଳି କାର୍ଯ୍ୟ ଚାଲିଥିଲେ ମଧ ସମସ୍ତେ ସବୁକିଛି ଜାଣି ଚୁପ ବସିବାକୁ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ପୂର୍ବରୁ ପ୍ରଶାସନର କଠୋର କାର୍ଯ୍ୟାନୁଷ୍ଠାନ ଭୟରେ କେବଳ ରାତିରେ ବାଲି ଚୋରାଚାଲାଣ କରାଯାଉଥିଲା। ଏବେ ପ୍ରଶାସନର ନରମ ମନୋଭାବର ସୁଯୋଗନେଇ ମାଫିଆମାନେ ନିଲାମ ହୋଇନଥିବା ସୈରାତରୁ ଦିନରେ ହଜାର ହଜାର ଟ୍ରିପ୍ ବାଲିଚାଲାଣ କରି ମାଲାମାଲ ହେଉଛନ୍ତି। ପ୍ରତିବର୍ଷ ପ୍ରଶାସନ କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛି। ଏଭଳି ଚୋରା ବାଲିଚାଲାଣ କାହା ଇଙ୍ଗିତରେ ଚାଲୁଥିବା ନେଇ ମଧ ଚର୍ଚ୍ଚାର ବିଷୟ ହୋଇଛି। ବର୍ତ୍ତମାନ ସମୟରେ ବାଲିର ଅହେତୁକ ମୂଲ୍ୟ ବୃଦ୍ଧି, ଆଗକୁ ବର୍ଷାଦିନ ଥିବାରୁ ବାଲି ନମିଳିବାର ସମ୍ଭାବନାରେ ଏବେଠୁ ବାଲି ଠୁଳ କରିବା କାମରେ ଲାଗିଥିବା ଏବଂ ପାରାଦୀପ ବନ୍ଦର ଅଞ୍ଚଳରେ ବାଲିର ଚାହିଦାକୁ ନେଇ ମାଫିଆମାନେ ସକ୍ରିୟ ହୋଇଉଠିଛନ୍ତି। ଏପରିକି ରାଜ୍ୟ ବାହାରକୁ ବାଲି ଚୋରାଚାଲାଣ କରାଯାଉଛି ବୋଲି ଅଭିଯୋଗ ହେଉଛି। ବାଲି ବୋଝେଇ ଭାରୀଯାନଗୁଡ଼ିକ ଚାଲିବା ଦ୍ୱାରା ନଦୀବନ୍ଧ ରାସ୍ତା ନଷ୍ଟ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବାଲି ସୈରାତରୁ ବିନା ନିଲାମ, ବିନା ପରିବେଶ ମଞ୍ଜୁରୀ ଏବଂ ସରକାରୀ ଆଇନ୍ କାନୁନକୁ ଜଳାଞ୍ଜଳି ଦେଇ ବାଲି ମାଫିଆମାନେ ଲଘୁ ଖଣିଜ ଦ୍ରବ୍ୟ ଭାବରେ ହଜାର ହଜାର ଟ୍ରିପ ବାଲି ବିକି ଲାଭବାନ ହେଉଥିବା ବେଳେ ସାଧାରଣ ଲୋକଙ୍କୁ ଏଥିପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ନିଲାମ ହୋଇନଥିବା ବାଲିଖାଦାନ ତୁରନ୍ତ ନିଲାମ କରାଯିବା ସହ ବେଆଇନ୍ ଲଘୁ ଖଣିଜ ସମ୍ପଦ ଉତ୍ତୋଳନ ରୋକିବାକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ଶିବାଜୀ ଟାଇକ୍ୱୋଣ୍ଡୋ ଏକାଡେମୀର ସଫଳତା



କେନ୍ଦ୍ରାପଡ଼ା,୪।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଶିବାଜୀ ଟାଇକ୍ୱୋଣ୍ଡୋ ଏକାଡେମୀର ପ୍ରତିଯୋଗୀ କଟକସ୍ଥିତ ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ନବମ ଜାତୀୟ ଓପନ ଟାଇକ୍ୱୋଣ୍ଡୋ ଚାମ୍ପିଅନସିପରେ ଭାଗନେଇ ୪ଟି ପଦକ ହାସଲ କରିଛନ୍ତି। ଗତ ମେ ୩୦ତାରିଖରୁ ଆରମ୍ଭ ହୋଇ ଜୁନ ୧ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୧ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ତଥା ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲା ଶିବାଜୀ ଟାଇକ୍ୱୋଣ୍ଡୋ ଏକାଡେମୀର ୧୦ ଜଣ ଛାତ୍ରଛାତ୍ରୀ ଜାତୀୟସ୍ତର ପାଇଁ ଚୟନ ହୋଇଥିଲେ। ଶ୍ରୀନିବାସ ସାହୁ ସ୍ୱର୍ଣ୍ଣ, ଗଙ୍ଗୋତ୍ରୀ ରାଉତ ଓ ଶୁଭଶ୍ରୀ ଦାସ ରୌପ୍ୟ ଓ ପ୍ରତ୍ୟୁଷା ମଲ୍ଲିକ କାଂସ୍ୟ ପଦକ ହାସଲ କରି ଜିଲ୍ଲା ତଥା ରାଜ୍ୟ ପାଇଁ ସୁନାମ ଆଣିଛନ୍ତି। ଶିବାଜୀ ଟାଇକ୍ୱୋଣ୍ଡୋର ସଭାପତି ନାରାୟଣ ସାହୁ ଓ କୋଷାଧ୍ୟକ୍ଷ ସୁନାକର ବେହେରାଙ୍କ ତତ୍ତ୍ୱାବଧାନରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଜଝାଙ୍ଗସ୍ଥିତ ଶିବାଜୀ ଟାଇକ୍ୱୋଣ୍ଡୋ କାର୍ଯ୍ୟାଳୟରେ ଆୟୋଜିତ କରାଯାଇ କୃତୀ ପ୍ରତିଯୋଗୀ ଓ ମୁଖ୍ୟକୋଚ ଖଗେଶ୍ୱର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଦିବାଜ୍ୟୋତି ଦାସ ଧନ୍ୟବାଦ ଦେଇଥିଲେ।

## ପିଇବା ପାଣି ପାଇଁ ବିଡିଓଙ୍କୁ ଘେରିଲେ ମହିଳା



ରାଜକନିକା,୪।୬(ସମିସ): ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଅବହେଳା ପାଇଁ କାଟଣାବଣିଆ ପଞ୍ଚାୟତରେ ଜଳଯୋଗାଣ ହୋଇପାରୁନାହିଁ। ୨୦ ଜଣ ମହିଳା ବୁଧବାର ରାଜକନିକା ବିଡିଓଙ୍କୁ ଏନେଇ ଘେରଉ କରିବା ସହ ପାନୀୟ ଜଳ ଯୋଗାଣ ପାଇଁ ଦାବି କରିଥିଲେ। ବିଡିଓ ତତକ୍ଷଣାତ ସମ୍ପୃକ୍ତ ଜେଇଙ୍କୁ ଡକାଇ ସନ୍ଧ୍ୟା ସୁଦ୍ଧା ଏ ସମସ୍ୟାର ସମାଧାନ ପାଇଁ କଥା ଦେବାରୁ ମହିଳାମାନେ ବ୍ଲକରୁ ଫେରିଥିଲେ। ଶେଷ ରିପୋର୍ଟ ସୁଦ୍ଧା ପାଣି ମିଳି ନଥିବାରୁ ମହିଳାମାନେ ଗୁରୁବାର ପୁଣି ବ୍ଲକ୍ କାର୍ଯ୍ୟାଳୟ ଘେରଉ କରିବାକୁ ଚେତାବନୀ ଦେଇଛନ୍ତି। ଏହି ପଞ୍ଚାୟତର ରାସ୍ତାକଡ଼ରେ ବସବାସ କରୁଥିବା ୨୦ ପରିବାର ନିୟମିତ ପାଇପ ଯୋଗେ ପାନୀୟ ଜଳ ପାଇଆସୁଥିଲେ; ମାତ୍ର ରାସ୍ତା କାମ ଆଳରେ ଠିକାସଂସ୍ଥା ଏହି ପାଇପକୁ ଫଟେଇ ଦେବା ଫଳରେ ଏହି ପରିବାରଗୁଡିକ ବର୍ଷ ବର୍ଷ ଧରି ପିଇବା ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। କାଟଣା ବଣିଆ ପଞ୍ଚାୟତର ଏହି ପରିବାର ଦୀର୍ଘ ୬ ବର୍ଷ ଧରି ସ୍ୱଜଳଧାରା ଯୋଜନାର ପାଇପ ପାଣି ପାଇ ଆସୁଥିବା ବେଳେ ଏବେ ତାହା ସମ୍ପୂର୍ଣ୍ଣ ବନ୍ଦ ଅଛି। ଆଜିଯାଏ ସେମାନେ ବିଭିନ୍ନ ସମୟରେ ଏ ବାବଦରେ ପାନୀୟ ଜଳଯୋଗାଣ ଓ ପଞ୍ଚାୟତିରାଜ ବିଭାଗକୁ ବହୁବାର ବିଭିନ୍ନ ଉପାୟରେ ଜଣାଇ ପାଣି ପାଇଁ ନେହୁରା ହେବା ପରେ ବି ଏଯାବତ ପାଣି ପାଇ ନଥିବା ଆଜି ମହିଳାମାନେ ବିଡିଓଙ୍କୁ ଘେରି ଅଭିଯୋଗ କରିଥିଲେ। ଆଳି ବ୍ଲକ ପରିସରରେ ଏହି ପିଇବା ପାଣି ପାଇଁ ସାଧାରଣ ଲୋକେ ମଙ୍ଗଳବାର ବ୍ଲକରେ ଭଙ୍ଗାରୁଜା କରିବା ଘଟଣାରେ ରାଜକନିକା ବିଡ଼ିଓ ଛାନିଆ ହୋଇ ପଦକ୍ଷେପ ନେବାକୁ କହିଥିଲେ ବି ସମ୍ପୃକ୍ତ ଜେଇ ସନ୍ଧ୍ୟା ସୁଦ୍ଧା କୌଣସି ବ୍ୟବସ୍ଥା କରି ନ ଥିବାରୁ ମହିଳାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜେଇ କହିଛନ୍ତି ଯେ ସମ୍ପୃକ୍ତ ମହିଳାଙ୍କ ସହ ସେ ଆଲୋଚନା କରିଛନ୍ତି, ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବେ।

## ଏସ୍‌ଏନ୍ କଲେଜ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ



ରାଜକନିକା, ୪।୬(ସମିସ): ଅପରାହ୍ନରେ ରାଜକନିକା ଏସଏନ କଲେଜର ନୂତନ ଅଧ୍ୟକ୍ଷ ଭାବରେ ଉପେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଛନ୍ତି। ଶ୍ରୀ ପଣ୍ଡା ପିପି କଲେଜ ନିଶ୍ଚିନ୍ତକୋଇଲିର ଇତିହାସ ବିଭାଗର ରିଡର ଭାବରେ କାର୍ଯ୍ୟରତ ଥିବା ବେଳେ ଏହି କଲେଜରେ ସ୍ଥାୟୀ ଅଧ୍ୟକ୍ଷ ଭାବରେ ଆଜି ଯୋଗ ଦେଇଥିବାରୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହି କଲେଜରେ ଦୀର୍ଘ ଦଶନ୍ଧି ଧରି ସ୍ଥାୟୀ ଅଧ୍ୟକ୍ଷ ନ ଥିବାରୁ କାମଚଳା ଭାବରେ ବହୁ ଅଧ୍ୟାପକ ଅଧ୍ୟକ୍ଷ ଦାୟିତ୍ୱରେ ରହି ଆସୁଥିଲେ। ଉଚ୍ଚଶିକ୍ଷା ବିଭାଗର ଚିଠି ନଂ ୨୮୭୮୭ର ଜୁନ ମାସ ୨ ତାରିଖର ନିର୍ଦ୍ଦେଶ ଅନୁସାରେ ମୋଟ ୫୦ ଜଣ ଅଧ୍ୟକ୍ଷଙ୍କ ବଦଳି ତାଲିକାକ୍ରମରେ ଶ୍ରୀ ପଣ୍ଡା ଏଠାରେ ଯୋଗ ଦେଇଥିବାରୁ ତାଙ୍କୁ ପରିଚାଳନା କମିଟିର କେତେକ ସଦସ୍ୟ ଓ ଅଧ୍ୟାପକ, କର୍ମଚାରୀ ସ୍ୱାଗତ କରିଛନ୍ତି।

## ପୁଅର ସ୍ମୃତିରେ ପରିବାରବର୍ଗଙ୍କ ବୃକ୍ଷ ରୋପଣ



ଆଳି, ୪।୬(ସମିସ): ଆଳି ବ୍ଲକ ଦେମାଳ ପଞ୍ଚାୟତ ଗିରିବନ୍ଧ ଗ୍ରାମର ପ୍ରଦୀପ୍ତ ସାମଲ ଓ ଅନ୍ନପୂର୍ଣ୍ଣା ସାମଲଙ୍କ ଏକମାତ୍ର ପୁତ୍ର କ୍ଷୀତିଶଙ୍କ ୨୧ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। ତାଙ୍କ ସ୍ମୃତିରେ ବୁଧବାର ପରିବାର ବର୍ଗ ଏକାଠି ହୋଇ ସାମୂହିକ ବୃକ୍ଷରୋପଣ କରିଛନ୍ତି। କ୍ଷିତୀଶ ଇନ୍‌ଦୋରର ଏକ ଘରୋଇ ଗ୍ରାଫିକ୍ସ ଆର୍ଟ ଆଣ୍ଡ ଡିଜାଇନ କଲେଜର ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ହଷ୍ଟେଲରେ ଶୋଇଥିବା ବେଳେ ହଠାତ ତାଙ୍କର ଅକାଳ ମୃତ୍ୟୁ ଘଟିଛି। ତାଙ୍କର ଏକାଦଶାହରେ ବାପାମା' ଓ ପରିବାରବର୍ଗଙ୍କ ସହଯୋଗରେ ଗିରିବନ୍ଧ ହନୁମାନ ଛକ ନିକଟରେ ଥିବା ଆମ୍ବ ବଗିଚାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଧୀରେନ୍ଦ୍ର ସାମଲ, ପ୍ରଶାନ୍ତ ସାମଲ, ପ୍ରଭାସ ସାମଲ, ଗୋବିନ୍ଦ ସାମଲ, ବ୍ରହ୍ମାନନ୍ଦ ସାମଲ, ସନ୍ତୋଷ ସାମଲ, ପ୍ରବୀର ସାମଲ, ଅଭିଜିତ ସାମଲ, ଶୁଭକାନ୍ତ ଜେନା, ଦୀପକ ସାମଲ, ସତ୍ୟଜିତ ସାମଲ, ରୋହନ ସାମଲ ପ୍ରମୁଖ ସାମିଲ ଥିଲେ।

## ମିଳୁନି ଶ୍ରମିକଙ୍କୁ ମନରେଗା ମଜୁରି; ବ୍ଲକ୍ ଆଗରେ ଧାରଣା



ରାଜନଗର,୪।୬(ସମିସ): ଦୁଇ ମାସ ହାଡ଼ଭଙ୍ଗା ପରିଶ୍ରମ କରି କେନାଲ ସଫେଇ କାମ ମନରେଗା ଯୋଜନାରେ କରି ମଜୁରି ପାଉନାହାନ୍ତି ଶ୍ରମିକ। ମଜୁରି ଟଙ୍କା ନପାଇବାରୁ ଘରେ ଚୁଲି ଜଳୁନି। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କଠାରୁ ଆରମ୍ଭ କରି ସରପଞ୍ଚଙ୍କ ଯାଏଁ ଭେଟି ମଜୁରି ପାଇଁ ନେହୁରା ହେଲେ ମଧ ମଜୁରି ପାଇଲେ ନାହିଁ। ୨୯ ତାରିଖ ଦିନ ଶ୍ରମିକମାନେ ରାଜନଗର ବ୍ଲକ୍‌ରେ ପହଞ୍ଚି ମଜୁରି ଦେବାକୁ ବିଡିଓଙ୍କୁ ନେହୁରା ହୋଇଥିଲେ। ବିଡିଓ କୌଣସି ପଦକ୍ଷେପ ନନେବାରୁ ଶ୍ରମିକମାନେ ୩୫ କିଲୋମିଟର ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ରାଜନଗର ବ୍ଲକରେ ନୂତନ ଭାବେ ଯୋଗଦେଇଥିବା ବିଡିଓ ତୁରନ୍ତ ମଜୁରି ପ୍ରଦାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବାରୁ ଶ୍ରମିକମାନେ ଧାରଣାରୁ ଉଠିଛନ୍ତି। ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତର କେଟିଲ ପୋଖରୀରୁ ଶଶାଙ୍କ ମାହ୍ନା ଘର ଯାଏଁ ଓ ମଦନ ଦାସ ଘରଠାରୁ ବେଙ୍ଗ ମଣ୍ଡଳ ଘର ଯାଏଁ ଦୁଇଟି କେନାଲ ପୁନରୁଦ୍ଧାର କାମ ଶ୍ରମିକମାନେ କରିଛନ୍ତି। ମନରେଗାରେ ୨୭ ମାର୍ଚ୍ଚରୁ ୨୮ ମେ'ଯାଏଁ ଶ୍ରମିକମାନେ କେନାଲରେ ମାଟି ଖୋଳା କାମ କରିଥିଲେ ମଧ ସେମାନେ ସେମାନଙ୍କ ମଜୁରି ପାଇନାହାନ୍ତି। ବୁଧବାର ଡାଙ୍ଗମାଳ ଗାଁର ରାଜକିଶୋର ବେହେରା, ରଘୁନାଥ ବେହେରା, ବିଚିତ୍ର ବେହେରା, ହରେକୃଷ୍ଣ ଦାସ ପ୍ରମୁଖ ୧୭ ଜଣ ଶ୍ରମିକ ରାଜନଗର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଧାରଣାରେ ବସିଥିଲେ।

## ମତ୍ସ୍ୟଜୀବୀ ସମୃଦ୍ଧି କେନ୍ଦ୍ର ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୪।୬(ସମିସ): କେନ୍ଦ୍ରାପଡ଼ାର ଗାଙ୍ଗପଡ଼ା ଛକରେ ସିଦ୍ଧିଶକ୍ତି ମତ୍ସ୍ୟଚାଷୀ ଉତ୍ପାଦକ ସମବାୟ ସମିତିର ମତ୍ସ୍ୟଜୀବୀ ସମୃଦ୍ଧି କେନ୍ଦ୍ର ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ବ୍ଲକ୍ ସହକାରୀ ମତ୍ସ୍ୟ ଅଧିକାରୀ ମୋନାଲିସା



ପଣ୍ଡା ଓ ଜିଲ୍ଲା ମତ୍ସ୍ୟ ସମବାୟ ପରିଦର୍ଶକ ଏମଏସ ରୋନିତ ଯୋଗଦେଇଥିଲେ। ସମବାୟର ସଭାପତି ଭାଗବତଚନ୍ଦ୍ର ବରାଳ ଏହା ଜିଲ୍ଲାରେ ପ୍ରଥମ ସମୃଦ୍ଧି କେନ୍ଦ୍ର ଏବଂ ମତ୍ସ୍ୟ ଚାଷୀଙ୍କୁ ପ୍ରଶିକ୍ଷଣ, ପରାମର୍ଶ ଓ ସରକାରୀ ଯୋଜନା ସହିତ ଯୋଡ଼ିବା ପାଇଁ କାର୍ଯ୍ୟ କରିବ ବୋଲି କହିଥିଲେ। ସମବାୟର ନିର୍ଦ୍ଦେଶକ ସୋନାଶିଷ ଜେନା, ଜୟନ୍ତ ମହାନ୍ତି, ମଦନ ମଲ୍ଲିକ ଏବଂ ସଦସ୍ୟ ଦିବାକର ପ୍ରଧାନ, ବିପ୍ଳବ ସ୍ୱାଇଁ, ନରେଶ ପତି, ବିକ୍ରମ କେଶରୀ ବିଶ୍ୱାଳ, ଜୟଦେବ ସାସମଲ, ବିଜୟରାଉତ, ହେମନ୍ତସିଂ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ରଶ୍ମିରଞ୍ଜନ ଦଳାଇ ଧନ୍ୟବାଦ ଜଣାଇଥିଲେ।

## ମାର୍ଶାଘାଇ ପ୍ରାଥମିକ ଶିକ୍ଷକ ସଂଘର ବୈଠକ



ମାର୍ଶାଘାଇ, ୪।୬(ସମିସ): ମାର୍ଶାଘାଇ ବ୍ଲକ ବାଘଡିଆ ମା' ଗୋଜବାୟାଣୀ ପୀଠରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ(ଏନ୍‌ପିଏସ୍) ବ୍ଲକ ଶାଖାର ବୈଠକ ଅନୁଷ୍ଠିତ ହୋଇଯାଇଛି। ନିମ୍ନ ମାଧମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରଦୀପ ଲେଙ୍କାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅନନ୍ତ ପରିଡ଼ା, ସମ୍ମାନିତ ଅତିଥି ମହାକାଳପଡା ବ୍ଲକ ଶିକ୍ଷକ ସଂଘ ସଭାପତି ଶିଶିର ଦାସ, ସମ୍ପାଦକ ଅମୀୟ ଚୌଧୁରୀ, ମାର୍ଶାଘାଇ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରକାଶ ଷଡଙ୍ଗୀ, ସମ୍ପାଦକ ପାର୍ଥସାରଥୀ ସାହୁ, ଉପସଭାପତି ରମେଶଚନ୍ଦ୍ର ସାହାଣୀ, ବରିଷ୍ଠ ଶିକ୍ଷକ ଦେବେନ୍ଦ୍ର ପ୍ରସାଦ ଦାସ ଯୋଗ ଦେଇଥିଲେ। ୨୦୦୧-୨୦୦୧୨ ମଧରେ ଅବସର ନେଇଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସାମୂହିକ ସମ୍ବର୍ଦ୍ଧନା କରାଯାଇଥିଲା। ଜିଲ୍ଲା ସଂଯୋଜକ କେବାଦର କୁମାର ବେହେରା, କିଶୋର ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଠଲେ। ସଂଘ ସଭାପତି ଚିତ୍ତରଂଜନ ରାଉଳ, ସମ୍ପାଦିକା ଦୀପ୍ତିବାଳ ସ୍ୱାଇଁ, ମହାସଚିବ ଲକ୍ଷ୍ମୀଧର ଲେଙ୍କା, ଉପସଭାପତି ସଞ୍ଜୟ ଦାସ, ମିନକେତନ ପ୍ରଧାନ, ସହସମ୍ପାଦକ ରାଜକିଶୋର ବେହେରା, ମାନସୀ ସରାମଲ, କୋଷାଧ୍ୟକ୍ଷ ନିମାଇଁ ଚରଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଦୀପକ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବଜ୍ରପାତରେ ୩ ଗୋରୁ ମୃତ

ରାଜନଗର,୪।୬(ସମିସ): ଅପରାହ୍ନରେ ରାଜନଗର ବ୍ଲକ ଡେରା ପଞ୍ଚାୟତର ଧୋବେଇଗଡ଼ଠାରେ ବଜ୍ରପାତରେ ୩ ଗୋରୁ ଘଟଣାସ୍ଥଳରେ ପ୍ରାଣ ହରାଇଛନ୍ତି। ନିକଟରେ ରାଜନଗର ଗୁପ୍ତି ମୁଖ୍ୟ ରାସ୍ତାର ଧୋବେଇଗଡ଼ ନିକଟରେ ଗୋରୁ ପଲ ଚରୁଥିଲେ। ହଠାତ ବର୍ଷା ବାଉଁଶ ବୁଦା ନିକଟକୁ ଚାଲି ଆସିଥିଲେ। ବାଉଁଶ ବୁଦା ନିକଟରେ ଆଶ୍ରୟ ନେଇଥିବା ଗୋରୁ ପଲ ଉପରେ ହିଁ ବଜ୍ରପାତ ହୋଇଥିଲା। ଧୋବେଇଗଡ଼ ଗାଁର ରବି ମଣ୍ଡଳଙ୍କ ଦୁଇଟି ଗାଇ ଓ ସୁଶାନ୍ତ ମଣ୍ଡଳଙ୍କ ଗୋଟିଏ ଗାଇର ମୃତ୍ୟୁ ହୋଇଛି।

**■ ବିଧାୟକଙ୍କ ଉଦ୍ୟମର ଫଳ**

## ଅଳପୁଆ ଘାଟ ସେତୁର ଟେଣ୍ଡର ଆହ୍ୱାନ

ପଟ୍ଟାମୁଣ୍ଡାଇ, ୪।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ତଥା କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଳପୁଆ ଘାଟ ସେତୁ ପାଇଁ ୧୬୮ କୋଟି ୧୩ ଲକ୍ଷ ବ୍ୟୟ ଅଟକଳରେ ପୂର୍ତ୍ତ ବିଭାଗ ଟେଣ୍ଡର ଆହ୍ୱାନ କରିଛି। ଏହା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ଉଦ୍ୟମ ଫଳରେ ସମ୍ଭବ ହୋଇଥିବାରୁ ଧୋୟାଞ୍ଚଳବାସୀଙ୍କ ପକ୍ଷରୁ କୃତଜ୍ଞତାର ସୁଅ ଛୁଟୁଛି। ଏହି ସେତୁ ଅଳପୁଆର ଦାମୋଦର ପାଟଣାଠାରୁ ଆରମ୍ଭ ହୋଇ ଧୁମାନ୍ତଠାରେ ଲାଗିବ। ଏହାଦ୍ୱାରା ଯାଜପୁର ଜିଲ୍ଲାର ପାଳିମୀ, ନାଟରାକୁସୁମୀ, କାଇପଡା, ଅନ୍ୟାସପୁର ଆଦି ଅଞ୍ଚଳ ସହ କେନ୍ଦ୍ରାପଡ଼ା ଜିଲ୍ଲାବାସୀ ଉପକୃତ ହେବେ। ଅଳପୁଆ ପଞ୍ଚାୟତର ରବିନ୍ଦ୍ର ପରିଡା, ଗଗନଚନ୍ଦ୍ର ମହାଳିକ, ଅଶୋକ ନାୟକ, କିଶୋର ରାଉତ, ନାରଦଚନ୍ଦ୍ର ବିଶ୍ୱାଳ, ଅକ୍ଷୟରାଉତ, କୃତ୍ତିବାସ ସାହୁ, ଚନ୍ଦନ ସାହୁ, ଜାନକୀ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ, ସରପଞ୍ଚ ପଦ୍ମିନୀ ବେହେରା, ସମିତିସଭ୍ୟ ରାମ୍‌ନ୍ଦ୍ର ସେଠୀ, ସାମ୍ବାଦିକ ନରେନ୍ଦ୍ର ଧଳ, ରବିନ୍ଦ୍ର ଧଳ, ସୁକାନ୍ତ ରାଉତ, ପଦ୍ମନାଭ ନାୟକ, ନିରାକାର ବିଶ୍ୱାଳ, ଉମାକାନ୍ତ ବିହାରୀ ପ୍ରମୁଖ ବିଧାୟକ ଶ୍ରୀ ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପ୍ରଶାନ୍ତ ବିଶ୍ୱାଳଙ୍କ ପରଲୋକ



ପଟ୍ଟାମୁଣ୍ଡାଇ, ୪।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ତରଡିପାଳର ଆରଏସଏସ ସଂଗଠକ ପ୍ରଶାନ୍ତ ବିଶ୍ୱାଳଙ୍କ ୭୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବ୍ରାହ୍ମଣୀ ମହାବିଦ୍ୟାଳୟରୁ ଅବସର ପରେ ସାମାଜସେବାରେ ନିଜକୁ ସମର୍ପିତ କରିଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁତ୍ର ଜ୍ୟୋତିରଞ୍ଜନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅଙ୍ଗଦାନ କରିବେ ସଂଗ୍ରାମ ବିଶ୍ୱାଳ

ପଟ୍ଟାମୁଣ୍ଡାଇ, ୪।୬(ସମିସ): ଅନ୍ୟମାନଙ୍କ ଜୀବନ ରକ୍ଷା ପାଇଁ ଅଙ୍ଗଦାନ ମହତ କାର୍ଯ୍ୟ ଭାବେ ବର୍ତ୍ତମାନ ଆନ୍ଦୋଳନର ରୂପ



ନେଉଛି। ସରକାରୀ ଓ ବେସରକାରୀ ସ୍ତରରେ ଏହାକୁ ପ୍ରୋତ୍ସାହନ ମିଳୁଛି। ଏହି ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ ପଞ୍ଚାୟତ ବିଶ୍ୱାଳ ସାହିର ଯୁବ ସମାଜସେବୀ ସଂଗ୍ରାମ ବିଶ୍ୱାଳ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇ ସଂକଳ୍ପପତ୍ର ସ୍ୱାକ୍ଷର କରିଥିବା ଜଣାପଡ଼ିଛି। ଅଙ୍ଗଦାନ ଅଭିଯାନ ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ଡ. ପ୍ରଭାସ ଆଚାର୍ଯ୍ୟ ଏହି ଅଭିଯାନର ନେତୃତ୍ୱ ନେଇଛନ୍ତି। ଅଭିଯାନରେ ସ୍ୱେଚ୍ଛାକୃତ ଭାବେ ସାମିଲ ହୋଇ ମୃତ୍ୟୁ ପରେ ଅଙ୍ଗଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି ଶ୍ରୀ ବିଶ୍ୱାଳ। ତାଙ୍କର ଏହି ମହତ କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# କୃଷି ସମବାୟ ସମିତିର ବୋର୍ଡ ବୈଠକ

କେନ୍ଦ୍ରାପଡ଼ା,୪।୬(ସମିସ):



କେନ୍ଦ୍ରାପଡ଼ା ବ୍ଲକ ବଗଡ଼ା ପ୍ରାଥମିକ କୃଷି ସମବାୟ ସମିତିର ପରିଚାଳନା ସମିତି ବୈଠକ ଏବଂ ଚଳିତ ରବି ବିପଣନ ଋତୁ ୨୦୨୪-୨୫ ନିମନ୍ତେ ମୁଗମଣ୍ଡି ଉଦ୍‌ଘାଟିତ ହୋଇଛି। ସଭାପତି ଇଂ ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ବୈଠକରେ ସମ୍ପାଦକ କାଳନ୍ଦୀ ଚରଣ ବିଶ୍ୱାଳ ପୂର୍ବସଭାର ବିବରଣୀ ପଠନ ପରେ ଏହାର ଦୃଢ଼ୀକରଣ କରାଯାଇଥିଲା। ଗତ ଖରିଫ ଋତୁରେ ସମିତିର ସମସ୍ତ ପଞ୍ଜିକୃତ ଧାନ ଚାଷୀଙ୍କଠାରୁ ସରକାରୀ ଧାର୍ଯ୍ୟ ସର୍ବନିମ୍ନ ସହାୟକ ଦରରେ ୨୦ ହଜାର କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ସଂଗ୍ରହ ହୋଇଥିବାରୁ ବୈଠକରେ ସନ୍ତୋଷ ପ୍ରକାଶ ପାଇଥିଲା। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବହୁଳ ବ୍ୟବହୃତ ଶାରଳା, ପୂଜା ଓ ୧୦୬୧ କିସମର ଧାନ ବିହନ ପର୍ଯ୍ୟାପ୍ତ ମହଜୁଦ ରଖାଯାଇଥିବା ବେଳେ ସବସିଡି ଯୁକ୍ତ ରାସାୟନିକ ସାର ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ ବୋଲି ବୈଠକରେ ସଭାପତି ପ୍ରକାଶ କରିଥିଲେ। ସମିତିର ଗୋଦାମଗୃହ ତଥା ସମ୍ମିଳନୀ କକ୍ଷ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟ ବରାଦ ସତ୍ତ୍ୱେ ବ୍ଲକ ପ୍ରଶାସନ ଏହାର ଟେଣ୍ଡର ପ୍ରକ୍ରିୟାକୁ ବିଳମ୍ବ କରୁଥିବାରୁ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ବିପଦସଙ୍କୁଳ ଗୋଦାମଘରକୁ ତୁରନ୍ତ ଭାଙ୍ଗି ନୂତନ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଭାପତି କହିଥିଲେ। ସମିତିର ଚଳିତ ରବି ଋଣ ଆବେଦନ ଓ ଏହାର ସ୍ଥିତି ତଥା ନୂତନ ସଦସ୍ୟତା ଆବେଦନଗୁଡ଼ିକର ଅନୁମୋଦନ ସଂକ୍ରାନ୍ତ ଆଲୋଚନା କରାଯାଇଥିଲା। ଏହି ଅବସରରେ ରବି ବିପଣନ ଋତୁ ପାଇଁ ମୁଗ ଓ ବିରି କ୍ରୟ ମଣ୍ଡିର ଉଦ୍‌ଘାଟନ କରାଯାଇଥିଲା। ବୋର୍ଡ ସଦସ୍ୟ ଧରଣୀଧର ପାତ୍ର, ପ୍ରତାପ ଜେନା, ଖଗେଶ୍ୱର ସ୍ୱାଇଁ, ପ୍ରଫୁଲ୍ଲ ରାଉଳ, ସୁଜିତ୍ ବେହେରା, ତପନ ନାୟକ, ପ୍ରମିଳା ସାହୁ, ସୁରେନ୍ଦ୍ର ମୋହନ ସାହୁ, ଜ୍ଞାନରଞ୍ଜନ ସାହୁ, ମାନସ ପ୍ରଧାନ, ଜୟନ୍ତ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ସହସମ୍ପାଦକ ଦୟାନିଧି ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଡାଟା ଏଣ୍ଟ୍ରି ଅପରେଟର ସଂଘମିତ୍ରା ସ୍ୱାଇଁ, କର୍ମଚାରୀ ଅମିତାଭ ସ୍ୱାଇଁ ପରିଚାଳନା କରିଥିଲେ।


**ମୁଗମଣ୍ଡି ଉଦ୍‌ଘାଟିତ**

## ଜାମି ବିବାଦରୁ ସଙ୍ଘବଦ୍ଧ ଆକ୍ରମଣ

ରାଜକନିକା,୪।୬(ସମିସ): ରାଜକନିକା ବ୍ଲକ କଣ୍ଟପଡା ପଞ୍ଚାୟତ କୋଠସାହି(ଗିରିଆ) ଗାଁର ବିଦ୍ୟାଧର ମଲିକ ଓ ତାଙ୍କ ପଡ଼ୋଶୀଙ୍କ ମଧରେ ଦୀର୍ଘ ଦିନର ଜମିବାଡ଼ି ବିବାଦ ଲାଗିରହିଛି। ବୁଧବାର ତାହା ଉଗ୍ର ରୂପ ନେବାରୁ ବିଦ୍ୟାଧରଙ୍କ ପରିବାର ଉପରେ ପଡ଼ୋଶୀ ପରିବାର ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବିଦ୍ୟାଧରଙ୍କ ଜମିରେ ଜୋରଜବରଦସ୍ତ ଘର କରୁଥିବା ସମୟରେ ଏହାକୁ ବିଦ୍ୟାଧର ଓ ତାଙ୍କ ପରିବାର ପକ୍ଷରୁ ବିରୋଧ କରିଥିଲେ। ଫଳରେ ବିଦ୍ୟାଧର, ତାଙ୍କ ସ୍ତ୍ରୀ ଅଞ୍ଜଳି ଏବଂ ପୁଅକୁ ଆକ୍ରମଣ କରିବା ସହ ତାଙ୍କ ଏକ ସ୍କୁଟିକୁ ଭାଙ୍ଗି ଦେଇଥିବା ନେଇ ଅଞ୍ଜଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଞ୍ଜଳିଙ୍କ ପୁଅ ଆହତ ହୋଇଥିବା ବେଳେ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟ ଆହତ ପରିବାରଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରୁ ବିଦ୍ୟାଧର ଓ ଅଞ୍ଜଳି ଚିକିତ୍ସିତ ହୋଇ ରାଜକନିକା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ପଡ଼ୋଶୀ ମିନା ମଲିକ ମଧ ପାଲଟା ଅଭିଯୋଗ କରିଥିବା ଜଣାପଡ଼ିଛି।

ସକାଳ
THE SAKALA

# ସମ୍ପାଦକୀୟ



ଜୀବନ ଠିକ୍ ସାଇକଲ୍ ଚାଳନା ପରି । ସମତୁଲତା ରକ୍ଷା କରିବାକୁ ହେଲେ ଏହା ନିରନ୍ତର ଚାଲିବା ଜରୁରୀ ।
-ଆଲବର୍ଟ ଆଇନଷ୍ଟାଇନ୍

## ଅପେକ୍ଷାର ଅନ୍ତ

ଆମ ଦେଶ କ୍ରୀଡ଼ା ପରିବାରର. ଅଂଶବିଶେଷ ନୁହେଁ କ୍ରିକେଟ୍, ଅଥଚ ଲୋକପ୍ରିୟତାର ଶୀର୍ଷରେ ଅଛି । ବ୍ରିଟିଶ ଉପନିବେଶରୁ ଆରମ୍ଭ ହୋଇଥିବା କ୍ରିକେଟ ଖେଳର ଏହି ଜୟଯାତ୍ରା କେବଳ ସମ୍ଭ୍ରାନ୍ତ ଓ ଉଚ୍ଚବର୍ଗ ମଧ୍ୟରେ ସୀମିତ ଥିଲା । କ୍ରମେ ଏହି କ୍ରିକେଟ ଖେଳ ସହ ପ୍ରାୟୋଜକ ଓ ବିଜ୍ଞାପନଦାତା ଯୋଡ଼ି ହୋଇଯିବାରୁ ବିପୁଳ ଉପାର୍ଜନର ମାଧ୍ୟମ ହୋଇଗଲା । ତେଣିକି କ୍ରିକେଟ୍ ସଂଗଠନ ଯେମିତି ବିପୁଳ ସମ୍ବଳର ଅଧିକାରୀ ହେଲା ସେହିଭଳି କ୍ରିକେଟରଙ୍କ ଉପାର୍ଜନ ମଧ୍ୟ ବେଶ୍ ଆଖିଦୃଶିଆ ହୋଇଗଲା । ଦେଶର ସବୁ କ୍ରୀଡ଼ାକୁ ପଛରେ ପକାଇ କ୍ରିକେଟ ଏବେ ସହରଠାରୁ ଗାଁ ପର୍ଯ୍ୟନ୍ତ ସବୁଠି ବିଦ୍ୟମାନ । କ୍ରିକେଟକୁ କ୍ୟାରିୟର କରିବା ସକାଶେ ଯୁବଗର୍ବ ମଧ୍ୟରେ ଅପୂର୍ବ ଉତ୍କଣ୍ଠା ପରିଲକ୍ଷିତ ହୋଇଛି । କ୍ରିକେଟ୍‌ପ୍ରେମୀ ତଥା ଦର୍ଶକଙ୍କୁ ସୀମିତ ସମୟ ମଧ୍ୟରେ ଭରପୂର ଆନନ୍ଦ ଦେବାକୁ ସକ୍ଷମ ହୋଇଥିବା ଟି-୨୦ ଅନ୍ୟ ଦୁଇଟି ଫର୍ମାଟଠାରୁ ଅଧିକ ଲୋକପ୍ରିୟତା ହାସଲ କରିଛି । ସେହି ଫର୍ମାଟକୁ କେନ୍ଦ୍ର କରି ଆରମ୍ଭ ହୋଇଥିବା ଆଇପିଏଲ୍ ସମୟକ୍ରମେ ଟାଟା ଆଇପିଏଲ୍‌ର ମାନ୍ୟତା ପାଇଛି । ଦେଶ ବିଦେଶର ଖେଳାଳିଙ୍କୁ ନେଇ ଏହି ଆଇପିଏଲ ଟୁର୍ଣ୍ଣାମେଣ୍ଟ କ୍ରିକେଟ ମହାକୁମ୍ଭରେ ପରିଣତ ହୋଇଛି । ଶୈଶବରୁ ଯୌବନରେ ଉପନୀତ ହୋଇଥିବା ୧୮ ବର୍ଷର ଏହି ଆଇପିଏଲରେ ପ୍ରଥମଥର ଚମ୍ପିଆନ ହୋଇଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ର ସବୁଠାରୁ ଲୋକପ୍ରିୟ କ୍ରିକେଟ ତାରକା ବିରାଟ କୋହଲିଙ୍କ ପାଇଁ ବହୁ ପ୍ରତୀକ୍ଷିତ ସ୍ୱପ୍ନ ସାକାର ହୋଇଛି । ମୋଟାରାସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଏହି ଉତ୍ସବମୁଖର ମୁହୂର୍ତ୍ତକୁ ଅପରେସନ୍ ସିନ୍ଦୂରର ସଫଳତା ଉଦ୍ଦେଶ୍ୟରେ ଉତ୍ସର୍ଗ କଲା ଭଳି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସତେଯେପରି ମନେ ହେଲା, ଏହା ଥିଲା ଯୁଦ୍ଧର ବିଜୟ ବାର୍ତ୍ତା ।

ଉଭୟ କ୍ରିକେଟପ୍ରେମୀ ଓ କ୍ରିକେଟରଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଆଇପିଏଲ । ବିଶ୍ୱର ସୁଦକ୍ଷ ଓ ଲୋକପ୍ରିୟ କ୍ରିକେଟର ଆଇପିଏଲରେ ଅଂଶଗ୍ରହଣ କରୁଥିବାରୁ ସେମାନଙ୍କ କ୍ରୀଡ଼ା ନୈପୁଣ୍ୟ ଦେଖିବାର ଆକର୍ଷଣ ତ ନିଶ୍ଚୟ ରହିବ । ଏହାଛଡ଼ା ଦେଶର ବହୁ ଯୁବ ପ୍ରତିଭାଙ୍କ ପାଇଁ ଏହି ମଞ୍ଚ ଭବିଷ୍ୟତ ଗଢ଼ିବାର. ସୁଯୋଗ ସୃଷ୍ଟି କରୁଥିବାରୁ ସେଥିରେ ଅଂଶଗ୍ରହଣ କରିବା ନିଶାରେ ଦେଶବ୍ୟାପୀ ପ୍ରସ୍ତୁତି ଚାଲିଛି ବର୍ଷତମାମ୍ । କାରଣ ଏହି ମଞ୍ଚ ବିପୁଳ ଉପାର୍ଜନର ସୁଯୋଗ ସୃଷ୍ଟି କରିଥିବା ବେଳେ ଜାତୀୟ ଦଳରେ ସ୍ଥାନ ପାଇବାର ଆଶାକୁ ଉଜ୍ଜୀବିତ କରିଆସିଛି । ଚୟନକର୍ତ୍ତା କ୍ରିକେଟ୍‌ର ଅନ୍ୟ ଫର୍ମାଟ୍ ଅପେକ୍ଷା ଆଇପିଏଲ୍ ମଞ୍ଚକୁ ଅଧିକ ଗୁରୁତ୍ୱ ଦେଉଥିବା ପରିଲକ୍ଷିତ ହୋଇଛି । ତେଣୁ ଅଭିଜ୍ଞତାରେ ନିପୁଣ ହୋଇ ନଥିଲେ ମଧ୍ୟ ଯୁବପ୍ରତିଭା ଉଚ୍ଚମାନର ପ୍ରଶିକ୍ଷଣ ପାଇ ଆଇପିଏଲ୍‌ରେ ଦକ୍ଷତା ପ୍ରତିପାଦନ କରିପାରୁଛନ୍ତି । । ଏକଥା ସତ ଯେ ଜାତୀୟ ଦଳ ଗଠନ ବେଳେ ଯେଉଁ ଆଞ୍ଚଳିକ ଭିତ୍ତିରେ ଖେଳାଳି ମନୋନୟନ କରାଯାଉଥିଲା ତାହା ଏବେ ଗୁରୁତ୍ୱ ହରାଇଛି । ଏବେ ଅଧିକରୁ ଅଧିକ ସୁଯୋଗ୍ୟ ଓ ସୁଦକ୍ଷ ଯୁବ ପ୍ରତିଭା ଦଳରେ ସ୍ଥାନ ପାଉଛନ୍ତି ।

ଆଇପିଏଲ୍ ଆରମ୍ଭରୁ ଦୀର୍ଘ ୧୮ ବର୍ଷ ଧରି ଆରସିବି ସହ ଯୋଡ଼ି ହୋଇ ରହିଛନ୍ତି କିଙ୍ଗ କୋହଲି । ସେ ଆନୁଷ୍ଠାନିକ ନେତୃତ୍ୱ ନେଉ ନଥିଲେ ମଧ୍ୟ ଦଳ ଗଢ଼ିବା ଓ ସଦସ୍ୟଙ୍କୁ ଭାବଗତ ଐକ୍ୟରେ ବାନ୍ଧି ରଖି ଆସିଛନ୍ତି । ଜଣେ ଚମ୍ପିଆନ୍ ଖେଳାଳିର ମନ ଭିତରେ ଚମ୍ପିଆନ୍ ହେବାର ସ୍ୱପ୍ନ ସବୁସମୟରେ ଘର କରି ରହିଥିବ । ସେଥି ସକାଶେ ସେ କ୍ରମାଗତ ଭାବେ ଲଢ଼ି ଚାଲିଥିବ । ତଥାପି ସ୍ୱପ୍ନ ସାକାର ହୁଏନି । ତେଣୁ ଦଳକୁ ତିନିଥର ଫାଇନାଲ୍‌ରେ ପହଞ୍ଚାଇଥିଲେ ମଧ୍ୟ ତାଙ୍କ ଦଳକୁ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି । ୧୮ ନମ୍ବର ଜର୍ସି ପିନ୍ଧୁଥିବା ବିରାଟଙ୍କ ପାଇଁ ସତେଯେପରି ୧୮ ତମ ଆଇପିଏଲ ଅପେକ୍ଷା କରିଥିଲା ଚମ୍ପିଆନ ମୁକୁଟ ପିନ୍ଧିବା ସକାଶେ । ଷ୍ଟାଡିୟମରେ ଉପସ୍ଥିତ ଥିବା ଦର୍ଶକଙ୍କୁ ଛଳ ଛଳ ଆଖିରେ ବିରାଟ ଅଭିବାଦନ ଜଣାଉଥିବାର ମୁହୂର୍ତ୍ତ ସମସ୍ତଙ୍କୁ ଭାବବିହ୍ୱଳ କରିପକାଇଥିଲା ।

ଅନ୍ୟପକ୍ଷରେ ପ୍ରତିଦ୍ୱନ୍ଦ୍ୱୀ ଦଳ ପଞ୍ଜାବ କିଙ୍ଗସ୍‌ର ଅଧିନାୟକ ଶ୍ରେୟସ ଆୟାର. ଦ୍ୱିତୀୟ ଯୋଗ୍ୟତା ହାସଲ ମ୍ୟାଚରେ ସବୁଠାରୁ ଶକ୍ତିଶାଳୀ ଦଳ ମୁମ୍ବାଇ ଇଣ୍ଡିଆନ୍‌କୁ ପରାଜିତ କରିବା ପରେ ସ୍ୱାଭାବିକ ଭାବେ ତାଙ୍କ ଦଳ ଚମ୍ପିଆନ୍ ହେବାର ସ୍ୱପ୍ନ ଦେଖିଥିବେ । ହେଲେ ସବୁ ସ୍ୱପ୍ନ ସତ ହୁଏନି । ବିଜୟଠାରୁ ମାତ୍ର ୬ ରନ୍ ପଛରେ ରହି ପଞ୍ଜାବ କିଙ୍ଗ୍‌ସ ପରାଜିତ ହେଲା । ପଞ୍ଜାବ କିଙ୍ଗସ୍ ସକାଶେ ଏହାଥିଲା ଦ୍ୱିତୀୟ ରନର୍ସଅପ । ଏଠାରେ ଉଲ୍ଲେଖ କରାଯାଇପାରେ କି ଶ୍ରେୟସ୍‌ଙ୍କ ନେତୃତ୍ୱର ଚମକ୍ ନିଶ୍ଚୟ ସମସ୍ତେ ଅନୁଭବ କରିଥିବେ । ଗତବର୍ଷ କଲିକତା ନାଇଟ୍ ରାଇଡର୍ସକୁ ଚମ୍ପିଆନ୍ କରିବା ପରେ ମଧ୍ୟ ସେ ଦଳରେ ରହିପାରିଲେ ନାହିଁ । ଏହା ପୂର୍ବରୁ ଦିଲ୍ଲୀଦଳକୁ ମଧ୍ୟ ଠିକଣା ନେତୃତ୍ୱ ଦେଇ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ । ଏହାଛଡ଼ା ସେ ନିଜେ ମଧ୍ୟ ଭଲ ଫର୍ମରେ ଅଛନ୍ତି । ଏତେ ସବୁ ଦକ୍ଷତା ଓ ଯୋଗ୍ୟତା ସତ୍ତ୍ୱେ ଇଂଲଣ୍ଡ ସହ ଟେଷ୍ଟ ସିରିଜ୍ ଖେଳିବାକୁ ଯାଇଥିବା ଯୁବ ଦଳରେ ତାଙ୍କୁ ସ୍ଥାନ ମିଳିନି । ଫାଇନାଲ ମ୍ୟାଚରେ ମାତ୍ର ୧ ରନ୍ କରିଥିବା ବେଳେ ରୋମାରିଓଙ୍କ ବଲରେ ଅତି ଦୁର୍ଭାଗ୍ୟଜନକ ପରିସ୍ଥିତିରେ ସେ ୱିକେଟକିପରଙ୍କୁ କ୍ୟାଚ୍ ଦେଇଥିଲେ । କ୍ରୁନାଲ୍ ପାଣ୍ଡ୍ୟାଙ୍କ ଚକ୍ରବ୍ୟୂହରେ ଫସି ୯୮ ରନ୍‌ରେ ପଞ୍ଜାବ ୪ ଉଇକେଟ ହରାଇ ଥିଲା । ଏସବୁ ସତ୍ତ୍ୱେ ନିର୍ଣ୍ଣାୟକ ଥିଲା ଶ୍ରେୟସ୍ ଆୟରଙ୍କ ୱିକେଟ୍ । ପରିସ୍ଥିତି ଏପରି ହେଲା ଯେ ଲଢ଼େଇ କରିବା ପାଇଁ ସୁଶାନ୍ତ ସିଂହ ସହ ଜଣେ ଯୋଗ୍ୟ ଯୋଡ଼ିଦାର ରହିଲେନି । ତାଙ୍କର ଅପରାଜିତ. ୬୧ ରନ ବ୍ୟର୍ଥ ହୋଇଥିଲା । ୧୯୧ ରନର ଲକ୍ଷ୍ୟଠାରୁ ଦଳ ୬ ରନ ପଛରେ ରହିଗଲା ।

ଚଳିତ ଆଇପିଏଲ ଋତୁରେ ଯେଉଁ ଦୁଇ ଦଳ ଫାଇନାଲରେ ପହଞ୍ଚିଥିଲେ ସେମାନଙ୍କ ମଧ୍ୟରୁ ଯିଏ ବି ବିଜୟୀ ହେଉ ସିଏ ହିଁ ପ୍ରଥମ ଥର ଚମ୍ପିଆନ ହୋଇଥା’ନ୍ତା । ତେଣୁ ଆର୍‌ସିବି ଓ ପଞ୍ଜାବ କିଙ୍ଗସ୍ ସମର୍ଥନରେ ଖେଳପ୍ରେମୀ ଦୁଇଭାଗରେ ବିଭକ୍ତ ହୋଇଯାଇଥିଲେ । ସର୍ବୋପରି ବିରାଟ କୋହଲିଙ୍କ ପ୍ରତି ଥିବା ବିପୁଳ ସମର୍ଥନ ଖେଳ ଚାଲିଥିବା ବେଳେ ସ୍ପଷ୍ଟ ବାରିହୋଇ ପଡ଼ିଥିଲା । ତଥାପି ବିରାଟଙ୍କ ଭଳି ଦକ୍ଷ ଓ ଯୋଗ୍ୟ ଖେଳାଳିଙ୍କୁ ଚମ୍ପିଆନ ହେବା ସକାଶେ ୧୮ ବର୍ଷ ଅପେକ୍ଷା କରିବାକୁ ପଡ଼ିଲା । ତାଙ୍କ ସହ ବିଶ୍ୱର ବହୁ ଖ୍ୟାତନାମା କ୍ରିକେଟର ସହଯୋଗୀ ଥିଲେ ମଧ୍ୟ ବିଜୟ ଦ୍ୱାରଦେଶରୁ ଆରସିବିକୁ ବାରମ୍ବାର ଫେରିବାକୁ ପଡ଼ିଥିଲା । ଏଥିରୁ ସ୍ପଷ୍ଟ ଯେ କ୍ରିକେଟ ମ୍ୟାଚର ଫଳାଫଳ କେତେ ଅନିଶ୍ଚିତ ।

## ପରିବେଶ ସୁରକ୍ଷାରେ ଜନସହଭାଗିତା

ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ

କୌଣସି ଗୋଟିଏ ଜିନିଷ ଉଦ୍‌ଭାବିତ ହେଲେ ତା’ର ସକାରାତ୍ମକ ଦିଗଟି ପ୍ରତି ଆକୃଷ୍ଟ ହୋଇ ଆମେ ଦୈନନ୍ଦିନ ଜୀବନରେ ତା’ସହିତ ଏତେ ଅଭ୍ୟସ୍ତ ହୋଇଯାଉ ଯେ ପରବର୍ତ୍ତୀ ସମୟରେ ତା’ର ନକାରାତ୍ମକ ପ୍ରଭାବକୁ ଅଣଦେଖା କରୁ । ପ୍ଲାଷ୍ଟିକ ସେହିପରି ଗୋଟିଏ ପଦାର୍ଥ । ୧୯୦୭ ମସିହାରେ ବେଲଜିୟମର ରସାୟନବିତ ଲିଓ ବେକଲାଣ୍ଡ ପ୍ଲାଷ୍ଟିକର ରସାୟନିକ ଉପାୟରେ ପ୍ରସ୍ତୁତି ଉପରେ ସ୍ୱତ୍ତ୍ୱାଧିକାର ହାସଲ କରିଥିଲେ । ଦୁଇଟି ରସାୟନିକ ଉପାଦାନ- ଫରମାଲଡିହାଇଡ ଓ ଫିନଲର ମିଶ୍ରଣକୁ ଉପଯୁକ୍ତ ତାପ ଓ ଚାପ ଦେଇ ସେ ପ୍ଲାଷ୍ଟିକର ଉଦ୍‌ଭାବନ କରିଥିଲେ । ସମୟକ୍ରମେ ବିଭିନ୍ନ ପ୍ରକାର ପ୍ଲାଷ୍ଟିକ ଯଥା- ପଲିଇଥିଲିନ ଟେରେପଥାଲେଟ (ପେଟ୍), ହାଇ ଡେନ୍‌ସିଟି ପଲିଇଥିଲିନ, ପଲି ଭିନାଇଲ କ୍ଲୋରାଇଡ୍ (ପିଭିସି), ଲୋ- ଡେନ୍‌ସିଟି ପଲିଇଥିଲିନ, ପଲିପ୍ରପିଲିନ୍, ପଲିଷ୍ଟାଇରିଲ ଇତ୍ୟାଦି ଉଦ୍ଭାବନ ହେଲା । ସେ ସବୁ ଏବେ ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ଜିନିଷଠୁ ଆରମ୍ଭ କରି ଉଡ଼ାଜାହାଜ ପର୍ଯ୍ୟନ୍ତ ବହୁଳ ମାତ୍ରାରେ ବ୍ୟବହୃତ ହେଉଛି । ପ୍ଲାଷ୍ଟିକ ବିନା ଆଜିର ଜୀବନଶୈଳୀ ଏକପ୍ରକାର ଅସମ୍ଭବ ହୋଇପଡ଼ିଛି । ପୁଣି ସେହି ପ୍ଲାଷ୍ଟିକର ବହୁଳ ବ୍ୟବହାର ଆଜି ମଣିଷ ସମାଜ ଆଗରେ ‘ପ୍ଲାଷ୍ଟିକ୍ ପ୍ରଦୂଷଣ’ ଭଳି ବଡ଼ ସମସ୍ୟା ସୃଷ୍ଟି କରିଛି ।

ଆମେ ଆମର ଆଧୁନିକ ଜୀବନ ଶୈଳୀରେ ଗୋଟିଏ ସଂସ୍କୃତି ତିଆରି କରି ସାରିଛୁ । ତାହା ହେଲା- ‘ବ୍ୟବହାର କରିବା ଓ ଫୋପାଡ଼ିବା(ୟୁଜ୍ ଆଣ୍ଡ ଥ୍ରୋ), ଯାହାକି ପ୍ରଦୂଷଣର ପ୍ରମୁଖ କାରଣ । ପ୍ଲାଷ୍ଟିକ ଜାତ ବିଭିନ୍ନ ସାମଗ୍ରୀଗୁଡ଼ିକୁ ବ୍ୟବହାର କରି ଫୋପାଡ଼ି ଦେଉଥାଉ, ଯାହାର ପ୍ରାକୃତିକ ବିଘଟନ ପାଇଁ ପ୍ରାୟ ହଜାରେ ବର୍ଷ ଲାଗିଥାଏ । ଏଥିଯୋଗୁଁ ସହର-ବଜାର, ଗାଁ ଦାଣ୍ଡ, ନଦୀ, ସମୁଦ୍ର ଏମିତିକି ପାହାଡ଼, ଜଙ୍ଗଲ ଚାରିଆଡ଼େ ପ୍ଲାଷ୍ଟିକ ପ୍ରଦୂଷଣ ବଡ଼ ସମସ୍ୟା ହୋଇ ଉଭା ହେଲାଣି । ଏହାର ନିରାକରଣ ପାଇଁ ବିଭିନ୍ନ ସମୟରେ ବିଶ୍ୱର ବିଭିନ୍ନ ମଞ୍ଚରେ ଆଲୋଚନା ହେଉଛି ।

ପ୍ରତିବର୍ଷ ପାଖାପାଖି ୪୦୦ ଅୟୁତ ଟନ ପ୍ଲାଷ୍ଟିକ ଉତ୍ପାଦନ ହୁଏ ଏବଂ ସେଥିରୁ ପ୍ରାୟ ଅଧା କେବଳ ଥରେ ବ୍ୟବହାର ହେଉଥିବା ସାମଗ୍ରୀ । ତା’ର ୧୦ ପ୍ରତିଶତରୁ କମ ପୁନଃପ୍ରକ୍ରିୟାକରଣକୁ ଆସିଥାଏ ଏବଂ ପାଖାପାଖି ୧୯-୨୩ ଅୟୁତ ଟନ ପ୍ଲାଷ୍ଟିକ ପ୍ରତିବର୍ଷ ହ୍ରଦ, ନଦୀ ଓ ସମୁଦ୍ରରେ ପହଁଚେ । ଏମିତିକି ପାଣି, ପବନ ଓ ଖାଦ୍ୟ ମାଧ୍ୟମରେ ପ୍ଲାଷ୍ଟିକ କଣିକା ମଣିଷ ଶରୀରରେ ପ୍ରବେଶ କରୁଛି । ପ୍ରତିବର୍ଷ ଜଣେ ମଣିଷ ଶରୀରକୁ ହାରାହାରି ୫୦,୦୦୦ ପ୍ଲାଷ୍ଟିକ କଣିକା ପ୍ରବେଶ କରୁଥିବା ଜଣାପଡ଼ିଛି । ସାମୁଦ୍ରିକ ଜୀବଜନ୍ତୁ ଓ ଗାଈଗୋରୁ ଆଦି ପ୍ଲାଷ୍ଟିକକୁ ବାରି ନପାରି ଖାଦ୍ୟ ଭାବି ଖାଇ ଦେଇଥା’ନ୍ତି, ଯାହାକି ଅନେକ ସମୟରେ ସେମାନଙ୍କର ମୃତ୍ୟୁର କାରଣ ହୋଇଥାଏ । ହିମାଳୟ ଅଞ୍ଚଳରୁ ଯେତିକି ବର୍ଜ୍ୟବସ୍ତୁ ମିଳୁଛି, ତା’ର ୯୨.୭ ଶତକଡ଼ା ହେଉଛି ପ୍ଲାଷ୍ଟିକ, ଯେଉଁଥିରୁ ୭୨ ଶତକଡ଼ା ହେଉଛି ପୁନଃ ପ୍ରକ୍ରିୟାକରଣ ଅନୁପଯୋଗୀ ପ୍ଲାଷ୍ଟିକ । ଏହା ସେ ଅଞ୍ଚଳର ମୃତ୍ତିକା, ପାଣି ଓ ଜୈବ ବିବିଧତା ଉପରେ ନାନା ପ୍ରକାର କୁପ୍ରଭାବ ପକାଉଛି । ତେଣୁ ପରିବେଶର ସୁରକ୍ଷା ଓ ଧାରଣୀୟ ପ୍ରଗତି ପାଇଁ ପ୍ଲାଷ୍ଟିକ ପ୍ରଦୂଷଣକୁ ପରାହତ କରିବା ନିତାନ୍ତ ଜରୁରୀ ।

ପ୍ଲାଷ୍ଟିକ ପ୍ରଦୂଷଣରୁ ମୁକ୍ତି ପାଇଁ ସରକାର ବିଭିନ୍ନ ସମୟରେ ପ୍ଲାଷ୍ଟିକ ଉତ୍ପାଦନ ଓ ବ୍ୟବହାର ଉପରେ ନିଷେଧାଦେଶ ଜାରି କରୁଛନ୍ତି । ତାହା କିନ୍ତୁ ଫଳବତୀ ହେଉନାହିଁ । ତା’ର ମୁଖ୍ୟ କାରଣ ହେଲା ଜନସଚେତନତା ଓ ଜନସହଭାଗିତାର ଅଭାବ । ପରିବେଶ ସୁରକ୍ଷା ସମ୍ବନ୍ଧୀୟ କୌଣସି ବି କାର୍ଯ୍ୟକ୍ରମ କେବେ ବି ଜନସମର୍ଥନ, ଜନସହଭାଗିତା ଓ ଜନସଚେତନତା ବିନା ସଫଳ ହୋଇନଥାଏ । ତେଣୁ ପ୍ଲାଷ୍ଟିକ ପ୍ରଦୂଷଣକୁ ରୋକିବା ପାଇଁ ମଧ୍ୟ ବିଭିନ୍ନ ସରକାରୀ ପଦକ୍ଷେପ ସହିତ ସାଧାରଣ ଜନତା ଯଦି ଦୈନନ୍ଦିନ ଜୀବନଶୈଳୀରେ କିଛି ପରିବର୍ତ୍ତନ ଆଣିବେ, ତା’ହେଲେ ନିଶ୍ଚିତ ଭାବରେ ଏହାର କୁପ୍ରଭାବକୁ ରୋକା ଯାଇପାରିବ । ‘ବ୍ୟବହାର କରିବା ଓ ଫୋପାଡ଼ିବା’ ଜୀବନଶୈଳୀ ପରିବର୍ତ୍ତେ ‘କମାଇବା ଓ ପୁନଃବ୍ୟବହାର କରିବା, ପୁନଃ ପ୍ରକ୍ରିୟାକରଣ କରିବା’ ଜୀବନଶୈଳୀକୁ ଗୁରୁତ୍ୱ ଦେବାକୁ ପଡ଼ିବ ।

ପ୍ଲାଷ୍ଟିକ ପ୍ରଦୂଷଣ କଥା ଆସିଲେ ଆମ ମନରେ ସ୍ୱତଃ ଆସିଯାଏ ଯେ ଏହା ଏକ ସହରାଞ୍ଚଳ ସମସ୍ୟା । କିନ୍ତୁ ଏହା ଜାଣିଲେ ଆଶ୍ଚର୍ଯ୍ୟ ଲାଗେ ଯେ ଗ୍ରାମାଞ୍ଚଳ ମଧ୍ୟ ଆଜି ପ୍ଲାଷ୍ଟିକ ପ୍ରଦୂଷଣରେ ପଛୁଆ ନାହିଁ । ପରିବର୍ତ୍ତିତ ଜୀବନଶୈଳୀର ପ୍ରଭାବ ଗ୍ରାମାଞ୍ଚଳରେ ବହୁମାତ୍ରାରେ ପରିଲକ୍ଷିତ ହେଉଛି, ଯାହାକି ପ୍ଲାଷ୍ଟିକ ପ୍ରଦୂଷଣର ପ୍ରମୁଖ କାରଣ ହୋଇଛି । ଆଗରୁ ଗାଁ ମାନଙ୍କରେ ଭୋଜିଭାତ ହେଲେ କଦଳୀ ପତ୍ର ବା ଶାଳପତ୍ରରେ ଖାଦ୍ୟ ପରଷା ଯାଉଥିଲା । ପଙ୍ଗତରେ ବସି ଖାଇଲା ବେଳେ କାହାର ଯଦି ପାଣି ପିଇବା ଦରକାର ହେଲା, ଜଣେ ଲୋକ ବୁଲି ବୁଲି ଲୋଟା କିମ୍ବା ଗ୍ଲାସରେ ପାଣି ନେଇ ସେ ଲୋକର ପାଟିରେ ଢାଳି ଦେଉଥିଲା । ଏ ଅଭ୍ୟାସ ଦ୍ୱାରା ଗୋଟିଏ ଭୋଜି ଭାତ ପରେ ଯାହାବି ବର୍ଜ୍ୟବସ୍ତୁ ବାହାରୁଥିଲା, ତାହା ପ୍ରାକୃତିକ ଉପାୟରେ ବିଘଟିତ ହୋଇ ପ୍ରଦୂଷଣର ସମସ୍ୟା ସୃଷ୍ଟି କରୁ ନଥିଲା । କିନ୍ତୁ ଏବର ଗାଁରେ ଭୋଜିଭାତର ବ୍ୟବସ୍ଥାକୁ ଥରେ ଅନୁଧ୍ୟାନ କରନ୍ତୁ । ଆଗର ପରିବେଶର ସମ୍ପୂର୍ଣ୍ଣ ଓଲଟା । କଦଳୀ ଗଛ ଥିଲେ ମଧ୍ୟ ପତ୍ର କଟା ଯାଉନାହିଁ । ସମସ୍ତେ ଥର୍ମକୋଲର ଥାଳି ଓ ବାଟି, ନଚେତ କାର୍ଡବୋର୍ଡରେ ତିଆରି ଥାଳି, ଯାହା କଦଳୀ ପତ୍ର ନଚେତ ଅନ୍ୟ କୌଣସି ପତ୍ରର ଭ୍ରମ ସୃଷ୍ଟି କରେ ଏବଂ ସେଥିରେ ପ୍ଲାଷ୍ଟିକର ଏକ ସୂକ୍ଷ୍ମ ଆବରଣ ରହିଥାଏ, ତାହାର ବହୁଳ ବ୍ୟବହାରରେ ବେଶ ଅଭ୍ୟସ୍ତ ହୋଇଗଲେଣି । ଯଦିବା ଶାଳପତ୍ର ବ୍ୟବହାର ହେଉଛି, ତାହାର ପରିମାଣ ବହୁତ କମ୍ । ଶାଳପତ୍ରରୁ ଯେଉଁ ଥାଳି ଓ ବାଟି ତିଆରି ହେଉଛି, ସେଥିରେ ଏକ ସୂକ୍ଷ୍ମ ଓ ବହୁତ ପତଳା ପ୍ଲାଷ୍ଟିକର ଆବରଣ ଦିଆଯାଇଛି । ପାଣି ପିଇବା ଲାଗି ପ୍ଲାଷ୍ଟିକ ଗ୍ଲାସର ବହୁଳ ବ୍ୟବହାର ହେଉଛି, ନଚେତ ପ୍ଲାଷ୍ଟିକର ପାଣି ପାଉଚ, ଯେଉଁଥିରେ ପାଣିର ମାନ କାହାକୁ ବି ଅଜଣା, ବ୍ୟବହାର ହେଉଛି ।

ଏ ବ୍ୟବସ୍ଥା ଦ୍ୱାରା ଗୋଟିଏ ଭୋଜିଭାତ ପରେ ବହୁଳ ମାତ୍ରାରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବାହାରୁଛି । ତା’ ସହିତ ଦୈନନ୍ଦିନ ବ୍ୟବହାର ହେଉଥିବା ବିଭିନ୍ନ ବସ୍ତୁର ଖୋଳ, ତେଲ ପ୍ୟାକେଟ, କ୍ଷୀର ପ୍ୟାକେଟ ଇତ୍ୟାଦି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ମାତ୍ରାକୁ ଦ୍ୱିଗୁଣିତ କରୁଛି । ତେଣୁ ଏବେ ଯେକୌଣସି ନିପଟ ମଫସଲକୁ ଗଲେ ମଧ୍ୟ ଗାଁ ଦାଣ୍ଡରେ କୁଢ଼ କୁଢ଼ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସବୁ ଦେଖିବାକୁ ମିଳୁଛି । ସହରରେ କିଛି ବି ହେଲେ ପ୍ଲାଷ୍ଟିକ ପ୍ରକ୍ରିୟାକରଣର ବ୍ୟବସ୍ଥା ବା ବର୍ଜ୍ୟ ପ୍ଲାଷ୍ଟିକ ସଂଗ୍ରହ ପାଇଁ ବ୍ୟବସ୍ଥା ରହିଛି । କିନ୍ତୁ ଗ୍ରାମାଞ୍ଚଳରେ ସେଭଳି ବ୍ୟବସ୍ଥା ନାହିଁ, ଯାହା ଫଳରେ ବର୍ଜ୍ୟପ୍ଲାଷ୍ଟିକ ସବୁ ଗ୍ରାମାଞ୍ଚଳର ପରିବେଶକୁ ପ୍ରଦୂଷିତ କରିବା ସହିତ ନଦୀ-ନାଳରେ ମିଶି ପରୋକ୍ଷ ଭାବରେ ସହରାଞ୍ଚଳର ପରିବେଶକୁ ମଧ୍ୟ ପ୍ରଭାବିତ କରୁଛି । ତେଣୁ ପ୍ଲାଷ୍ଟିକ ପ୍ରଦୂଷଣକୁ ନିୟନ୍ତ୍ରଣ ପାଇଁ ଯେତିକି ବ୍ୟବସ୍ଥା ଓ ଜନସଚେତନତା ସହରାଞ୍ଚଳ ପାଇଁ ଆବଶ୍ୟକ ସେତିକି କାର୍ଯ୍ୟକ୍ରମ ମଧ୍ୟ ଗ୍ରାମାଞ୍ଚଳ ଲାଗି ଦରକାର । ଏଥିସହିତ ପ୍ଲାଷ୍ଟିକ ଓ ଅନ୍ୟ ବର୍ଜ୍ୟବସ୍ତୁର ସଠିକ ସଂଗ୍ରହ ଓ ତା’ର ପରିଚାଳନା ଦିଗରେ ପୌରପାଳିକା, ପଞ୍ଚାୟତ ତଥା ଅନ୍ୟ ସଂସ୍ଥାମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମର ଛୋଟ ଛୋଟ ପଦକ୍ଷେପ ମଧ୍ୟ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିବ । ସବୁଥିରେ ସରକାରଙ୍କୁ ଦୋଷ ନଦେଇ ଆମ ଦ୍ୱାରା ଯେତିକି ସମ୍ଭବ କରିବା ଏବଂ ସହଯୋଗର ହାତ ବଢ଼ାଇବା ।

ପରିଶେଷରେ ଏତିକି କହିହେବ ଯେ ପ୍ଲାଷ୍ଟିକ ପ୍ରଦୂଷଣର ନିରାକରଣ ଲାଗି ସବୁବେଳେ ସରକାର କିମ୍ବା ସରକାରୀ ବ୍ୟବସ୍ଥାକୁ ଦାୟୀ କଲେ ସମାଧାନ ହେବ ନାହିଁ । ଆମେ ଆମର ବ୍ୟକ୍ତିଗତ ସ୍ତରରେ ସେ ଦିଗରେକେତେ ସଜାଗ- ତା’ର ଏକ ଆତ୍ମସମୀକ୍ଷା କରିବା ଦରକାର । ସରକାର ନାଳ ସବୁ ତିଆରି କରନ୍ତି ଜଳର ନିଷ୍କାସନ ପାଇଁ । କିନ୍ତୁ ଆମେ ଯଦି ସେଥିରେ ପ୍ଲାଷ୍ଟିକ ଓ ଅନ୍ୟ ବର୍ଜ୍ୟବସ୍ତୁ ଫୋପାଡ଼ିବା, ତାହା ଜଳ ନିଷ୍କାସନରେ ଅବରୋଧ ସୃଷ୍ଟି କରିବ । ତେଣୁ ଆମର ଚିନ୍ତା, ଚେତନା ଓ ଚଳଣିରେ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ । ପ୍ଲାଷ୍ଟିକ ପ୍ରଦୂଷଣ ପରି ଅନ୍ୟ ଯେକୌଣସି ପରିବେଶ ଜନିତ ସମସ୍ୟାର ସମାଧାନ ଲାଗି ଜନସଚେତନତା ଓ ଜନସହଭାଗିତା ଏକାନ୍ତ ଜରୁରୀ । ଆମକୁ ବଦଳିବାକୁ ପଡ଼ିବ ବଞ୍ଚିବା ଲାଗି । ଅନ୍ୟଥା ପ୍ଲାଷ୍ଟିକ ପ୍ରଦୂଷଣ ସମସ୍ୟା ଯେ ଆଗାମୀ ଦିନରେ ବିକଟାଳ ରୂପ ନେଇ ମଣିଷ ସମାଜ ଏବଂ ଜୀବଜଗତର ସ୍ଥିତି ଓ ପ୍ରଗତି ଲାଗି ଏକ ବହୁତ ବଡ଼ ପ୍ରତିବନ୍ଧକ ନହେବ - ଏ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ।

(ଫକୀର ମୋହନ ବିଶ୍ୱବିଦ୍ୟାଳୟ)
ବାଲେଶ୍ୱର, ମୋ: ୯୪୩୭୪୩୫୭୬୪

## ମୂଲ୍ୟବୋଧଭିତ୍ତିକ ଶିକ୍ଷା ବ୍ୟବସ୍ଥା

ରମେଶ ଚନ୍ଦ୍ର ସାହୁ

ଆଜି ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି । ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ସ୍ତର ଯାଏଁ ଶିକ୍ଷାନୁଷ୍ଠାନ ବୃଦ୍ଧି ପାଇଛି । ଭିତ୍ତିଭୂମିର ଯଥେଷ୍ଟ ବିକାଶ ଘଟିଛି । ଜାତୀୟ ଶିକ୍ଷାନୀତି-୨୦୨୦ ଆମ ଦେଶର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛି । ସୂଚନା, ଯୋଗାଯୋଗ, ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟା ଜ୍ଞାନ କ୍ଷେତ୍ରରେ ଦ୍ରୁତବିକାଶ ସମଗ୍ର ବିଶ୍ୱକୁ ନିକଟତର କରିପାରିଛି । କିନ୍ତୁ ସାଂସ୍କୃତିକ, ରାଜନୈତିକ ଓ ସାମାଜିକ ଦୃଷ୍ଟିକୋଣରୁ ସମଗ୍ର ପୃଥିବୀ ଅଶାନ୍ତ ହୋଇଯାଉଛି । ବିଶୃଙ୍ଖଳିତ ଆଚରଣ କ୍ରମାଗତ ବୃଦ୍ଧି ପାଉଛି । ସଂକୀର୍ଣ୍ଣତା, ଚରିତ୍ରହୀନ, ଅସାମାଜିକ, ନିର୍ଦ୍ଦୟ, ହିଂସା, ପରଶ୍ରୀକାତରତା ଆଦି ଅନେକ ଅମଣିଷପଣିଆ ଜନ୍ମ ନେଉଛି । ଶିକ୍ଷା ଶୃଙ୍ଖଳା ଜ୍ଞାନ ଶିଖାଉନି । ମଣିଷକୁ ସ୍ୱାବଲମ୍ବୀ କରାଉନାହିଁ । ଗୁରୁଜନଙ୍କ ପ୍ରତି ସମ୍ମାନ ନାହିଁ ଓ ଲଘୁଜନଙ୍କ ପ୍ରତି ଆଦର ନାହିଁ । ଶିକ୍ଷାର ଢାଞ୍ଚା, ଶିକ୍ଷଣ ପ୍ରକ୍ରିୟାର ବ୍ୟାପକ ପରିବର୍ତ୍ତନ ସତ୍ତ୍ୱେ ଶିକ୍ଷାର୍ଥୀଙ୍କ ପାଖରେ ସୁସ୍ଥ ସମାଜ ଗଠନର ମାନସିକତା ସୃଷ୍ଟି କରାଯାଇପାରୁନାହିଁ । ଏଥିରୁ ଆମେ ସ୍ପଷ୍ଟ ଯେ ଆମର ଶିକ୍ଷା ବ୍ୟବସ୍ଥା ମାନବିକ ମୂଲ୍ୟବୋଧ ପ୍ରଦାନ ପାଇଁ ଅସମର୍ଥ ।

ଶିକ୍ଷାର ଅବକ୍ଷୟକୁ ନେଇ ସମସ୍ତେ ଚିନ୍ତିତ ଏବଂ ଆମ ସମସ୍ତଙ୍କ ପାଇଁ ଏହା ଏକ ବଡ଼ ଆହ୍ୱାନ । ଏହାର ନିରାକରଣ ପାଇଁ ପାଠ୍ୟପୁସ୍ତକରେ ନୂଆ କରି ମୂଲ୍ୟବୋଧ ଶିକ୍ଷାକୁ ଯୋଡ଼ିବାକୁ ବିଭିନ୍ନ ସ୍ତରରେ ବିଚାରବିମର୍ଶ ଚାଲିଛି । କିନ୍ତୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଯେଉଁ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଛି ତାହା କେବଳ ରୋଜଗାର ସର୍ବସ୍ୱ ହେଉଛି । ଏଇଥି ପାଇଁ ତ ଅଭିଭାବକମାନେ ଭଲ ବିଦ୍ୟାଳୟରୁ ପାଠ କିଣିନେବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । କିଏ ବୁଝୁଛି ସୁଖୀ ଜୀବନଯାପନ ପାଇଁ ଧନ ନୁହେଁ, ଭଲ ମନଟେ ଦରକାର ବୋଲି ।

ଆଜିର ଶିକ୍ଷା ବ୍ୟବସ୍ଥାରେ ଅଧ୍ୟୟନ ଓ ଅଧ୍ୟାପନା ଭିତରେ ସମ୍ପର୍କ ରହୁନାହିଁ । ପଠନରେ ଆବେଗ ନାହିଁ । କେବଳ ମୁଖସ୍ତ କରି ଅଧିକ ନମ୍ବର ରଖିବାର ପ୍ରତିଯୋଗିତା ଚାଲିଛି । ଅଭିଭାବକଙ୍କ ଉଚ୍ଚ ଆକାଂକ୍ଷା ପାଇଁ ପିଲାର ଅନାଗ୍ରହ ସତ୍ତ୍ୱେ ତା’ଉପରେ ପାଠର ବୋଝ ଲଦି ଦିଆଯାଉଛି । ପିଲାଟି ପରୀକ୍ଷାରେ ପାଠ୍ୟ ବିଷୟବସ୍ତୁରୁ ଶତକଡ଼ା କେତେ ନମ୍ବର ରଖିଲା, ପ୍ରତିଯୋଗିତାରେ କେଉଁ ସ୍ଥାନରେ ରହିଲା ତା’କୁ ଗୁରୁତ୍ୱ ଦିଆଯାଉଛି । ଆମେ ଗର୍ବରେ ଛାତି ଫୁଲାଇ ଦେଉଛୁ । ଶିଶୁର ଭବିଷ୍ୟତରେ ସମ୍ଭାବ୍ୟ ସାମାଜିକ ଜୀବନରେ ଉପୁଜିବାକୁ ଥିବା ବିଭ୍ରାଟ ପ୍ରତି ଚିନ୍ତା କରୁନାହୁଁ । ରାତିଦିନ ପାଠ ପାଠ ହୋଇ ତା’ର ଶିଶୁ ସୁଲଭ ଗୁଣ ଏବଂ ଚିନ୍ତା, ଚେତନା, ସୃଜନଶକ୍ତି ଓ ଆଗ୍ରହକୁ ମାଡ଼ି ମକଚି ନଷ୍ଟ କରି ଦେଉଛୁ । ଶୈକ୍ଷିକ ଦିଗ ବ୍ୟତୀତ ଶିକ୍ଷାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗଟିକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛୁ । ବୁଝିପାରୁନୁ ନା ବୁଝି ଅବୁଝା ରହୁଛୁ ନା ଅନ୍ୟମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାରେ ସାମିଲ ହୋଇଯାଉଛୁ? ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ପିଲାଟି ଯେତେବେଳେ ଅସାମାଜିକ ହୋଇଯାଏ, ସେତେବେଳେ ଅନୁତାପ କରୁଛୁ, ଭାଗ୍ୟକୁ ନିନ୍ଦୁଛୁ । ଭଲ ନମ୍ବର ଅପେକ୍ଷା ଭଲ ମଣିଷଟିଏ ବରଂ ହୋଇଥିଲେ ଭଲ ହୋଇଥା’ନ୍ତା ବୋଲି ସେତେବେଳେ ଭାବୁଛୁ । ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ, ‘ଯେଉଁ ଶିକ୍ଷା ଚରିତ୍ର ଗଠନରେ ସହାୟକ ହୁଏ, ମନର ଶକ୍ତିକୁ ସମୃଦ୍ଧ କରାଏ, ବୁଦ୍ଧିମତ୍ତାକୁ ପ୍ରସାରିତ ଓ ଋଦ୍ଧିମନ୍ତ କରାଏ ଏବଂ ନିଜ ଗୋଡ଼ରେ ଠିଆ ହେବାର ସାହସ ଦିଏ ତାହା ହିଁ ପ୍ରକୃତ ଶିକ୍ଷା । ଯେଉଁ ଶିକ୍ଷା ଶିକ୍ଷାର୍ଥୀର ଅନ୍ତର୍ନିହିତ ଗୁଣର ସମୂହ ବିକାଶ ଓ ସୃଜନ ଶକ୍ତିର ବିକାଶର ପରିପନ୍ଥୀ ସେ ଶିକ୍ଷା ପ୍ରକୃତ ଶିକ୍ଷା ନୁହେଁ ।’ ତେଣୁ ଯେଉଁ ଶିକ୍ଷା ନୈତିକ, ବୌଦ୍ଧିକ, ଆଧ୍ୟାତ୍ମିକ ଓ ଚରିତ୍ର ଗଠନରେ ସହାୟ ହେଉନି ତାହା ଅଶିକ୍ଷା ଅଟେ ।

ପଶୁପକ୍ଷୀମାନେ ମଧ୍ୟ ଉପଯୁକ୍ତ ଶିକ୍ଷା ଓ ତାଲିମ ଦ୍ୱାରା ସେମାନଙ୍କର ବ୍ୟବହାରରେ ପରିବର୍ତ୍ତନ ଆଣିଥା’ନ୍ତି । ମୂଲ୍ୟବୋଧ ଶିକ୍ଷାର ଉଦ୍ଦେଶ୍ୟ ସମାଜର ହିତ ସାଧନ କରିବା । ଏହା ଏକ ନୈତିକ ମାନଦଣ୍ଡ, ଯାହାର ସାମ୍ପ୍ରତିକ ସମାଜରେ ଯଥେଷ୍ଟ ଆବଶ୍ୟକତା ରହିଛି । ଯେଉଁ ଶିକ୍ଷା ସବୁଶିକ୍ଷାର୍ଥୀଙ୍କ ମନରେ ଖେଳାଉଥିବ, ଧୈର୍ଯ୍ୟ ଓ ସାହସ ଦେଉଥିବ, ଶୃଙ୍ଖଳା ଶିଖାଉଥିବ, ସୁନାଗରିକ ଭାବେ ଗଢୁଥିବ, ଆତ୍ମନିର୍ଭରଶୀଳ ହେବାର ମାର୍ଗ ଦେଖାଉଥିବ, ନେତୃତ୍ୱ ନେବାକୁ ଉତ୍ସାହିତ କରୁଥିବ ତାହା ହିଁ ପ୍ରକୃତ ଶିକ୍ଷା । ଶିକ୍ଷାର ଉଦ୍ଦେଶ୍ୟ- ଉଚ୍ଚମନା, ସାହସୀ, ଆଚରଣସିଦ୍ଧ, ଉଚ୍ଚାରଣସିଦ୍ଧ, ନୀତିନିଷ୍ଠ, ସତ୍ୟନିଷ୍ଠ, ଶାନ୍ତ, ଧୈର୍ଯ୍ୟବାନ, ଆତ୍ମସଂଯମୀ, ସ୍ୱାଭିମାନୀ, ବିବେକବାନ, ଚରିତ୍ରବାନ କରି ଛାତ୍ରଛାତ୍ରୀଙ୍କୁ ଗଢ଼ିବା । ଶିକ୍ଷାର୍ଥୀମାନଙ୍କର ଅନ୍ତର୍ନିହିତ, ମାନସିକ, ବୌଦ୍ଧିକ ଗୁଣଗୁଡ଼ିକୁ ବିକଶିତ କରିବା ସହ ମାନବିକତାର ଗୁଣଗୁଡ଼ିକୁ ପ୍ରସ୍ଫୁଟିତ କରାଇ ସମାଜରେ ଆଦର୍ଶ ନାଗରିକ ଭାବେ ପ୍ରତିଷ୍ଠିତ କରାଉଥିବା ଶିକ୍ଷା ହିଁ ପ୍ରକୃତ ଶିକ୍ଷା ।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନଙ୍କ ‘ମୋ ପୁଅର ଶିକ୍ଷକଙ୍କୁ ଚିଠିଟିଏ’ର କିୟଦଂଶ ଉଦ୍ଧାର କରିବା ଏଠାରେ ପ୍ରାସଙ୍ଗିକ ହେବ -

‘ମହାଶୟ, ଯଦି ପାରିବ ତା’କୁ ଶିଖାନ୍ତୁ ଯେ, ବାଟରୁ ଗୋଟା ଯାଉଥିବା ପାଞ୍ଚଟଙ୍କା ଠାରୁ ଝାଳବୁହା ଟଙ୍କାକର ମୂଲ୍ୟ ଯଥେଷ୍ଟ ବେଶୀ... । ସେ ନିଜର କିଛି ହରାଇବାକୁ ଶିଖୁ, ଜିଣିବାର ଆନନ୍ଦକୁ ଉପଭୋଗ କରିବା ବି ଶିଖୁ । ଆପଣ ପାରିଲେ ତା’କୁ ଈର୍ଷାଠାରୁ ଦୂରେଇ ରଖିବେ । ତା’କୁ ଶିଖାଇବେ ନିରବ ହସର ରହସ୍ୟ । ଯଦିପାରିବେ ତା’କୁ ବହିଃଜଗତର ବିସ୍ମୟ ସହିତ ପରିଚିତ କରାଇଦେବେ । କିନ୍ତୁ ତା’କୁ କିଛି ଏକାନ୍ତ ସମୟ ବି ଦେବେ ଯେତେବେଳେ ସେ ଆକାଶରେ ଚଢ଼େଇ, ଖରାରେ ଝଟକୁ ଥିବା ମହୁମାଛି ଓ ସବୁଜ ପାହାଡ଼ ଉପରେ ହସୁଥିବା ଫୁଲଗୁଡ଼ିକର ଚିରନ୍ତନ ରହସ୍ୟକୁ ବୁଝିବାରେ ବୁଡ଼ିଯାଇପାରିବ । ସ୍କୁଲରେ ତା’କୁ ଶିଖାଇଦେବେ ଯେ ଠକିବା ଅପେକ୍ଷା ଅସଫଳ ହେବାରେ ଯଥେଷ୍ଟ ଗୌରବ ରହିଛି... ।’

ଆଜି କିନ୍ତୁ ଆମେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଅନୁରୋଧ କରୁଛୁ ପିଲା କିପରି ପାଠରେ ଅଧିକ ନମ୍ବର ରଖିବ । ନୈତିକ ଶିକ୍ଷା ପ୍ରଦାନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉପଯୁକ୍ତ ପରିବେଶ ଓ ଉପଯୁକ୍ତ ଶିକ୍ଷା ହିଁ ପୃଥିବୀରେ ଅନେକ ମହାପୁରୁଷ ସୃଷ୍ଟି କରିପାରିଛି । ତେଣୁ ନୈତିକ ଦିଗର ବିକାଶ ସହ ନୈତିକ ଶିକ୍ଷାର ବିକାଶ ଶିକ୍ଷାର ଲକ୍ଷ୍ୟ ହେବା ନିତାନ୍ତ ଆବଶ୍ୟକ ।

କୋରାପୁଟ, ମୋ: ୯୪୩୭ ୯୦୯୦୪୦

## ନିଭୃତ ନିଳୟର ସାହିତ୍ୟ-ତପସ୍ୱୀ ଶଶିଭୂଷଣ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

କବିବର ରାଧାନାଥ ରାୟଙ୍କ ଅନୁପମ କାବ୍ୟ-ସମ୍ଭାରର ସୂକ୍ଷ୍ମ-ମର୍ମ ଧ୍ୱନି କେହି ଯଦି ଗଦ୍ୟଛନ୍ଦରେ ଶ୍ରବଣ କରିବାକୁ ଧ୍ୟାନସ୍ଥ ହୁଅନ୍ତି, ସେ ତାହା ଶଶିଭୂଷଣ ରାୟଙ୍କ ଅନୁପମ ଗଦ୍ୟ ସର୍ଜନା ମଧ୍ୟରେ ଆବିଷ୍କାର କରିପାରିବେ ଅନାୟାସରେ । ରାଧାନାଥ-ଶଶିଭୂଷଣ ପିତା-ପୁତ୍ରଙ୍କ ଏହି ଅମୃତ-ସମନ୍ୱୟ, ସୌନ୍ଦର୍ଯ୍ୟ-ସନ୍ଧାନୀ ପାଠକ ଆତ୍ମାକୁ ଅପୂର୍ବ ତୃପ୍ତିରେ ପରିପୂର୍ଣ୍ଣ କରିଦିଏ । ଏହା ଯେ ବାସ୍ତବରେ ଏକ ବିରଳ ଓ ମହତ୍ତର ମହାନୁଭୂତି- ଏ ସତ୍ୟ ବିବୁଧବୃନ୍ଦଙ୍କ ଆନ୍ତରିକ ସ୍ୱୀକୃତି ଲାଭ କରିଆସିଛି ।

ଓଡ଼ିଆ ସାହିତ୍ୟକୁ ରାଧାନାଥଙ୍କ ମହାନ ଅବଦାନ ସ୍ମରଣ କରିବା ବେଳେ ଶଶିଭୂଷଣଙ୍କ ପ୍ରସଙ୍ଗ ଉଲ୍ଲିଖିତ ହେବା ଏକାନ୍ତ ବିଧେୟ । ରାଧାନାଥ ଲେଖିଛନ୍ତି: ‘ସୁନ୍ଦରେ ତୃପ୍ତିର ଅବସାଦ ନାହିଁ/ଯେତେ ଦେଖୁଥିଲେ ନୂଆଁ ଦିଶୁଥାଇ ।’ ଶଶିଭୂଷଣ ସେଇ ସୌନ୍ଦର୍ଯ୍ୟ ଅନ୍ୱେଷଣ କରିଛନ୍ତି ସାରାଜୀବନ । ବାଳକ ଅବସ୍ଥାରୁ ରାଧାନାଥ ଶଶିଭୂଷଣଙ୍କ ହୃଦୟକୁ ଓଡ଼ିଶାର ବଣ, ପାହାଡ଼, ନଦୀ, ନାଳ, ବୃକ୍ଷ, ଲତା, ଫୁଲ, ଫଳ ସହିତ ଏପରି ନିବିଡ଼ ବନ୍ଧନରେ ବାନ୍ଧି ଦେଇଥିଲେ ଯେ, ସେହି ନିସର୍ଗ ସୌନ୍ଦର୍ଯ୍ୟର ବଳୟରେ ଶଶିଭୂଷଣ ଅତିବାହିତ କରିଥିଲେ ସାରାଜୀବନ । ‘ଉତ୍କଳ ପ୍ରକୃତି’ ଓ ‘ଉତ୍କଳର ଋତୁଚିତ୍ର’ ତାଙ୍କ ଶ୍ରେଷ୍ଠ ସୃଷ୍ଟି ଭାବରେ ବିବେଚନା କରାଯାଇଛି ପ୍ରାକୃତିକ ସୁଷମାର ହୃଦୟସ୍ପର୍ଶୀ ଚିତ୍ରଣ ହେତୁ ।

ଶଶିଭୂଷଣ ବର୍ଣ୍ଣନାତ୍ମକ ପ୍ରବନ୍ଧ ଲେଖିବାରେ ଯେପରି ସିଦ୍ଧହସ୍ତ, ଦାର୍ଶନିକ, ନୈତିକ, ସାମାଜିକ, ଐତିହାସିକ ଓ ସାହିତ୍ୟିକ ବିଷୟ ଉପରେ ଗଭୀର ଆଲୋକପାତ କରିବାରେ ସମଭାବରେ ସମର୍ଥ । ଜୀବନରେ ସାଧାରଣତଃ ଯେଉଁସବୁ ପ୍ରଶ୍ନ ମଣିଷକୁ ଅସ୍ଥିର ଓ ବ୍ୟତିବ୍ୟସ୍ତ କରିଦିଏ, ସେସବୁ ଉପରେ ପ୍ରାବନ୍ଧିକ ବିସ୍ତୃତ ଆଲୋଚନା କରିଛନ୍ତି । କିପରି ଭାବରେ ମନୁଷ୍ୟର ଜୀବନ ହେବ ଅର୍ଥପୂର୍ଣ୍ଣ, ତା’ର ଅନ୍ତଃଚେତନା ହେବ ସୁବିକଶିତ, ପରିପକ୍ୱ -ତାହାକୁ ଦୃଷ୍ଟି ସମ୍ମୁଖରେ ରଖି ମୌଳିକ ଅନୁଚିନ୍ତନର ପରିଚୟ ସେ ଦେଇ ଯାଇଛନ୍ତି । ଈଶ୍ୱର ଯେ ବିଶ୍ୱରୂପରେ ପ୍ରକଟିତ- ଏହି ସମାଧାନରେ ପହଞ୍ଚି ସେ ଆସ୍ତିକ ଓ ନାସ୍ତିକ ସମସ୍ତଙ୍କୁ ଈଶ୍ୱର ବିଶ୍ୱାସୀ ବୋଲି ସ୍ୱୀକାର କରିବା ଦ୍ୱାରା ନିଜ ବିବେଚନା ଶକ୍ତିର ଶ୍ରେଷ୍ଠ ପରିଚୟ ଦିଅନ୍ତି ।

ଶଶିଭୂଷଣଙ୍କ ଅଧ୍ୟୟନର ପରିସର କି ବ୍ୟାପକ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ପୃଥିବୀର କେତେ ମହାପୁରୁଷ, ମହାନ ଜ୍ଞାନୀ, ତତ୍ତ୍ୱଦର୍ଶୀ ପଣ୍ଡିତ, ଦାର୍ଶନିକ, ବୈଜ୍ଞାନିକଙ୍କ ସହ ତାଙ୍କ ଅନର୍ଗତ ସମ୍ବନ୍ଧ ହେତୁ ସେହି ଚିରପୂଜ୍ୟ ବ୍ୟକ୍ତିତ୍ୱମାନଙ୍କ ନିକଟରୁ ଉଦାର ଭାବ ସକଳ ତାଙ୍କ ଭିତରକୁ ସଞ୍ଚରି ଆସିଛି ସ୍ୱତଃ । ‘ଉଚ୍ଚାଭିଳାଷ’, ‘ଅଶ୍ରୁ’, ‘ସୌଜନ୍ୟ’ ପ୍ରଭୃତି ପ୍ରବନ୍ଧରେ ପାଠକ ଭିତରେ କେତେ ଅନୁରାଗର ସହ ନମନୀୟ ଭାବ ସଞ୍ଚାର ପାଇଁ ସେ ଯତ୍ନଶୀଳ! ନିଜକୁ ଉଚ୍ଚ ପଦପଦବୀରେ ଅଧିଷ୍ଠିତ କରିବାର ସ୍ୱପ୍ନ ଦେଖିବା ତାଙ୍କ ଦୃଷ୍ଟିରେ ପ୍ରକୃତ ଉଚ୍ଚାକାଂକ୍ଷା ହୋଇ ନ ପାରେ ।

ନିଜ ପିତାଙ୍କ ପାଇଁ ସେ ଧବଳେଶ୍ୱରରେ ନିର୍ମାଣ କରିଦେଇଥିଲେ ନିଭୃତ ନିଳୟ । ପିତାଙ୍କ ମହାପ୍ରୟାଣ ପରେ ସେ ଲେଖିଲେ ‘ପିତୃସ୍ମୃତି’ । କି ଆବେଗମୟ ଭାଷାରେ ସେ ପିତାଙ୍କୁ ସମ୍ବୋଧନ କରି ତାଙ୍କ ଆନ୍ତରିକ ସ୍ମୃତିଚାରଣ କରିଛନ୍ତି! ଓଡ଼ିଆ ସାହିତ୍ୟରେ ସେପରି ଦ୍ୱିତୀୟ ଦୃଷ୍ଟାନ୍ତ ଅନୁପସ୍ଥିତ । ତାଙ୍କ ଜାମାତା ଦୁର୍ଗାଚରଣ ରାୟ ଲେଖିଛନ୍ତି ବୃହଦାକାୟ ରାଧାନାଥ ଜୀବନୀ । ମାତ୍ର ଶଶିଭୂଷଣ ହିଁ ଯେ ପ୍ରଚ୍ଛନ୍ନ ଭାବରେ ରହି ସମସ୍ତ ତଥ୍ୟ ସଂଗ୍ରହ ଓ ଉପସ୍ଥାପନର ଦାୟିତ୍ୱ ନିର୍ବାହ କରିଛନ୍ତି ଏହା ସୁସ୍ପଷ୍ଟ ହୋଇଯାଏ । ଜୀବନର ଉତ୍ତରାୟଣରେ ଦୃଷ୍ଟିଶକ୍ତି କ୍ଷୀଣ ହୋଇ ଆସୁଥିଲା ବେଳେ ମଧ୍ୟ ପ୍ରିୟ ପ୍ରକୃତି କୋଳରେ, ନିଭୃତ ନିଳୟରେ ଅବସ୍ଥାନ କରି ସହସ୍ରାଧିକ ପୁସ୍ତକ ପାଠରେ ନିଜକୁ ନିମଗ୍ନ କରି ରଖିଛନ୍ତି । ସୁଧୀ ସଜ୍ଜନଙ୍କ ପତ୍ରର ପ୍ରତ୍ୟୁତ୍ତର ଦେଉଥିଲେ ବଂକିମ ବାକ୍ୟରେ ହେଲେ ମଧ୍ୟ । ରାଧାନାଥଙ୍କ ସମ୍ପର୍କରେ କଟକ ଆକାଶବାଣୀ କେନ୍ଦ୍ରରେ ବକ୍ତୃତା ଦେଇଥିଲେ ଆବେଗମୟ ଭାଷାରେ ।

ପ୍ରସଙ୍ଗକ୍ରମେ ସେ କହୁଛନ୍ତି - ଦୁଃଖାକ୍ରାନ୍ତ, ବେଦନାପ୍ଳୁତ ମଣିଷ ପ୍ରତି ଅନ୍ତରଙ୍ଗତା ଅନୁଭବ କରି ଆଖିରୁ ଯେତେବେଳେ ଅଶ୍ରୁଧାରା ନିଗିଡି ଆସେ, ତା’ଠାରୁ ଆଉ ମହାନ ସୌନ୍ଦର୍ଯ୍ୟ ଜଗତରେ କ’ଣ ଅଛି?’ ଯେଉଁ ପ୍ରକୃତିକୁ ଦେଖି ସେ ମୁଗ୍ଧ ହୋଇଛନ୍ତି ତାରି ଭିତରେ ଏଇ ମହତ ସମ୍ବେଦନଶୀଳତା ସେ ଆବିଷ୍କାର ଓ ଆହରଣ କରିଛନ୍ତି । ଅର୍ଥାତ ପ୍ରକୃତି ମଣିଷ ପ୍ରତି କିପରି ସହାନୁଭୂତିଶୀଳ ଏହି ସତ୍ୟାବିଷ୍କାରରେ ସେ ତନ୍ମୟ । ଆଜି ଯଦି ଶଶିଭୂଷଣ ଜୀବିତାବସ୍ଥାରେ ଥା’ନ୍ତେ, ପ୍ରକୃତି ପ୍ରତି ମଣିଷର ନିର୍ଦ୍ଦୟତାରେ କିପରି କ୍ରନ୍ଦନ କରୁଥା’ନ୍ତେ ତାହା କ’ଣ ପ୍ରତିଭାତ ହୋଇଯାଉନାହିଁ?

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଇପିଏଲ୍ ବିଜୟ ଉତ୍ସବରେ...

ପରିସରେରେ ନିର୍ମିତ ଡ୍ରେନ ଉପରେ ଏକ ଅସ୍ଥାୟୀ ସ୍ଲାବ୍ ଭୁଶୁଡ଼ି ପଡ଼ିବାରୁ ଏଭଳି ଅଘଟଣ ଘଟିଥିଲା । ଡ୍ରେନ ଉପରେ ଲୋକଙ୍କ ଭିଡ଼ ଯୋଗୁଁ ଏହି ସ୍ଲାବ ଭୁଶୁଡ଼ି ପଡ଼ିବାରୁ ଅନେକ ଲୋକ ଡ୍ରେନ ଭିତରେ ପଡ଼ିଯାଇଥିଲେ । ଏହାପରେ ଆରମ୍ଭ ହୋଇଯାଇଥିଲା ଦଳାଚକଟା । ବିଜୟ ପାଳନ ପାଇଁ ଆୟୋଜିତ ଏହି ଉତ୍ସବ ଶୋକାକୁଳ ହୋଇପଡ଼ିଥିଲା । ଫଳରେ ଏହି କାର୍ଯ୍ୟକ୍ରମକୁ ୧୫ ମିନିଟ ଭିତରେ ସାରି ଦିଆଯାଇଥିଲା । ଦଳାଚକଟାରେ ମୃତାହତଙ୍କୁ ନେବାଲାଗି ସଂଖ୍ୟାଧିକ ଆମ୍ବୁଲାନ୍ସ ନିୟୋଜିତ କରାଯାଇଥିଲା । ସେମାନଙ୍କୁ ବିଭିନ୍ନ ହସପିଟାଲରେ ଭର୍ତ୍ତି କରାଯାଇଛି । ଖବର ପାଇ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଷ୍ଟାଡିୟମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । କିନ୍ତୁ ମୃତାହତଙ୍କ ସଂପର୍କରେ କୌଣସି ସୂଚନା ଦେଇ ନାହାନ୍ତି । କେଉଁ ପରିସ୍ଥିତିରେ ଏଭଳି ଦୁଃଖଦପୂର୍ଣ୍ଣ ଅଘଟଣ ଘଟିଲା, ତାହାର ନ୍ୟାୟିକ ତଦନ୍ତ କରାଯାଇ ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ସିଦ୍ଦରମେୟା କହିଛନ୍ତି । ଅନ୍ୟପକ୍ଷରେ ବିଭିନ୍ନ ସଂଗଠନ ଓ ବିରୋଧୀ ଦଳ ଦଳାଚକଟା ଲାଗି ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି । ଏଭଳି ବଡ଼ ଉତ୍ସବ ଆୟୋଜନ ଲାଗି ପ୍ରଶାସନ ଠିକ ପ୍ରସ୍ତୁତି କରିନଥିଲା ବୋଲି ସେମାନେ ଅଭିଯୋଗ କରିବା ସହିତ ଏଥିପାଇଁ ଦାୟୀ ଅଧିକାରୀ ଓ କର୍ମକର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ବିଜୟ ଉତ୍ସବ ଦେଖିବା ଲାଗି ଗତକାଲି ରାତିରୁ ଭିଡ଼ ଆରମ୍ଭ ହୋଇଯାଇଥିଲା । ଅନେକ ଲୋକ ତାରକାଙ୍କର ଝଲକ ପାଇବା ଲାଗି ଗଛ ଉପରେ ଚଢ଼ି ଡାଳ ଉପରେ ବସିଥିଲେ । ଏଭଳି ଭିଡ଼କୁ ଦେଖି ରାସ୍ତା ଉପରେ ଶୋଭାଯାତ୍ରା କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା । ପୁଲିସ ପକ୍ଷରୁ କୁହାଯାଉଛି ଭିଡ଼ ନିୟନ୍ତ୍ରଣ ଲାଗି ଗତରାତିରୁ ଉଦ୍ୟମ କରାଯାଉଥିଲା । ଷ୍ଟାଡିୟମର କ୍ଷମତା ୩୫ ହଜର ଥିବା ବେଳେ ପ୍ରାୟ ତିନି ଲକ୍ଷ ଲୋକ ମାଡ଼ି ଆସିଥିଲେ ।

### ଭୁଲ୍ ଇଞ୍ଜେକ୍ସନ୍...

କୋକସରା ଅଞ୍ଚଳର ଫୁଲମତି ମାଝୀ ମେଡିକାଲ ଆଇସିୟୁରେ ରହି ଚିକିତ୍ସିତ ହେଉଥିଲେ । ଗତକାଲି ରାତି ୧୧ରୁ ୧୨ଟା ମଧ୍ୟରେ ଆଇସିୟୁରେ ଅଚାନକ ୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଭୋର୍ ସମୟରେ ଆଉଜଣଙ୍କ ମୃତ୍ୟୁ ହୋଇଥିଲା । ଘଟଣା ଘଟିବାର କିଛି ସମୟ ମଧ୍ୟରେ ସମ୍ପର୍କୀୟମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ଦେଖି ଟାଉନ୍ ଥାନା ପକ୍ଷରୁ ପୁଲିସ ମୁତୟନ କରାଯାଇଥିଲା । ମୃତକମାନଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ଅନୁସାରେ ଆଇସିୟୁରେ ଅପରେସନ ପରେ ରୋଗୀମାନେ ଠିକ୍ ଥିଲେ । ରାତ୍ରୀକାଳୀନ ଦାୟିତ୍ୱରେ ଥିବା କର୍ମଚାରୀ ଇଞ୍ଜେକ୍ସନ ଦେବାପରେ ରୋଗୀଙ୍କ ମୃତ୍ୟୁ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି ।

ଘଟଣା ପରେ ମାଲକାନଗିରିର ପୂର୍ବତନ ବିଧାୟକ ନିମାଇଁ ସରକାର ଓ କଂଗ୍ରେସର ଯୁବ ନେତା ରାଜ୍ୟ ସମ୍ପାଦକ ରୂପକ ତୁରୁକ ମେଡିକାଲ ଫାଟକ ସାମନାରେ ଧାରଣାରେ ବସିଥିଲେ । ପୀଡ଼ିତମାନଙ୍କ ପରିବାରକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ହଟିବୁନାହିଁ ବୋଲି ମେଡିକାଲ ଅଧିକାରୀଙ୍କ ବିରୋଧରେ ନାରାବାଜି ଦେଇଥିଲେ । ଏପରିକି ମେଡିକାଲ କଲେଜର ଡିନ୍‌ଙ୍କୁ ମଧ୍ୟ ସେମାନେ ମେଡିକାଲ ଭିତରକୁ ପ୍ରବେଶ କରାଇ ଦେଇ ନ ଥିଲେ । ପରିବାରକୁ ନ୍ୟାୟ ମିଳିବାର ପ୍ରତିଶ୍ରୁତି ପରେ ଉଭୟ ନେତା ରାସ୍ତାରୁ ହଟିଥିଲେ । ଜିଲ୍ଲାପାଳ ଭି କୀର୍ତ୍ତି ୱାସନ୍‌ଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଜିଲ୍ଲା ପ୍ରଶାସନ ତରଫରୁ ରେଡକ୍ରସ ପାଣ୍ଠିରୁ ପ୍ରତି ପରିବାରକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଯୋଗାଇ ଦିଆଯାଇଥିଲା । ମୃତଦେହ ବ୍ୟବଚ୍ଛେଦ ପରେ ସେମାନଙ୍କ ଘରକୁ ଶବ ପଠାଇବା ପାଇଁ ପ୍ରଶାସନ ପକ୍ଷରୁ ଗାଡ଼ି ଯୋଗାଇ ଦେବାକୁ ତୁଡା ପିଡି ତପନ କୁମାର ନାୟକ ପ୍ରତିଶ୍ରୁତି ଦେଇଥିଲେ ।

ଖବର ଶୁଣିବା ମାତ୍ରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ସମେତ ବିଜେଡିର ଏକ ଟିମ୍ ମେଡିକାଲରେ ପହଞ୍ଚିଥିଲେ । ଘଟଣାରେ ରାଜ୍ୟ ସରକାର ଶ୍ୱେତପତ୍ର ପ୍ରକାଶ କରିବା ସହ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି । ବିଜେପି ସରକାର ସମୟରେ କୋରାପୁଟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି ବୋଲି ଦଳ ପକ୍ଷରୁ କୁହାଯାଇଛି । ଏହି ମେଡିକାଲ ରେଫରାଲ ହସ୍ପିଟାଲ ପାଲଟିଯାଇଥିବା ବେଳେ ପ୍ରଫେସର, ଡାକ୍ତରମାନେ ହସ୍ପିଟାଲ ଛାଡ଼ି ଘରୋଇ କ୍ଲିନିକ୍‌ରେ ବସିଛନ୍ତି ବୋଲି ଗୁରୁତର ଅଭିଯୋଗ କରିଛନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ଦିଗରେ ରାଜ୍ୟ ସରକାର ଚିନ୍ତା କରିବା ଆବଶ୍ୟକ ବୋଲି ଶ୍ରୀ ସେଠୀ କହିଛନ୍ତି । ଅନ୍ୟପକ୍ଷରେ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି, ଡାକ୍ତରଖାନାରେ ଅଭିଜ୍ଞ ଷ୍ଟାଫ୍ ଥିଲେ । ପ୍ରୋଟୋକଲ ଅନୁସାରେ ଚିକିତ୍ସା ହୋଇଛି । ରୋଗୀମାନଙ୍କୁ ବଞ୍ଚାଇବା ପାଇଁ ଡାକ୍ତରମାନେ ଯଥାସାଧ୍ୟ ଉଦ୍ୟମ କରିଥିଲେ; କିନ୍ତୁ ତାହା ସଫଳ ହୋଇପାରି ନାହିଁ । ତେବେ ତିନିଜଣ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି, ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ହସ୍ପିଟାଲ ଅଧୀକ୍ଷକ ଡା. ସୁଶାନ୍ତ କୁମାର ସାହୁ କହିଛନ୍ତି ।

### ବଢୁଛି 'ଉତ୍ତାପଘାତ'...

ଦିବସ ହୋଇପାରେ । ଜୁନ୍ ୫ରୁ ତାପମାତ୍ରା କ୍ରମଶଃ ବଢ଼ିବ ଓ ଜୁନ୍ ୭ରେ କେତେକ ସ୍ଥାନରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିବ । ଜୁନ୍ ୧୦-୧୨ ମଧ୍ୟରେ ପଶ୍ଚିମ ଓ କେନ୍ଦ୍ରୀୟ ଓଡ଼ିଶାରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ୮ ଡିଗ୍ରୀ ବା ତାଠାରୁ ଅଧିକ ରହିପାରେ । ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ବରଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗିର, ଢେଙ୍କାନାଳ, ଅନୁଗୁଳ ସବୁଠାରୁ ଅଧିକ ଉତ୍ତପ୍ତ ଉତ୍ତପ୍ତ ରହିବ । ଏହାସହିତ ଆଭ୍ୟନ୍ତରୀଣ କଟକ, ଖୋର୍ଦ୍ଧା, ପୁରୀର କିଛି ଅଞ୍ଚଳ, ନୟାଗଡ଼ ଓ ଆଭ୍ୟନ୍ତରୀଣ ଗଞ୍ଜାମରେ ମଧ୍ୟ ଅତ୍ୟଧିକ ଗରମ ସହିତ ଝାଞ୍ଜି ପବନ ଓ ଗୁଳୁଗୁଳି ହୋଇପାରେ । ଜୁନ୍ ମାସରେ ମୌସୁମୀ ବିଳମ୍ବ ହେଲେ ଗ୍ରୀଷ୍ମ ପ୍ରବାହ ହୋଇଥାଏ । ୨୦୨୩ ଜୁନ୍ ୧୨ରେ ରାଜ୍ୟରେ ୧୬ ଟି ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ସମ୍ବଲପୁରରେ ତାପମାତ୍ରା ୪୫.୬ ଡିଗ୍ରୀ ରେକର୍ଡ ହୋଇଥିଲା । ଭୁବନେଶ୍ୱରରେ ୪୪.୩ ଡିଗ୍ରୀ ରେକର୍ଡ ହେବା ସହ ସେହି ସମୟରେ ଏଠାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୮.୩ ଡିଗ୍ରୀ ଅଧିକ ରହିଥିଲା । ୨୦୧୬ ମସିହାରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇଥିଲା ।

ପ୍ରଫେସର ପଶୁପାଳକ ଆହୁରି କହିଛନ୍ତି ଯେ ଆସନ୍ତା ଜୁନ୍ ୧୧ରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ହେତୁ ରାଜ୍ୟକୁ ପୂର୍ବା ପବନ ବହିବ । ଫଳରେ ଉପକୂଳରେ ୧୧ ଏବଂ ଆଭ୍ୟନ୍ତରୀଣରେ ୧୩ରୁ ତାପମାତ୍ରା କମିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି । ସେହିପରି ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ଅନୁଗୁଳ, ସମ୍ବଲପୁର ଓ ଭଦ୍ରକରେ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ବାକି ଅଧିକାଂଶ ସ୍ଥାନରେ ତାପମାତ୍ରା ୩୭-୩୮ ଡିଗ୍ରୀ ମଧ୍ୟରେ ରହିଛି । ଏହାସହିତ ଅଧିକାଂଶ ସ୍ଥାନରେ ଆର୍ଦ୍ରତା ୫୦ ପ୍ରତିଶତରୁ ଅଧିକ ରହିଥିବା ହେତୁ ରାଜ୍ୟବାସୀ ଭୀଷଣ ଗୁଳୁଗୁଳି ଭୋଗିଛନ୍ତି । ଅନ୍ୟପଟେ ଭୁବନେଶ୍ୱର ସମେତ ବାଲେଶ୍ୱର, ସୋନପୁର, ଟିଟିଲାଗଡ଼ ଓ ଖୋର୍ଦ୍ଧାରେ ହୋଇଥିବା ବର୍ଷା ଯୋଗୁଁ ଏଠାରେ ଜାରି ରହିଥିବା ଗୁଳୁଗୁଳି ସ୍ଥିତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି ।

### ୨୭ ରାଜ୍ୟକୁ ବ୍ୟାପିଛି...

୫୧୦ ରୋଗୀ ଚିକିତ୍ସାଧୀନ ଅଛନ୍ତି । ସେହିପରି କରୋନାରେ ୪୪ ଜଣ ପ୍ରାଣ ହରାଇଲେଣି । କେବଳ ଗତ ୫ ଦିନରେ କରୋନା ୩୭ ଜଣଙ୍କ ଜୀବନ ନେଇଛି । ଗତ ୨୪ ଘଣ୍ଟା ମଧ୍ୟରେ ମହାରାଷ୍ଟ୍ରରେ ସର୍ବାଧିକ ୪ ଜଣ ରୋଗୀଙ୍କ ମୃତ୍ୟୁ ହୋଇଛି । ଏହି ରାଜ୍ୟରେ ମୋଟ ମୃତ୍ୟୁ ସଂଖ୍ୟା ୧୪ରେ ପହଞ୍ଚିଯାଇଛି । ଏହା ବ୍ୟତୀତ ସମୀକ୍ଷାଧିନ ଅବଧିରେ ଦିଲ୍ଲୀ, ଗୁଜରାଟ ଏବଂ ତାମିଲନାଡୁରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି । ଏହି ଲହରରେ ପ୍ରଥମ ଥର ପାଇଁ ମଙ୍ଗଳବାର ହିମାଚଳ ପ୍ରଦେଶରୁ କରୋନା ମାମଲା ସାମ୍ନାକୁ ଆସିଛି । ଏହାକୁ ନେଇ ରାଜ୍ୟ ସରକାର ବିଳମ୍ବିତ ରାତିରେ ମାର୍ଗଦର୍ଶିକା ଜାରି କରି ହସ୍ପିଟାଲ ଗୁଡିକରେ ମାସ୍କ ବାଧ୍ୟତାମୂଳକ କରିଦେଇଛନ୍ତି । ଅନ୍ୟପଟେ କେରଳ ସରକାର ନୂତନ ନିର୍ଦ୍ଦେଶାବଳୀ ଜାରି କରି ସମସ୍ତ ସରକାରୀ ଏବଂ ବେସରକାରୀ ହସ୍ପିଟାଲରେ ମକ୍ ଡ୍ରିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଥଣ୍ଡା ଏବଂ ଜ୍ୱର ହେଲେ କୋଭିଡ୍ ପରୀକ୍ଷାକୁ ବାଧ୍ୟତାମୂଳକ କରିଦିଆଯାଇଛି । ଏହି ରାଜ୍ୟ ଦେଶରେ କରୋନାର ହଟ୍‌ସ୍ପଟ୍ ପାଲଟିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଜି ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଏହା ମଧ୍ୟରେ କେନ୍ଦ୍ର କରୋନା ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଜାଦବ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ଏବଂ ଆୟୁଷ ମନ୍ତ୍ରଣାଳୟ ସମ୍ପୂର୍ଣ୍ଣ ସଜାଗ ଅଛି । ରାଜ୍ୟ ସ୍ଥିତି ଉପରେ ନଜର ରଖାଯାଇଛି । ସମ୍ପୃକ୍ତ ସଚିବ ଏବଂ ମନ୍ତ୍ରୀମାନଙ୍କ ସହ କଥା ହୋଇଛୁ । ସେହିପରି କରୋନା ଲହର ସମୟରେ ନିର୍ମିତ ଅକ୍ସିଜେନ୍ ପ୍ଲାଣ୍ଟ, ଆଇସିୟୁ ବେଡ୍ ଭଳି ଜିନିଷଗୁଡ଼ିକର ସମୀକ୍ଷା କରାଯାଇଛି । ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ଚାଲିଛି ।

### ଜୁଲାଇ ୧୧ରୁ...

ଦାବି କରି ଆସୁଥିଲେ । ଗତକାଲି କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ମେଣ୍ଟର ୧୬ଟି ଦଳ ବୈଠକ କରି ସ୍ୱତନ୍ତ୍ର ଅଧିବେଶନ ପାଇଁ ଦାବି କରିଥିଲେ । ତେବେ ସରକାର ଆଜି ମୌସୁମୀ ଅଧିବେଶନ ଲାଗି ତାରିଖ ଘୋଷଣା କରିବା ପରେ କଂଗ୍ରେସ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ କରାଯାଇଛି । ପାର୍ଟିର ସାଧାରଣ ସଂପାଦକ ଜୟରାମ ରମେଶ କହିଛନ୍ତି ଯେ ସରକାର ସ୍ୱତନ୍ତ୍ର ଅଧିବେଶନକୁ କାହିଁକି ଏଡ଼ାଉଛନ୍ତି, ତାହା ଜଣାପଡୁନାହିଁ । ସେ କହିଲେ ଯେ ଦେଢ଼ ମାସ ପୂର୍ବରୁ ସଂସଦ ଅଧିବେଶନ ତାରିଖ ଘୋଷଣା କରାଯିବା ତାଙ୍କୁ ଆଶ୍ଚର୍ଯ୍ୟ କରିଛି । କାରଣ ଏହାପୂର୍ବରୁ ଏଭଳି ଘୋଷଣା କେବେହେଲେ କରାଯାଉନଥିଲା ।

### ୨୦୨୬ ଅକ୍ଟୋବରରୁ...

ସେପ୍ଟେମ୍ବରରେ ପ୍ରଥମ ପର୍ଯ୍ୟାୟ ଏବଂ ୨୦୨୧ ଫେବୃଆରୀରେ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ହେବାର ଥିଲା । ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଥିଲା । କିନ୍ତୁ କୋଭିଡ୍-୧୯ ମହାମାରୀ ଯୋଗୁଁ ଜନଗଣନା କାର୍ଯ୍ୟକୁ ସ୍ଥଗିତ କରି ଦିଆଯାଇଥିଲା ।

ଏଥର ହେବାକୁ ଯାଉଥିବା ଜନଗଣନା ଦୁଇଟି ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି । ପ୍ରଥମଟି ହେଲା ଦେଶରେ କେଉଁ ଜାତିର ଲୋକଙ୍କ ସଂଖ୍ୟା କେତେ ତାହା ଜଣାପଡ଼ିବ । ଦ୍ୱିତୀୟଟି ହେଲା ଏହି ଜନଗଣନାକୁ ଭିତ୍ତି କରି ସଂସଦ ଓ ରାଜ୍ୟ ବିଧାନସଭା ନିର୍ବାଚନମଣ୍ଡଳୀମାନଙ୍କର ସୀମା ପୁନଃନିର୍ଦ୍ଧାରଣ କରାଯିବ ।

ଗତ ଏପ୍ରିଲ ୩୦ ତାରିଖରେ ଜାତି ଭିତ୍ତିକ ଜନଗଣନା ପାଇଁ କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ପରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ କେତେକ ରାଜ୍ୟ ଜାତି ସର୍ଭେ କରାଇଛନ୍ତି । କିନ୍ତୁ ଏଥିପାଇଁ ସେମାନେ ଯେଉଁ ପ୍ରଣାଳୀ ଅପଣାଇଥିଲେ, ତାହା ସ୍ୱଚ୍ଛ ନଥିଲା ଏବଂ ଏହାଦ୍ୱାରା ଅସଲ ଉଦ୍ଦେଶ୍ୟ ହାସଲ ହୋଇପାରିନଥାନ୍ତା । ପୁଣି ଏହା ସାମାଜିକ ସଦ୍‌ଭାବ ନଷ୍ଟ କରିବାର ଆଶଙ୍କା ମଧ୍ୟ ଥିଲା । ସୂଚନାଯୋଗ୍ୟ ଯେ ଭାରତରେ ପ୍ରଥମ ଥର ଲାଗି ଜାତିଭିତ୍ତିକ ଜନଗଣନା ୧୮୮୧ ଏବଂ ୧୯୩୧ରେ ବ୍ରିଟିଶ ସରକାର ଅମଳରେ ହୋଇଥିଲା । ୨୦୧୧ରେ ୟୁପିଏ ସରକାର ଅମଳରେ ଜନଗଣନା ବେଳେ ସାମାଜିକ-ଅର୍ଥନୈତିକ ଓ ଜାତି ଭିତ୍ତିକ ତଥ୍ୟ ସଂଗ୍ରହ କରାଯାଇଥିଲା । କିନ୍ତୁ ଏହି ତଥ୍ୟ କେବେହେଲେ ପ୍ରକାଶ ପାଇ ପାରିଲାନାହିଁ ।

### ଅକଳରେ ରାଜ୍ୟ...

ଅପରପକ୍ଷେ ଜୟ ନାରାୟଣ ବାରମ୍ବାର ଦଳ ଓ ଦଳୀୟ ନେତୃତ୍ୱଙ୍କୁ ଅଡୁଆରେ ପକାଇବା ଭଳି ବୟାନ ଦେଉଥିଲେ ହେଁ ଦଳର ଶୀର୍ଷ ନେତୃତ୍ୱ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ନିଜ ମନ୍ତବ୍ୟକୁ ସଠିକ୍ ଦର୍ଶାଇବାକୁ ଯାଇ ଜୟନାରାୟଣ କହିଛନ୍ତି ଯେ ପ୍ରାର୍ଥୀ ଦେବାରେ ପାତରଅନ୍ତର କରାଯିବା ଦ୍ୱାରା ନିର୍ବାଚନରେ ଆମର ୩ ଜଣ ନେତା ସ୍ୱାଧୀନ ଭାବେ ବିଜୟ ଲାଭ କଲେ । ଯଦି ସଠିକ୍ ପ୍ରାର୍ଥୀ ଦଳ ଦେଇଥିଲା, ତାହେଲେ ଏହି ୩ ଜଣ କିପରି ନିର୍ବାଚନ ଜିତିଲେ? ସେହିପରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ପର୍କରେ ସେ କହିଛନ୍ତି ଯେ ବିଜେପିରେ ଯୋଗ୍ୟ ଲୋକଙ୍କ ଅଭାବ ନାହିଁ । ମାତ୍ର ସମ୍ପ୍ରସାରଣ କଣ ପାଇଁ ହେଉନାହିଁ ତାହା ମୁଖ୍ୟମନ୍ତ୍ରୀ କହିପାରିବେ । ଜୟଙ୍କ ଏହି ଟିପ୍ପଣୀ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି । ସରକାର ଗଠନର ବର୍ଷେ ବିତିବାକୁ ବସିଲାଣି, ହେଲେ ଦଳର ରାଜ୍ୟ ନେତୃତ୍ୱ ଏଯାବତ୍ ସାଂଗଠନିକ ପୁନର୍ବିନ୍ୟାସ କରିପାରିଲେ ନାହିଁ । ମୁଖ୍ୟମନ୍ତ୍ରୀ ମଧ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରୁନାହାନ୍ତି । ରାଜ୍ୟରେ ନିଗମ, ବୋର୍ଡରେ ନିଯୁକ୍ତି ଠାରୁ ଆରମ୍ଭ କରି କମିଶନ, ଅକାଦେମୀରେ ନିଯୁକ୍ତି କରାଯାଇ ପାରୁନାହିଁ । ଉଭୟ ସରକାର ଏବଂ ସଂଗଠନରେ ଭୟଙ୍କର ନେତୃତ୍ୱ ସଙ୍କଟ ଚାଲୁଥିବା ବେଳେ ଏହା ବାହାରକୁ ଭୁଲ୍ ବାର୍ତ୍ତା ଦେଉଛି । ଏପରିସ୍ଥଳେ ଜୟ ନାରାୟଣ ବାରମ୍ବାର ଦଳକୁ ଅଡୁଆରେ ପକାଇବା ଭଳି ମନ୍ତବ୍ୟ ଦଳର ଦୁର୍ବଳ ନେତୃତ୍ୱ ପ୍ରତି ଅଙ୍ଗୁଳି ଉଠାଉଛି ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି । ସମ୍ପ୍ରତି ରାଜ୍ୟ ସରକାର ପ୍ରଶାସନିକ ସ୍ଥାଣୁତାର ସାମ୍ନା କରୁଛନ୍ତି । ଉନ୍ନୟନ କାମ ଏକପ୍ରକାର ଠପ୍ ହୋଇ ପଡ଼ିଥିବା ବେଳେ ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ହୋଇପାରୁ ନାହିଁ । ସେହିପରି ନିର୍ବାଚନ ପ୍ରତିଶ୍ରୁତି ପାଳନ ଦିଗରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବେଳେ ଏହା କ୍ରମଶଃ ଲୋକଙ୍କ ମଧ୍ୟରେ ଆକ୍ରୋଶ ସୃଷ୍ଟି କରିଛି । ଏହା ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥିବା ବେଳେ ସମାନ ସମୟରେ ମନ୍ତ୍ରୀ ମନ୍ତ୍ରୀ, ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ତାଳମେଳର ଅଭାବ ଆଉ ଏକ ନୂଆ ସଙ୍କଟ ସୃଷ୍ଟି କରିଛି । ସରକାର ଓ ସଙ୍ଗଠନ ମଧ୍ୟରେ ସମନ୍ୱୟର ଅଭାବ ଆଉ ଏକ ନୂଆ ବିବାଦ ସୃଷ୍ଟି କରିଛି । ବାରମ୍ବାର ଚେଷ୍ଟା ସତ୍ତ୍ୱେ ରାଜ୍ୟ ସଭାପତି ନିଯୁକ୍ତି ହୋଇ ପାରିଲା ନାହିଁ । ସାଂଗଠନିକ ପୁନର୍ବିନ୍ୟାସ କେବେ ହେବ ସେନେଇ କୌଣସି ସ୍ପଷ୍ଟ ଉତ୍ତର ଦଳ ପାଖରୁ ମିଳୁନାହିଁ । ସଂଗଠନ ଏବଂ ସରକାର ମଧ୍ୟରେ ସମନ୍ୱୟର ଅଭାବ ଦେଖା ଦେଇଥିବା ବେଳେ ଏହାହିଁ ସରକାରର ଦ୍ୱିତୀୟ ବର୍ଷ ପାଇଁ ସବୁଠାରୁ ବଡ଼ ଆହ୍ୱାନ ସାଜିବ ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଇଛି । ଅତୀତରେ ବନ୍ଦେ ଉତ୍କଳ ଜନନୀ ଗାନ ପ୍ରସଙ୍ଗଠାରୁ ଆରମ୍ଭ କରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଯାଏଁ, ଜୟ ନାରାୟଣ ବହୁ ବିବାଦୀୟ ମନ୍ତବ୍ୟ ରଖିଛନ୍ତି । ତାଙ୍କ ପଛରେ ବହୁ ନେତାଙ୍କର ପରୋକ୍ଷ ସମର୍ଥନ ରହୁଥିବାରୁ ବୋଧହୁଏ ଏହା କାର୍ଯ୍ୟାନୁଷ୍ଠାନ ରାସ୍ତାରେ ଅନ୍ତରାୟ ସାଜୁଛି ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-Scrap-Dis-25-26-06

କାର୍ଯ୍ୟର ନାମ: ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ କାରଖାନା ପରିସର ଭିତରେ ସଂଗୃହିତ ଲୁହା ମୁଣ୍ଡ/ କଳୁଜ ଜମା ଅପସାରଣ ନିଷ୍କାସନ ।

ଆକଳିତ ମୂଲ୍ୟ (ଟଙ୍କାରେ): 21,95,826/-, EMD (ଟଙ୍କାରେ): 43,900/-, କାର୍ଯ୍ୟ ଶେଷ ଅବଧି: 06 ମାସ ।

ସାଇଟ ଦେଖିବା ତାରିଖ: ତା.14.06.2025ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.28.06.2025ରିଖ 1200 ଘଣ୍ଟାରେ ।

ଏହି ଟେଣ୍ଡର ଲାଗିରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିପରି ପ୍ରାପ୍ତ ହୋଇଥିବା ମାନୁଆଲ ପ୍ରସ୍ତାବକୁ ବିଚାର କରାଯିବ ନାହିଁ ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର www.ireps.gov.in ରେ ଉପଲବ୍ଧ ଅଛେ ।

ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର(POH-II)/ ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-196/Q/25-26



**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2025-26/06, ତା.02.06.2025ରିଖ

କ୍ରମ ସଂ.01: ଟେଣ୍ଡର ନଂ. 03252009A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଆବଦ୍ଧକ (କ୍ୟାଲୋକ(Jaw)), ପରିମାଣ : 52077 କୋଟି ।

କ୍ରମ ସଂ.02: ଟେଣ୍ଡର ନଂ. 03251474A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : CBC କପଲର ର KNUCKLE, ପରିମାଣ : 297 କୋଟି ।

କ୍ରମ ସଂ.03: ଟେଣ୍ଡର ନଂ. 06255015, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : HVN-66 ଇନସୁଲେଟିଙ୍ଗ୍ ଲାଇନର, ପରିମାଣ : T.S. ଅନୁସାରେ ।

କ୍ରମ ସଂ.04: ଟେଣ୍ଡର ନଂ. 07253112, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡେକୋରେଟିଭ୍ ଥର୍ମୋସେଟିଙ୍ଗ୍ ସିନ୍ଥେଟିକ୍ ରେଜିନ୍ ବଣ୍ଡେଡ୍ ଲାମିନେଟସ ସିଟ୍ସ, ପରିମାଣ: 5065 କୋଟି ।

କ୍ରମ ସଂ.05: ଟେଣ୍ଡର ନଂ. 02251796, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : IGBT ପାୱାର କନଭର୍ଟର ଦ୍ୱାରା ନିର୍ମିତ BHEL ର DCU କାର୍ଡ, ପରିମାଣ : 12 ସେଟ୍ ।

କ୍ରମ ସଂ.06: ଟେଣ୍ଡର ନଂ. 06245302, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଗ୍ରାଉଟର ପ୍ରେସ୍ ବ୍ରେକ୍ଡ କଂକ୍ରିଟ୍ ସ୍ଲିପର, ପରିମାଣ : T.S. ଅନୁସାରେ ।

କ୍ରମ ସଂ.07: ଟେଣ୍ଡର ନଂ. 03253795, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କାର୍ଟ୍ରିଜ୍ (Cartridge)ଟାଇପ ରୋଲର ବିୟରିଙ୍ଗ, ପରିମାଣ : 600 କୋଟି ।

କ୍ରମ ସଂ.08: ଟେଣ୍ଡର ନଂ. 03251458, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଆର୍ଟିକୁଲେଟେଡ୍ (Articulated) ସାଇଡ ଭରାର୍ଭିକ୍ (Spheroelastic)ଲବର ବିୟରିଙ୍ଗ, ପରିମାଣ : 253 କୋଟି ।

କ୍ରମ ସଂ.09: ଟେଣ୍ଡର ନଂ. 03253811, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କେନଟେନର କାର୍ ନିମନ୍ତେ ପ୍ରାଇମେରୀ ସ୍ପ୍ରିଙ୍ଗ୍, ପରିମାଣ : 1202 କୋଟି ।

କ୍ରମ ସଂ.10: ଟେଣ୍ଡର ନଂ. 06255014, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 6 mm ସାନ୍ଦ୍ରତା ବିଶିଷ୍ଟ ନାଇଲନ୍ କର୍ଡ ରେନଫୋର୍ସଡ୍ (Reinforced)ଗ୍ରୁଭଡ଼ ରବର ସୋଲ ପ୍ଲେଟ୍ସ, ପରିମାଣ : T.S. ଅନୁସାରେ ।

କ୍ରମ ସଂ.11: ଟେଣ୍ଡର ନଂ. 06255013, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 10125 mm କର୍ଭଡ ସ୍ଵିଚ୍, ପରିମାଣ : T.S. ଅନୁସାରେ ।

କ୍ରମ ସଂ.12: ଟେଣ୍ଡର ନଂ. 04251106, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ସିଙ୍କ୍ରୋନାଇଜ୍ଡ ଆର୍ ଅର୍ଥିଙ୍ଗ୍ ଡିଭାଇସ୍, ପରିମାଣ : 272 କୋଟି ।

ତାରିଖ : ତା.10.06.2025 ରିଖ(କ୍ରମ ସଂ.1ପାଇଁ), ତା.12.06.2025 ରିଖ(କ୍ରମ ସଂ.2 ଏବଂ 6 ପାଇଁ), ତା.11.06.2025 ରିଖ (କ୍ରମ ସଂ.3 ପାଇଁ), ତା.19.06.2025 ରିଖ(କ୍ରମ ସଂ.4 ପାଇଁ), ତା.16.06.2025 ରିଖ(କ୍ରମ ସଂ.5 ଏବଂ 7 ପାଇଁ), ତା.17.06.2025 ରିଖ(କ୍ରମ ସଂ.8 ପାଇଁ), ତା.18.06.2025 ରିଖ(କ୍ରମ ସଂ.9 ପାଇଁ), ତା.20.06.2025 ରିଖ(କ୍ରମ ସଂ.10 ଏବଂ 11 ପାଇଁ) ଏବଂ ତା.30.06.2025 ରିଖ(କ୍ରମ ସଂ.12 ପାଇଁ) ।

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇତ୍ୟାଦି, କ୍ରୟ ପ୍ରତିବେଦକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ଜାଣିବା ପାଇଁ ଦୟାକରି ୱେବସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

PR-202/Q/25-26



**OFFICE OF THE TAHASILDAR, GUNUPUR**

No. 1659/XII:02/2025-Debottar. Dated:03.06.2025

**TENDER CALL NOTICE**

Sealed Quotation/Tenders are invited from the interested reputed Agencies / Tours Operators of Private individuals for staging of Mina Bazar and join ride items except Mout Ka Kua at Mina Bazaar Rath Yatra for the year 2025. The sealed quotation should be submitted with the following documents i.e. registration certificate, Clearance of GST, Identity proof, PAN Card, Adhar Card along with Bid Security of Rs 20,000/- (Twenty Thousand) refundable in shape of Demand Draft in favour of **Tahasildar, Gunupur** and offset Bid price **Rs.20,00000/- (Twenty Lakhs)** only.

The Quotation completed in all respect should reach the undersigned on or before **12.06.2025** by 10.00 AM and shall be opened on the same day at **11.30** A.M in the **Sadhbhavana Sabha Gruha of Sub-Collector office, Gunupur** in presence of the bidders or their authorized representatives. The successful bidder must submit/obtain a No Objection Certificate from Municipality, Sub-Divisional Officer (Elect), GESD, TPSODL, Gunupur and Fire Officer, Gunupur within 7 days from the date of receipt of intimation from this office.

Any other details and particulars if required can be obtained from the office of the **Tahasildar, Gunupur**.

--Sd--

**Tahasildar-Cum-Executive Officer**
**Endowment, Gunupur.**



OFFICE OF THE SUPERINTENDING ENGINEER

**TELENGIRI CANAL DIVISION**

AMBAGUDA, DIST.: KORAPUT, ODISHA - 764055

EMAIL ID: Setcdambaguda@gmail.com A-243

**QUOTATION CALL NOTICE NO 01/2025-26 DT 31.05.2025**

Sealed quotations are invited from interested reputed Travel Agencies/Tour Operators or private individuals for providing 1 (one) no of AC Petrol driven vehicle (Zest/Tigor/Swift /Dzire/Xcent/Etios equivalent) having seating capacity not more than ten including driver, which shall conform to the Terms and Conditions (Annexure-A) for official use in the office of the Chief Engineer & Basin Manager, Indravati and Kolab Basin, Bariniput, Dist-Koraput on monthly rent basis. The bidder(s) can furnish offer for one or more vehicles, but separate application forms for individual vehicles should be furnished.

1. The application form of quotation containing General Bid Information & Terms and Conditions for hiring of vehicles will be available with the cashier of this office and can be obtained from **03.06.2025 to 12.06.2025 up to 09.30 AM** on working days during working hours.
2. The completed quotation in all respects should reach the undersigned on or before **12.06.2025 by 09.30 AM** and shall be opened on the same day at **11.30 AM** in the presence of the bidders or their authorized representatives who wish to be present.
3. The authority reserves the right to reject any or all quotations without assigning any reason thereof.
4. Further details can be seen on the Government of Odisha website: **www.odisha.gov.in**

**(Er. Bikash Pradhan)**
Superintending Engineer
OIPR- Telengiri Canal Division, Ambaguda



**NOTICE / DECLARATION**

It is for information of all concerned that the partnership firm M/s Maa Basanti Durga Constructions bearing Registration No 1820202201249 of 2022, District :Khordha has been reconstituted w.e.f 01.10.2024 as follows :-

1. Managing Partner - Sri Saroj Kumar Sethi
2. Incoming Partner -Smt Manaswini Sethi
3. Retiring Partner - Mr Shusanta Sethi
4. Retiring Partner -Mrs Uma Sethi

Sd/- Managing Partner
Date: 03.06.2025 M/s Maa Basanti Constructions



Office of the Principal / Secretary

**BALIKHAND DEGREE COLLEGE, BALIKHAND**

Dist. : BALASORE

e-Mail : balikhanddegreecollege@gmail.com

**TENDER CALL NOTICE**

Letter: BDC-015/2025 Date:4th June 2025

Sealed Quotations are hereby invited in the prescribed format from the intending registered authorized dealers having valid GST & IT Clearance Certificate, PAN Card for supply of Dell Desktop Computer, Printer, UPS LED T, Camera and other IT Equipments as required to Balikhand Degree College from: The details of Tender with tender documents can be obtained from the College Office or College Mail.Id. from:10.00AM dated-05.06.2025 ,The Tenderer shall submit their tender by registered post on or before 15.06.2025.The tender will be opened on: 20.06.2025 at11.30AM in the Office of the undersigned in the presence of bidders or their authorized representatives.

The authority reserves the right to accept or reject any or all tenders without assigning any reason thereof. All disputes are subject to the jurisdiction of Balasore & Bhadrak only.

Sd/- Principal
Balikhand Degree College,
Balikhand,Balasore



OFFICE OF THE PRINCIPAL

**GOVERNMENT VOCATIONAL HIGHER SECONDARY SCHOOL, SUNABEDA**

SUNABEDA-3, DIST-KORAPUT (ODISHA)PH. 06853-221962 (O)

E-MAIL: sunabedawomenshss94@gmail.com

**Advertisement**

Applications are invited with relevant certificates by Regd. Post/ speed Post/ in person to sponsor the Name for engagement of Guest Faculty in Vocational trade for the session 2025-26. Honorarium as per the Government of Odisha norms. Retired Govt. / HSS teachers below 65 years / in service / fresh candidate having the requisite qualification are eligible to apply. The last date of receiving the application is 17/06/2025. Applications received after the last date shall be summarily rejected. The candidates are informed to remain present at 11:00 A.M. on 18/06/2025 at Govt. Voc. H. S. School, Sunabeda along with original documents / certificates for verification. No TA / DA will be paid for attending the interview.

| TRADE SUBJECT AND VACANCY | QUALIFICATION |
|---|---|
| INFORMATION TECHNOLOGY - INFORMATION TECHNOLOGY ENABLED SERVICES (IT-Ites) (ONE) | Bachelor Of Engineering / Technology In Computer Sc./information Technology Or Master In Computer Application Or Master Of Information Technology Or Doeacc B Level Certificate. The Suggested Qualification Is The Minimum Criteria. However, Higher Qualifications Such As Master Of Engineering / technology In Computer Sc. / information Technology Is Acceptable. |
| CATERING AND RESTAURANT MANAGEMENT (CRM) (ONE) | Degree/ Diploma (minimum 3 Years Duration) In Hotel Management And Catering Technology/ Hospitality And Hotel Administration From Any Institute Affiliated To National Council For Hotel Management And Catering Technology/state Board Of Technical Education/ Recognized University Having Minimum 50% Marks In Aggregate With Minimum Two Years Experience In Industry Or Teaching / M.a. Or M.sc. In Home Science With 55% Marks In (i) Home Science / (ii) Nutrition / Nutrition And Dietetics / Equivalent / B.sc. Management And Dietetics Or Equivalent / B.sc. (home Science) With One Year Certificate Course In Food And Beverage Service/ Food Production With One Year Experience In Relevant Trade. |

**Sd/- Principal**
G.V.H.S.S., SUNABEDA



**AFFIDAVIT**

By virtue of an affidavit No. 1949, dtd. 14.05.2025 before the Executive Magistrate, Banpur, I, Sangita Pradhan, At- Halanda, Po- Badasireipur, Ps.- Banpur, Dist.- Khordha do hereby declare that I have changed my name from Sangita Bisoi to Sangita Pradhan. Henceforth I shall be known as **Sangita Pradhan** instead of Sangita Bisoi for all purposes.

**Sd/- Sangita Pradhan**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated: 02.06.2025,I Kanak Durlia resident of at: Govindapalli, PO: Govindapalli ,P.S Mathili, Dist: Malkangiri, Odisha ,Pin-764044, declare that I have changed my name from Purnima Turlia to Kanak Durlia. Henceforth,I shall be known as Kanak Durlia for all purposes.

**Kanak Durlia**

**LOST**

I Daulat Kumar Kampa, S/o- Late Surendra Kampa, R/O Sunalarambha, P.o/Tah- Bheden the original sale deed bearing RSD No-721, dt. 09/07/1999 and RSD No-67, dt 17/01/1995 which are executed in favour of Surendra Kampa and Banabasi Kampa have been lost the said original sale deed from my custody when I was traveling on dtd. 26/04/2025 from Sunalarambha to Bheden. I couldn't find out the same with my utmost effort and inquiry.

**Daulat Kumar Kampa**

**LOST**

By virtue of an affidavit sworn before Notary Public Sohela Dist- Bargarh dated. 03.06.2025, I, **Bijaya Kumar Meher,** S/o Hemanta Kumar Meher, resident of Village/PO- Pada, PS- Bijepur, Dist- Bargarh, (768032) Odisha do hereby declare that, my father had purchased a piece of land at Mouza Pada from its lawful owner by virtue of which RSD No 2223/2008 was prepared before SRO Sohela have been lost on 02/06/2025 in somewhere at my nearest village Pada. If anyone finds it kindly contact to my address or mobile no 7608080890.

**AFFIDAVIT**

**I, Pritty Agrawall,** W/o.: Pawan Kumar Jain, resident of At/PO.: Kandhal, P.S.: Talcher, Dist.: Angul, PIN-759100, Odisha, declare by this affidavit No.: 3470, dated-03/06/2025, that now onwards I shall be known as **PRITTY AGARWALL** for all future purposes.

**AFFIDAVIT**

By virtue of an affidavit sworn before Notary Public Kesinga, dated 27.05.2025, I, Japa Rana, Address At/Po- Kantesir, Ps- Kesinga, Dist- Kalahandi, Odisha, Pin-766012 declare that I have changed my daughter's name from Shusuma Rana to Kunjan Rana. Henceforth, she shall be known as Kunjan Rana for all purposes.

**Japa Rana**

**AFFIDAVIT**

By virtue of an affidavit No. 3629, dtd. 02.05.2025 in the court of the Executive Magistrate, Umerkote, Dist.- Nabarangpur, I, Sanmati Harijan have changed my name from Sanabati Harijan to Sanmati Harijan. Henceforth I shall be known as Sanmati Harijan instead of Sanabati Harijan for all purposes.

**Sd/- Sanmati Harijan**

**AFFIDAVIT**

I, Padmabati Jati, W/o- Late Anant Jati, Resident of At-Nakichua, Po- Chinchalgadia, Ps-Rasgovindpur, Dist- Mayurbhanj, Odisha-756030. Declared by affidavit before The Executive Magistrate, Rasgovindpur No.770 / dtd- 29/05/2025 That, my name as Padmabati Jati has been recorded my voter identity card bearing no- OR/02/008/312706, which is true & correct but my Aadhar Card no- 2008 3524 1664 mention Srimati Padmamani Jyoti. I declare that Padmabati Jati & Srimati Padmamani Jyoti same and one person for all future purpose.

**Padmabati Jati**

**AFFIDAVIT**

I, Mohammad Tabrez Rasool, aged about 35 years, S/o- Mohammed Abdur Raheman, resident of At/Po- Praharajpur, Ps- Kishannagar, Dist- Cuttack, PIN- 754130, Odisha declared by this affidavit No. 481, dtd- 02/06/2025 that now onwards I shall be known as **MD TABREZ RASOOL** for all future purposes.

**AFFIDAVIT**

I, Smita Subhadarshini, W/o- Himansu Sekhar Pradhan, resident of At/Po- Mahipur, Dist- Nayagarh, PIN- 752094, Odisha declared by this affidavit No. 1119, dtd- 03/06/2025 that now onwards I shall be known as **SMITA SUBHADARSINI** for all future purposes.

**DOCUMENT LOST**

I, **Susama Sahoo,** W/o- Niranjan Sahoo, resident of Laxmisagar Upper Sahi, Po- Budheswari, Ps- Laxmisagar, Bhubaneswar- 751006, Dist- Khurda, Odisha do hereby declare that, Original ROR having Khata No. 1593/1256, Plot No. 1182/4899, Mouza Bhubaneswar Sahar, Unit No. 30, Laxmisagar-1, Area Ac0.023 decimal, Kissam Gharabari-2 have been lost on 25.05.2025 in somewhere at Laxmisagar Area. If anyone finds it kindly contact to my number: 9438670857.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

**Contact**
**GADHWAL GROUP**
**Mob.: 9437015112**

**NOTICE**

By virtue of an affidavit sworn before the Notary Public, Cuttack, dated 02.06.2025, I, Sumita Jena W/o- Pradip Kumar Jena, resident of At- Balia, P.O.- Taria, PS- Ranapur, Dist- Nayagarh, Odisha, Pin- 752026 have changed my son's name from Peasants Jena to Prasanta Jena. Henceforth, he shall be known as Prasanta Jena for all purposes.

**(Sumita Jena)**

**AFFIDAVIT**

I, Smita Subhadarshini Pradhan, W/o- Himansu Sekhar Pradhan, resident of At/Po- Mahipur, Dist- Nayagarh, PIN-752094, Odisha declared by this affidavit No. 1118, dtd- 03/06/2025 that now onwards I shall be known as **SMITA SUBHADARSINI** for all future purposes.

**AFFIDAVIT**

I, Abdur Raheman Mohammad, aged about 64 years, S/o- Mohammed Alay Rarsool, resident of At/Po- Praharajpur, Ps- Kishannagar, Dist- Cuttack, PIN- 754130, Odisha declared by -this affidavit No. 480, dtd- 02/06/2025 that now onwards I shall be known as **MOHAMMED ABDUR RAHEMAN** for all future purposes.

**AFFIDAVIT**

In the Court of Executive Magistrate, Gaisilat. I, **Padmanabha Bhue,** S/o- Bhotdeb Bhue, R/o. At Buromunda, Po/Ps- Gaisilat, Dist- Bargarh solemnly affirm and state as follows, my former name is **Karameswar Bhue** but my assumed name is **Padmanabha Bhue.** I request all person at all time to designate and address me and my wife / husband, children, remoter issue by such assumed name of **Padmanabha Bhue.**

**Padmanabha Bhue**

**AFFIDAVIT**

I, Taranam Begam, W/o- Taj Mahamada, resident of At- Kumbharpar, PO- Raighar, Dist- Nabarangapur, PIN- 764074, Odisha declared by this affidavit No. 1120, dtd- 03/06/2025 that now onwards I shall be known as **RAHINUM BEGAM** for all future purposes.

**NOTICE (FOR MINOR)**

By virtue of an affidavit sworn before the Court of Sri S.K. Nayak, Executive Magistrate, Dhenkanal dated 04-06-2025, I, Chandrakant Sahoo, S/o. Maguni Sahoo, Village- Gopinathpur, P.O. Singhanath Pith, P.S. Badamba, Dist. Cuttack, PIN-754031 declare that I have changed the name of my son from Chiranjib Arya to Chiranjib Sahoo. Henceforth, he shall be known as Chiranjib Sahoo for all purposes.

**(Chandrakant Sahoo)**

ସକାଳ
THE SAKALA



## ମୁଖ୍ୟମନ୍ତ୍ରୀଙ୍କ ଢେଙ୍କାନାଳ ଗସ୍ତ

# ୩୦୮ କୋଟିର ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ





ଢେଙ୍କାନାଳ, ୪।୬(ସମିସ)

ସ୍ଥାନୀୟ ପଲ୍ଲିଶ୍ରୀ ମେଳା ପଡ଼ିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାୟ ୩୦୮ କୋଟି ଟଙ୍କାର ପ୍ରକଳ୍ପ ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏଥିସହ ୫୦ ହଜାର କୋଟି ଊର୍ଦ୍ଧ୍ୱ ଟଙ୍କାରେ ପ୍ରତିଷ୍ଠା ହେବାକୁ ଥିବା ୪ଟି ବୃହତ୍ ଶିଳ୍ପସଂସ୍ଥାର ଶିଳାନ୍ୟାସ କରିଛନ୍ତି। ୧୮୮ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ପ୍ରାୟ ୧୨୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ଏକ ସାଧାରଣ ସଭାରେ ଉଦବୋଧନ ଦେଇ କହିଲେ, ଢେଙ୍କାନାଳରେ ୫୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗରେ ହେବାକୁ ଥିବା ଶିଳ୍ପ ପ୍ରକଳ୍ପ ଓଡ଼ିଶାର ବିକାଶଧାରାରେ ଆଉ ଏକ ଫର୍ଦ୍ଦ ଯୋଡ଼ିଦେଇଛି। ଏହି ଶିଳ୍ପ ମଧ୍ୟରୁ ୩୦ ହଜାର କୋଟି ଟଙ୍କା ବ୍ୟୟରେ କେବଳ ସୌରଶକ୍ତି ଶିଳ୍ପ ସମ୍ବଳିତ ପ୍ରକଳ୍ପ ରହିଛି। ଢେଙ୍କାନାଳ ଜିଲ୍ଲାକୁ ଓଡ଼ିଶାର ସୌରଶକ୍ତି ସମୃଦ୍ଧ ଓ ରାଜ୍ୟର ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିତ କରିବା ହେଉଛି ଆମ ଲକ୍ଷ୍ୟ। ସୌରଶକ୍ତିକୁ ଆମେ କେବଳ ଆମ ରାଜ୍ୟର ନୁହେଁ ବରଂ ସମଗ୍ର ଦେଶର ପ୍ରମୁଖ ଶକ୍ତି ଭାବେ ବ୍ୟବହାର କରିବା। ଏହି ଶିଳ୍ପଗୁଡ଼ିକ ପ୍ରତିଷ୍ଠା ହେଲେ ପ୍ରାୟ ୨୬୪୦୦ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଶିଳ୍ପ ଆମ ଉତ୍କର୍ଷ ଓଡ଼ିଶା-ମେକ ଇନ ଓଡ଼ିଶା କନକ୍ଲେଭ କାର୍ଯ୍ୟକ୍ରମର ସଫଳତା। ଜିଲ୍ଲାର ବରପୁତ୍ର ସହିଦ ବାଜି ରାଉତଙ୍କ ସ୍ମୃତିରେ ବନମାଳୀପ୍ରସାଦ ଅଞ୍ଚଳରେ ପ୍ରାୟ ୧୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ଫୁଟବଲ ପଡ଼ିଆ, ସିନ୍ଥେଟିକ ଆଥଲେଟିକ ଟ୍ରାକ୍, ହକି ଟ୍ରେନିଂ ସେଣ୍ଟର,

- ୧୨୦ କୋଟିରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ୪ ବୃହତ୍ ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ବିନିଯୋଗ ହେବ ୫୦ ହଜାର କୋଟି
- ୩୦ ହଜାର କୋଟି ଟଙ୍କା ବ୍ୟୟରେ ହେବ ସୌର ଶକ୍ତି ଶିଳ୍ପ ସମ୍ବଳିତ ପ୍ରକଳ୍ପ

ଇନ୍‌ଡୋର ଷ୍ଟାଡିଅମ, ସୁଇମିଂ ପୁଲ୍, ୧୦୦ ଶଯ୍ୟା ବିଶିଷ୍ଟ କ୍ରୀଡ଼ା ଛାତ୍ରାବାସ ଇତ୍ୟାଦି ବିକଶିତ କରାଯିବ। ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଯୁବପିଢ଼ିଙ୍କ କ୍ରୀଡ଼ା ପ୍ରତି ଥିବା ଉଚ୍ଚ ଆଶାକୁ ଆହୁରି ଆଗକୁ ନେଇଯିବ। କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ଅର୍ଥାତ ଯୁବଶକ୍ତିର ଉତ୍ଥାନ। ଯୁବ ସମାଜ ହେଉଛନ୍ତି ଭବିଷ୍ୟତର ଦେଶ ନିର୍ମାତା। ତେବେ ସେମାନଙ୍କର ସବୁଠାରୁ ବଡ଼ ସମସ୍ୟା ହେଉଛି ରୋଜଗାର। ସରକାର ଏଥିପାଇଁ ଚିନ୍ତିତ ଅଛନ୍ତି ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଆମେ ପ୍ରଥମ ବର୍ଷରେ ଖାଲିଥିବା ୨୭ ହଜାର ସରକାରୀ ପଦ ପୂରଣ କରିଛୁ। ଚଳିତ ବର୍ଷ ୪୦ ହଜାର ପଦ ପୂରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗତ କ୍ୟାବିନେଟ ବୈଠକରେ ଚାକିରି ପାଇଁ ଆବେଦନ କରିବାର ସର୍ବୋଚ୍ଚ ବୟସ ସୀମାକୁ ୪୨ ବର୍ଷକୁ ବୃଦ୍ଧି କରାଯାଇ ରାଜ୍ୟର ଚାକିରି ଆଶାୟୀଙ୍କ ଦୀର୍ଘଦିନର ଦାବି ପୂରଣ କରାଯାଇଛି। ଏହା ଯୁବବର୍ଗଙ୍କୁ ସରକାରୀ ଚାକିରିରେ ପ୍ରତିଯୋଗିତା କରିବାକୁ ଅଧିକ ସୁଯୋଗ ଦେବ। ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୨୦୨୪ ଜୁନ ୧୨ରେ ମୂଳଦୁଆ ପଡ଼ିସାରିଛି। ଏବେ ଏହି ଭିତ୍ତିଭୂମି ଉପରେ ନିର୍ମାଣ ହେଉଛି ନୂତନ ଓଡ଼ିଶା, ସମୃଦ୍ଧ ଓଡ଼ିଶା। ଏଥିପାଇଁ ପ୍ରତି ଜିଲ୍ଲାକୁ ବି ସମୃଦ୍ଧ ହେବାକୁ ପଡ଼ିବ। ଆଜିର



ପ୍ରକଳ୍ପ ସବୁ ଢେଙ୍କାନାଳ ଜିଲ୍ଲାକୁ ସମୃଦ୍ଧ କରିବାକୁ ଉଦ୍ଦିଷ୍ଟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ଯେ ସାରା ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ୬ ମାସ ମଧ୍ୟରେ ଆଜି ଆମେ ଦେଖି ପାରୁଛୁ। ଆଗକୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆମେ ଶିଳ୍ପ ମାଧ୍ୟମରେ ରୋଜଗାର ବଢ଼ାଇବୁ ବୋଲି ସେ କହିଥିଲେ। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ ଗଣତନ୍ତ୍ରରେ ସବୁଠାରୁ ବଡ଼ କଥା ହେଉଛି ଲୋକଙ୍କ ଭରସାକୁ ଅକ୍ଷୁଣ୍ଣ ରଖିବା। ଏହି ଭାବନାକୁ ମନରେ ରଖି ପ୍ରଥମ ଦିନରୁ ହିଁ ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ପାଇଁ ପଦକ୍ଷେପ ନେଇଥିଲୁ। ପ୍ରତ୍ୟେକ ମୁହୂର୍ତ୍ତରେ ଲୋକଙ୍କ ପାଇଁ ସମର୍ପିତ ଆମ ସରକାର ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ରୁଦ୍ରନାରାୟଣ ପାଣି, କାମାକ୍ଷାନଗର ବିଧାୟକ, ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ପ୍ରମୁଖ ମାଞ୍ଚାସୀନ ଥିଲେ। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରମେଶ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତବେଳେ କଂଗ୍ରେସର ବିରୋଧ ପ୍ରଦର୍ଶନ

ଢେଙ୍କାନାଳ, ୪।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାଜ୍ୟରେ ଶାସନ ଭାର ଗ୍ରହଣ କରିବାର ୧ବର୍ଷ ପୂର୍ତ୍ତିର୍ ହେବାକୁ ଯାଉଥିବା ବେଳେ ଜିଲ୍ଲା ଗସ୍ତ କରି ନିଜ ସରକାରର ସଫଳତାର ଗାନ କରିବାକୁ କଂଗ୍ରେସ ସମାଲୋଚନା କରିଛି। ମୁଖ୍ୟମନ୍ତ୍ରୀ ବୁଧବାର ଢେଙ୍କାନାଳ ଜିଲ୍ଲା ଗସ୍ତ କରିଥିବା ବେଳେ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ଦାଶଙ୍କ ନେତୃତ୍ୱରେ ଦଳର କାର୍ଯ୍ୟକର୍ତ୍ତା ମହିଷାପାଟ ନିକଟ ପ୍ରଦର୍ଶନୀ ପଡ଼ିଆଠାରେ ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳ ବାହାରେ ବିରୋଧ ପ୍ରଦର୍ଶନ କରିଥିଲେ। ବିକ୍ଷୋଭକାରୀଙ୍କୁ ଟାଉନ୍ ଥାନା ପୁଲିସ ଗିରଫ କରି ଥାନାରେ ଅଟକ ରଖିଥିଲା।

ଜିଲ୍ଲା କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୬ଟି ପ୍ରଶ୍ନ ପଚରାଯାଇ ଏହାର ସମାଧାନ ନିମନ୍ତେ ଦାବି କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସିଏଚସି ପର୍ଯ୍ୟନ୍ତ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ପଦବୀ ୭୦ ପ୍ରତିଶତ ଖାଲି ରହିଛି। ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ୍ୟ ସମାନ ଅବସ୍ଥା। ପ୍ରାଇମେରୀ ସ୍କୁଲ୍‌ରୁ କଲେଜ ପର୍ଯ୍ୟନ୍ତ ଶିକ୍ଷକ, କର୍ମଚାରୀ ଅଭାବ। ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବା ଗୃହ ବିଭାଗ ଅର୍ଥାତ୍ ପୁଲିସ ବିଭାଗ ଆଇନଶୃଙ୍ଖଳା ରକ୍ଷା, ନାରୀ ନିର୍ଯାତନା, ଅପହରଣ ଏବଂ ଅନ୍ୟାନ୍ୟ ଅପରାଧ ଉପରେ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। ବେକାରୀ ସମସ୍ୟା ସମାଧାନ କରିବାରେ ମାଝି ସରକାର ବିଫଳ ହୋଇଛନ୍ତି। ସ୍ଥାନୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ନିଯୁକ୍ତି ସମୟରେ ଜିଲ୍ଲାର ଯୁବକ ଯୁବତୀଙ୍କ ନିମନ୍ତେ ୭୦ ପ୍ରତିଶତ ସ୍ଥାନ ସଂରକ୍ଷଣ ନିମନ୍ତେ କଂଗ୍ରେସ ଦାବି କରିଛି। ଚାଷଜମିକୁ ଜଳସେଚନ ନିମନ୍ତେ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ମଧ୍ୟ ଦାବି କରାଯାଇଛି। ବିକ୍ଷୋଭରେ ଜିଲ୍ଲା ସଭାପତି ଦାଶଙ୍କ ସମେତ ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ବରିଷ୍ଠ ନେତା ଡାକ୍ତର ତୁଷାରକାନ୍ତି ନାୟକ, ବିପ୍ରବର ସାହୁ, ବିନୟ ସାହୁ, ଜିତେନ୍ଦ୍ର ସାହୁ, ଜାଭିର ବକ୍ସ, ବେଣୁଧର ସାହୁ, ସୁଶାନ୍ତ କୁମାର ଧଳ, ଗୋବର୍ଦ୍ଧନ ସିଂ, ବନମାଳୀ ଦାସ, ସରୋଜ ଶତପଥୀ, ସଂଗ୍ରାମ କିଶୋର ଦାସ, ରବିନାରାୟଣ ପରିଡ଼ା, ସଞ୍ଜୟ ମହାନ୍ତି, ଆକୁଳ ସାହୁ, ପ୍ରଜ୍ଞା ବାରିକ ପ୍ରମୁଖ ସାମିଲ ହୋଇ ଗିରଫ ହୋଇଥିଲେ। ତେବେ ସନ୍ଧ୍ୟାରେ ବ୍ୟକ୍ତିଗତ ମୁଚାଲିକାରେ ସମସ୍ତଙ୍କୁ ଛାଡ଼ି ଦିଆଯାଇଛି।



# ବାରମ୍ବାର ବିଦ୍ୟୁତ୍ କାଟ୍ ନେଇ ଶକ୍ତିମନ୍ତ୍ରୀଙ୍କୁ ଅଭିଯୋଗ

ହିନ୍ଦୋଳ, ୪।୬(ସମିସ): ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ବିଦ୍ୟୁତ୍ ସବ୍‌ଷ୍ଟେସନ୍ ଅଧୀନରେ ଥିବା ୧୧ ପଞ୍ଚାୟତର ପ୍ରାୟ ୭୦ ଗ୍ରାମକୁ ଟାଟା ପାୱାର ଦ୍ୱାରା ବିଦ୍ୟୁତ୍ ବିତରଣ କରାଯାଉଛି। ଏହି ସବ୍‌ଷ୍ଟେସନ୍‌ରେ ଦିନରାତି ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁଁ ଉପଭୋକ୍ତାମାନେ ହନ୍ତସନ୍ତ ହେଉଛନ୍ତି। ଏହାର ପ୍ରତିବାଦରେ ଆଞ୍ଚଳିକ ଉନ୍ନୟନ ମହାସଂଘ ଓ ଉପଭୋକ୍ତା ମିଳିତ ଭାବେ ଶକ୍ତିମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି।

ଗୋଟିଏ ଗ୍ରାମରେ ବିଦ୍ୟୁତ୍ ଜନିତ ଅସୁବିଧା ହେଲେ ସେହି ଅଞ୍ଚଳର ଏବି ସୁଇଚରୁ ବିଜୁଳି କାଟି ମରାମତି କରିବାକୁ ବ୍ୟବସ୍ଥା ଥିଲେ ମଧ୍ୟ ସମସ୍ତ ୭୦ ଗ୍ରାମର ବିଜୁଳି କାଟି ଅନ୍ଧାରରେ ରଖି ଉପଭୋକ୍ତାମାନଙ୍କୁ ସେବାରୁ ବଞ୍ଚିତ କରାଯାଉଛି ଯାହା କି ବିଭାଗର ଏହା ନିତିଦିନିଆ କାର୍ଯ୍ୟରେ ପରିଣତ ହେଇଥିବା ଅଭିଯୋଗ ହୋଇଛି। ସେହିପରି ତଳ ସ୍ତରର କର୍ମଚାରୀଙ୍କୁ ମରାମତି କରିବାକୁ ଆବଶ୍ୟକ ଯନ୍ତ୍ରାଂଶ ଯୋଗାଇ ଦିଆଯାଉଛି କି ନାହିଁ ତାହା ତଦନ୍ତ ସାପେକ୍ଷ। ଯଦି ଦିଆଯାଉଛି ତେବେ କାହିଁକି ମରାମତି ହେଉନାହିଁ ବୋଲି ପ୍ରଶ୍ନ ଉଠିଛି। ବିଦ୍ୟୁତ୍ ବିଭାଗର ଏଭଳି ଖାମଖିଆଲି ମନୋଭାବ ଯୋଗୁଁ ୭୦ ଗ୍ରାମର ଜନସାଧାରଣ ଅସୁବିଧା ଭୋଗୁଛନ୍ତି। ଏଥିରେ ଅତିଷ୍ଠ ହୋଇ ଶକ୍ତିମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଆଞ୍ଚଳିକ ଉନ୍ନୟନ ମହାସଂଘ ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ସମ୍ପାଦକ ଯଶୋବନ୍ତ ରଣଜିତ୍ ରାୟଙ୍କ ସମେତ ନିମବାହାଳି, ଖଡ଼ଗପ୍ରସାଦ, ମୋଟଙ୍ଗା, ରଞ୍ଜାସିହା, ନଗାରୀ, ଝାରବନ୍ଧ, ବେରୁଆପାଳ, ଗାଲପଡ଼ା, ଭାନୁପଡ଼ା ଆଦି ଗ୍ରାମର ଉପଭୋକ୍ତାମାନେ ଦସ୍ତଖତ କରିଛନ୍ତି। ଆଗାମୀ ଦିନରେ ବିଭାଗୀୟ ମନ୍ତ୍ରୀ ଏହି ୭୦ ଗ୍ରାମର ଉପଭୋକ୍ତାଙ୍କୁ ନ୍ୟାୟ ଦେବାରେ କେତେ ତତ୍ପର ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ନବନିର୍ମାଣ କୃଷକ ସଂଗଠନ ଜିଲ୍ଲା ପ୍ରଭାରୀ ଗିରଫ

ଢେଙ୍କାନାଳ, ୪।୬(ସମିସ): ଦୀର୍ଘଦିନ ଧରି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚାଷୀଙ୍କ ହିତରେ ହେଉଥିବା ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ସରକାର ସବୁବେଳେ ଦମନ କରି ଆସିଛନ୍ତି। ଏହାକୁ ନେଇ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାଇସ୍, ପ୍ରେଷ୍ଟିଜ୍, ପେନସନ ସମେତ ଅନ୍ୟାନ୍ୟ ବହୁ ଦାବି ନେଇ ନବନିର୍ମାଣ କୃଷକ ସଂଗଠନ ବହୁବାର ରାଜଧାନୀରେ ସ୍ୱର ଉତ୍ତୋଳନ କରିବା ପରେ ମଧ୍ୟ ସରକାର ସବୁବେଳେ ଚାଷୀଙ୍କୁ ବେଖାତିର କରି ଆସିଛନ୍ତି। ବୁଧବାର ଢେଙ୍କାନାଳ ଜିଲ୍ଲା ମହିଷାପାଟରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ସମାବେଶରେ ସଂଗଠନ ପକ୍ଷରୁ ବାଧା ସୃଷ୍ଟି କରିବା ଆଶଙ୍କାରେ ଜିଲ୍ଲା ପୁଲିସ ପ୍ରଶାସନ ଅଧିକାରୀଙ୍କ ସହ ୩୦ ପୁଲିସ କର୍ମଚାରୀ ସକାଳ ୬ଟାରେ ସଂଗଠନର ଜିଲ୍ଲା ପ୍ରଭାରୀ ଅଶ୍ୱିନୀ କୁମାରଙ୍କ ବାସଭବନରୁ ତାଙ୍କୁ ଉଠାଇ ନେଇ ଅଟକ ରଖିଛନ୍ତି। ତାଙ୍କ ଘରେ ଜଣେ ଗର୍ଭବତୀ ମହିଳା ଏକାକୀ ଥିବା ଜାଣି ମଧ୍ୟ ପୁଲିସ ପ୍ରଶାସନ ଜୋର ଜବରଦସ୍ତି ଅଶ୍ୱିନୀଙ୍କ ମୋବାଇଲ ଛଡ଼ାଇ ନେଇଥିଲେ। ସେହିପରି ଚାଷୀ ନେତା ସୁଧାକର ପରିଡ଼ାଙ୍କୁ ମଧ୍ୟ ପୁଲିସ ପ୍ରଶାସନ ଚା' ଖଟିରୁ ଗିରଫ କରିଛି। ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ନାହିଁ ନାହିଁରେ ଚାଲିଛି ଅବକାରୀ ବିଭାଗ

ହିନ୍ଦୋଳ, ୪।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଦିନକୁ ଦିନ ବୃଦ୍ଧି ପାଉଛି ମଦ ମାଫିଆଙ୍କ ଉପଦ୍ରବ। କିନ୍ତୁ ସବୁଜାଣି ନିଦାବିଷ୍ଟ ସାଜିଛି ହିନ୍ଦୋଳ ଅବକାରୀ ବିଭାଗ। ସ୍କୁଲଠାରୁ ଡାକ୍ତରଖାନା ପର୍ଯ୍ୟନ୍ତ ଚାଲିଛି ଖୁଲମଖୁଲା ମଦ କାରବାର। ଗଞ୍ଜେଇ ହେଉକି ଧଳାଜହର ଛକ ଛକରେ ଗାଁ ଗହଳିରେ ଏବଂ ସବୁଠି ଚାଲିଛି ମାଦକଦ୍ରବ୍ୟ ବେପାର। ତେବେ ଅବକାରୀ ବିଭାଗ ପାଖରେ ସୂଚନା ଥିଲେ ମଧ୍ୟ ଜାଣିଶୁଣି କର୍ମଚାରୀ ଅଭାବ ଦର୍ଶାଇ ମାଫିଆଙ୍କୁ ପରୋକ୍ଷରେ ଘଣ୍ଟ ଘୋଡ଼ାଉଥିବା ଆଲୋଚନା ହେଉଛି। ଅଧିକାଂଶ ଦିନ ହିନ୍ଦୋଳ ଅବକାରୀ ବିଭାଗ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ବେଳେ ଏଠାରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଦେଖାଦର୍ଶନ ମିଳେ ନାହିଁ। ହିନ୍ଦୋଳ ଉପଖଣ୍ଡରେ ଦିନକୁ ଦିନ ମଦ ମାଫିଆ ସମେତ ଅନ୍ୟ ମାଦକଦ୍ରବ୍ୟ ବେପାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ସହ ବିଭିନ୍ନ ଅଘଟଣ ବୃଦ୍ଧି ପାଉଥିବାବେଳେ ଅବକାରୀ ବିଭାଗ ସ୍ଥାଣୁ ପାଲଟିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଛାଟିଆରେ ଆଇନକ୍ସ ଜିଏଫଏଲ ସୋଲାର କମ୍ପାନୀର ଭୂମିପୂଜନ




ଢେଙ୍କାନାଳ, ୪।୬(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନେଉଳପୋଇ ପଞ୍ଚାୟତ ଛାଟିଆ ଗ୍ରାମରେ ବୁଧବାର ଆଇନକ୍ସ ଜିଏଫଏଲ ସୋଲାର କମ୍ପାନୀର ଛାଟିଆ-ନେଉଳପୋଇ ସୋଲାର ପ୍ରକଳ୍ପର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଢେଙ୍କାନାଳରୁ ଆଭାସୀ ମାଧ୍ୟମରେ ଏହି ପ୍ରକଳ୍ପର ଭୂମିପୂଜନ କରିଛନ୍ତି। କାର୍ଯ୍ୟକ୍ରମରେ ସାଂସଦ ରୁଦ୍ରନାରାୟଣ ପାଣି, ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ଯୋଗାଣ ମନ୍ତ୍ରୀ ତଥା ଢେଙ୍କାନାଳ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ଜିଲ୍ଲାର ସମସ୍ତ ବିଧାୟକ ଯୋଗଦେଇଥିଲେ। ଛାଟିଆଠାରେ ଅନୁଷ୍ଠିତ ଭୂମିପୂଜନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ଆଇନକ୍ସ କମ୍ପାନୀ କର୍ମକର୍ତ୍ତା ଦେବାଂଶ ଜୈନ, କୈଳାସ ତାରାଚନ୍ଦାନୀ, ସନ୍ତୋଷ ଖୈରନାର, ଦେବେଶ ଶର୍ମା, ବୈଳେନ୍ଦ୍ର ଟଣ୍ଡନ ପ୍ରମୁଖ ପୂର୍ବାହ୍ନରେ ଯୋଗଦେଇ ପ୍ରକଳ୍ପ ସ୍ଥଳ ବୁଲି ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନ ୪ଟାରେ ଛାଟିଆ ଗ୍ରାମ ପ୍ରକଳ୍ପସ୍ଥଳରେ ଏକ ସାଧାରଣ ସଭା ନେଉଳପୋଇ ସରପଞ୍ଚ ଅନୁସୂୟା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ମୁଖ୍ୟବକ୍ତା ଭାବେ ପୂର୍ବତନ ଢେଙ୍କାନାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ସମ୍ମାନିତ ଅତିଥି ଭାବେ ଆଇନକ୍ସ ଜିଏଫଏଲ ସୋଲାର କମ୍ପାନୀର ବରିଷ୍ଠ ସାଧାରଣ ପରିଚାଳକ ନୀରଜ କୁମାର ସିହ୍ନା, ଛାଟିଆ-ନେଉଳପୋଇ ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ସିଙ୍ଗ ପ୍ରମୁଖ ଯୋଗଦେଇ କମ୍ପାନୀର କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଅଞ୍ଚଳର ବିକାଶ ହେବା ସହ ପ୍ରଧାନମନ୍ତ୍ରୀଙ୍କ ମେକ୍ ଇନ୍ ଇଣ୍ଡିଆ ଓ ମୁଖ୍ୟମନ୍ତ୍ରଙ୍କ ଉତ୍କର୍ଷ ଓଡ଼ିଶା ଲକ୍ଷ୍ୟ ସଫଳ ହେବ ବୋଲି ଅତିଥିମାନେ କହିଥିଲେ। ସାମ୍ବାଦିକ ଆନନ୍ଦଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦଘାଟନୀ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ଆଇନକ୍ସ ଜିଏଫଏଲ ସୋଲାର କମ୍ପାନୀ ଛାଟିଆ-ନେଉଳପୋଇ ପ୍ରକଳ୍ପ ପ୍ରଥମ ପର୍ଯ୍ୟାୟରେ ୪୦୦୦ କୋଟି ନିବେଶ କରିବା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କୁଶଳୀ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ଶ୍ରେଣୀର ୩୪୦୦ ଶ୍ରମିକ ଏଥିରେ ନିଯୁକ୍ତି ପାଇବେ। ବର୍ତ୍ତମାନ କମ୍ପାନୀ ୭୧ ଏକର ଜାଗାରେ ଏହି ପ୍ରକଳ୍ପ ଆରମ୍ଭ କରିଛି। ଖୁବଶୀଘ୍ର ଆଉ ୫୦ ଏକର ଜାଗା ଅଧିଗ୍ରହଣ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ୧୮ ମାସ ମଧ୍ୟରେ କମ୍ପାନୀର ଭିତ୍ତିଭୂମି ନିର୍ମାଣ ଶେଷ ହେବ। ଆସନ୍ତା ରଜ ଉତ୍ସବ ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରକଳ୍ପ ମୁଖ୍ୟ ସିଙ୍ଗ କହିଛନ୍ତି। ଏଠାରେ ପରିବେଶ ଅନୁକୂଳ ସୋଲାର ସିଷ୍ଟମର ୪.୮ ଗିଗାୱାଟ ସୋଲାର ମଡ୍ୟୁଲ ଓ ୪.୮ ଗିଗାୱାଟର ଫଟୋ ଭୋଲ୍‌ଟେଇକ୍ ସେଲ ତିଆରି ହେବ।

■ ନିମ୍ନମାନର ଲାଇଟ ଯୋଗୁଁ ଫେଲ୍ ମାରିଛି ଆଲୋକୀକରଣ

# ଉଗ୍ରେଶ୍ୱର ଶିବମନ୍ଦିର ଅନ୍ଧାରରେ

ଖଜୁରିଆକଟା, ୪।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଚିଉଲପୁର ପଞ୍ଚାୟତ ଚିଉଲପୁରରେ ଥିବା ଉଗ୍ରେଶ୍ୱର ଶିବମନ୍ଦିର ସାରା ଓଡ଼ିଶାରେ ପ୍ରସିଦ୍ଧି ହାସଲ କରିଛି। ତେବେ କିଛିମାସ ହେବ ମନ୍ଦିରକୁ ଷ୍ଟ୍ରିଟଲାଇଟ ମାଧ୍ୟମରେ କରାଯାଇଥିବା ଆଲୋକୀକରଣ ବ୍ୟବସ୍ଥା ଫେଲ୍ ମାରିଛି। ଫଳରେ ମନ୍ଦିର ଅଞ୍ଚଳ ସମ୍ପୂର୍ଣ୍ଣ ଅନ୍ଧକାର ମଧ୍ୟରେ ଅଛି। ନିମ୍ନମାନର ଲାଇଟ ଲଗାଯାଇଥିବାରୁ ଖୁବ୍ କମ୍ ଦିନ ମଧ୍ୟରେ ସେଗୁଡ଼ିକ ଖରାପ ହୋଇଯାଇଛି। ବିଭିନ୍ନ ସ୍ଥାନରୁ ଆସୁଥିବା ପର୍ଯ୍ୟଟକ, ଶ୍ରଦ୍ଧାଳୁ ଅନ୍ଧକାର ପାଇଁ ଅସୁବିଧାରେ ପଡୁଛନ୍ତି। ଅନ୍ଧକାର ପାଇଁ ସନ୍ଧ୍ୟା ପରେ ଏହି ସ୍ଥାନ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ଏ ବିଷୟରେ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସେ ପାଣ୍ଠି ଅଭାବ ଅଛି କହି ଏହାକୁ ଅଣଦେଖା କରୁଛନ୍ତି। ସରକାର ଆଲୋକୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ହିନ୍ଦୋଳର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସିଦ୍ଧ ଶୈବପୀଠ ଦୀର୍ଘଦିନ ଧରି ଅନ୍ଧକାରରେ ରହିବା ପ୍ରଶାସନ ତଥା ସ୍ଥାନୀୟ ନେତାଙ୍କ ପାରିବାପଣିଆକୁ ପଦାରେ ପକାଇଛି। ତୁରନ୍ତ ପ୍ରଶାସନ ହସ୍ତକ୍ଷେପ କରି ଷ୍ଟ୍ରିଟଲାଇଟ ସଚଳ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜଳଛତ୍ରର ଘରୋଇ ବ୍ୟବହାର, ପ୍ରହସନ ପାଲଟିଛି ବ୍ୟବସ୍ଥା


ହିନ୍ଦୋଳ/ଖଜୁରିଆକଟା, ୪।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତ ବାହାଲୁଣ୍ଡା ଛକରେ ଖୋଲାଯାଇଥିବା ଜଳଛତ୍ର ପ୍ରହସନରେ ପରିଣତ ହୋଇଛି। ଏହି ଜଳଛତ୍ର କେନ୍ଦ୍ରକୁ କେତେକ ପ୍ରଭାବଶାଳୀ ଲୋକ ବ୍ୟକ୍ତିଗତ ବ୍ୟବହାର କରୁଥିବା ଜଣାପଡ଼ିଛି। ପ୍ରତିବର୍ଷ ଖରାଦିନ ଆସିଲେ ସରକାରଙ୍କ ତରଫରୁ ବାଟୋଇଙ୍କ ଶୋଷ ମେଣ୍ଟାଇବା ପାଇଁ ବିଭିନ୍ନ ଛକ ସ୍ଥାନରେ ଜଳଛତ୍ର ଖୋଲି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଥାଏ। ତେବେ ନୂଆବଗ ପଞ୍ଚାୟତରେ ଏହା ପ୍ରହସନ ପାଲଟିଛି। ପଞ୍ଚାୟତର ବାହାଲୁଣ୍ଡା ଛକରେ ବ୍ରାଇଟ ୱାଟର ସପ୍ଲାଇ ତରଫରୁ ୨ଟି ଥଣ୍ଡା ପାଣି ଜାର୍ ଯୋଗାଇ ଦିଆଯାଉଛି। ମାତ୍ର ବାଟୋଇଙ୍କ ପାଇଁ ଦିଆଯାଉଥିବା ଏହି ପାଣିକୁ କିଛି ରାଜନୈତିକ ଛତ୍ରଛାୟା ତଳେଥିବା ଅସାଧୁ ବ୍ୟକ୍ତି ବୋତଲରେ ଭରି ନିଜ ଘର ଓ ଦୋକାନକୁ ନେଇଯାଉଥିବା ନେଇ ଖୋଦ ପାଣି ଦେଉଥିବା ଏଜେନ୍ସି ପ୍ରକାଶ କରିଛି। ଫଳରେ ଏହି ଛକ ଉପରେ ନିର୍ଭର କରୁଥିବା ୩ ପଞ୍ଚାୟତର ବହୁ ଲୋକ ସାରାଦିନ ଖରାରେ ପାଣି ଟୋପେ ପାଇଁ ଡହଳବିକଳ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



## ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ବିତରଣ କେନ୍ଦ୍ରରେ ମିଳୁନି ଡାକ୍ତର ଲେଖୁଥିବା ଔଷଧ

ଢେଙ୍କାନାଳ, ୪।୬(ସମିସ)




ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଳ ମାଳ ଡାକ୍ତର ପଦବୀ ଖାଲିପଡ଼ିଥିବା ବେଳେ ଡାକ୍ତର ଯେଉଁ ଔଷଧ ଲେଖୁଛନ୍ତି ତାହା ଔଷଧ ବିତରଣ କେନ୍ଦ୍ରରେ ମିଳୁନାହିଁ। ଡାକ୍ତରମାନେ ବାହାରୁ ଔଷଧ ନ ଲେଖିବାକୁ ନିର୍ଦ୍ଦେଶ ଥିବା ବେଳେ ବିତରଣ କେନ୍ଦ୍ରରେ ଔଷଧ ନ ଥିବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଔଷଧ ବିତରଣ କେନ୍ଦ୍ରରେ କର୍ମଚାରୀମାନେ କେବଳ ମହିଳା କାଉଣ୍ଟରକୁ ଖୋଲି ଔଷଧ ବିତରଣ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ଜିଲ୍ଲାରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ୨ଟି ଉପଖଣ୍ଡ ଚିକିତ୍ସାଳୟ, ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୩୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୪ଟି ଅନ୍ୟାନ୍ୟ ଚିକିତ୍ସାଳୟ, ୧୬୭ଟି ସବଷ୍ଟେସନ ଏପରି ମୋଟ ୨୧୭ଟି ଚିକିତ୍ସାଳୟ ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୩ଶହ ଶଯ୍ୟା ରହିଛି। ତେବେ ଏଠାରେ ୧୩୦ରୁ ଅଧିକ ଡାକ୍ତର ପଦବୀ ଖାଲି ପଡ଼ିଛି। ପ୍ରତିଦିନ ହଜାର ହଜାର ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ଆଉଟଡୋରରେ ରୋଗୀ ଦେଖୁଥିବା ଡାକ୍ତରମାନେ ଯେଉଁ ଔଷଧ ଚିକିତ୍ସାଳୟରେ ଉପଲବ୍ଧ ତାହା ଲେଖୁଛନ୍ତି। କିନ୍ତୁ ରୋଗୀମାନେ ଔଷଧ ବିତରଣ କେନ୍ଦ୍ରକୁ ଯିବା ପରେ ଅନେକ ଔଷଧ ନ ଥିବା ଦେଖିବାକୁ ମିଳୁଛି। ଯେଉଁ ଔଷଧ ନାହିଁ ତାହାର ସବଷ୍ଟିଚ୍ୟୁଟ ପ୍ରଦାନ କରୁଥିବା ବେଳେ ରୋଗୀମାନଙ୍କୁ ଅନ୍ୟ ଔଷଧ ନାହିଁ ଆସିଲେ ନେବ ବୋଲି ବିତରଣ କେନ୍ଦ୍ର କର୍ମଚାରୀମାନେ କହୁଛନ୍ତି। ଔଷଧ ନ ଥିବା ବେଳେ ବିତରଣ କେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ପୁରୁଷ କାଉଣ୍ଟରକୁ ବନ୍ଦ କରି କେବଳ ମହିଳା କାଉଣ୍ଟର ଖୋଲାଯାଉଛି। ଗୋଟିଏ କାଉଣ୍ଟରରେ ପୁରୁଷ ଓ ମହିଳା ଏକାଠି ଯିବାକୁ ପଡୁଥିବାରୁ ଏହାକୁ ନେଇ ସେଠରେ ମହିଳାମାନେ ପ୍ରତିବାଦ କରିବା ସହ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଔଷଧ ନ ଥିବା ବେଳେ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖାଦେଇଛି।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୦୧୦ ମାର୍ଚ୍ଚ ୨୫ରେ ରାଜ୍ୟର ପ୍ରଥମ ଜନୌଷଧି କେନ୍ଦ୍ର ଖୋଲାଯାଇଥିଲା। ପ୍ରତ୍ୟେକ ଦିନ ଚିକିତ୍ସାଳୟକୁ ଆସୁଥିବା ଶହ ଶହ ରୋଗୀଙ୍କୁ କମ୍ ମୂଲ୍ୟରେ ଔଷଧ ଯୋଗାଇଦେବା ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗରେ ବିଭିନ୍ନ ଔଷଧ କମ୍ପାନୀ ସହି ବୁଝାମଣା କରାଯାଇ ଔଷଧ ଯୋଗାଣ ହେଉଥିଲା। ସେଥିମଧ୍ୟରୁ ହିନ୍ଦୁସ୍ଥାନ ଆଣ୍ଟିବାୟୋଟିକ୍, କର୍ଣ୍ଣାଟକ ଆଣ୍ଟିବାୟୋଟିକ୍, ବେଙ୍ଗଲ କେମିକାଲ୍ସ, ରାଜସ୍ଥାନ ଡ୍ରଗ୍ସ ପ୍ରାଇଭେଟ ଲିମିଟେଡ, ଇଣ୍ଡିଆନ ଡ୍ରଗ୍ସ ପ୍ରାଇଭେଟ ଲିମିଟେଡ୍ ପ୍ରମୁଖ କମ୍ପାନୀ ସରକାରଙ୍କ ସହ ଚୁକ୍ତି କରି ଔଷଧ ଯୋଗାଇଦେଉଥିଲେ। ବାର୍ଷିକ ପ୍ରାୟ ୨୫ ଲକ୍ଷ ଟଙ୍କାର କାରବାର ଲକ୍ଷ୍ୟ ରହିଥିବା ବେଳେ ୨୩୦ ମେଡିସିନ ମଧ୍ୟରୁ ମାତ୍ର ୮୬ଟି ଉପଲବ୍ଧ ହେଉଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ବହୁ ମେଡିସିନ ମିଳୁ ନ ଥିବା ଜଣାପଡ଼ିଛି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଜରାଜୀର୍ଣ୍ଣ ରାସ୍ତାର ମରାମତି ଆରମ୍ଭ

ଜଗତସିଂହପୁର,୪।୬(ସମିସ)



'ସକାଳ' ପ୍ରଭାବ

ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ଏବଂ କାର୍ଯ୍ୟାଳୟକୁ ସଂଲଗ୍ନ କରୁଥିବା ରାସ୍ତାର ଦୂରାବସ୍ଥା ବିଷୟରେ ଗତ ମେ' ୨୨ ତାରିଖରେ ଦୈନିକ 'ସକାଳ'ରେ ଫଟୋ ସହିତ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବୁଧବାର ଠାରୁ ଜଗତସିଂହପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ଉକ୍ତ ଜରାଜୀର୍ଣ୍ଣ ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଆଗକୁ ବର୍ଷାଦିନ ଆସୁଥିବାରୁ ରାସ୍ତାରେ ସୃଷ୍ଟି ହୋଇଥିବା ଛୋଟବଡ଼ ଗର୍ତ ସବୁକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ସମତୁଲ କରାଯାଇ ଗମନାଗମନ ଉପଯୋଗୀ କରାଯାଉଛି। ତେବେ ରାସ୍ତାର ନବୀକରଣ ପାଇଁ ବ୍ୟୟ ଅଟକଳ କରାଯାଇଛି ଏବଂ ଅର୍ଥ ମଞ୍ଜୁର ହେବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଦାୟିତ୍ୱରେ ଥିବା ଯନ୍ତ୍ରୀ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଜଗତସିଂହପୁର ମୁଖ୍ୟ ଡାକଘର ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଥିବା ରାସ୍ତାଟି ଏବେ ଗାଁ ଗୋହରୀରୁ ଅଧିକ ଜରାଜୀର୍ଣ୍ଣ ହୋଇପଡ଼ିଛି। ଯାହାଦ୍ୱାରା ପ୍ରତ୍ୟେକ କାର୍ଯ୍ୟଦିବସରେ ଶହଶହ ସଂଖ୍ୟାରେ ଜନସାଧାରଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବା ବେଳେ ରାସ୍ତା ଦୂରାବସ୍ଥାରୁ ହଇରାଣ ହେଉଛନ୍ତି। ଏବେ ଖରାଦିନ ଚାଲିଥିଲେ ମଧ୍ୟ ମଝିରେ ମଝିରେ ହେଉଥିବା ସ୍ୱଳ୍ପ ବର୍ଷାରେ ମଧ୍ୟ ଏହି ରାସ୍ତାରେ ପାଣି ଜମିରହି ଗମନାଗମନରେ ବାଧା ସୃଷ୍ଟି କରୁଛି। ରାସ୍ତା ସାରା ବଡ଼ବଡ଼ ଗର୍ତ ସୃଷ୍ଟି ହୋଇଥିବାରୁ ନିୟମିତ ଭାବେ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଥିବା ବିଷୟରେ 'ସକାଳ'ରେ ଖବର ପ୍ରକାଶିତ ହେବାପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ସାଧାରଣରେ ଆଲୋଚନା କରାଯାଉଛି।

# ଆଇସ୍ ଫ୍ୟାକ୍ଟ୍ରିରୁ ଆମୋନିଆ ଗ୍ୟାସ ଲିକ୍; ୪ ଅସୁସ୍ଥ

ପାରାଦୀପ,୪।୬(ସମିସ): ପାରାଦୀପ ଗଡ଼ ଇଣ୍ଡଷ୍ଟ୍ରିଆଲରେ ଥିବା ଏକ ଆଇସ୍ ଫ୍ୟାକ୍ଟ୍ରିରୁ ଆମୋନିଆ ଗ୍ୟାସ୍ ଲିକ୍ ହେବାରୁ ୪ଜଣ ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ଆମୋନିଆ ଗ୍ୟାସ୍ ଲିକ୍‌ର ପ୍ରଭାବରେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କର ଆଖି, ନାକ ପୋଡ଼ୁଥିବା ବେଳେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଥିଲେ। ସେହି ରାସ୍ତାଦେଇ ଯାଉଥିବା ଲୋକେ ଜୀବନ ବିକଳରେ ନାକରେ ଗାମୁଛା, ଲୁଗାଦେଇ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। କମ୍ପାନୀ ମଧ୍ୟରେ ଥିବା ଆମୋନିଆର ହୋସ୍ ପାଇପ୍ ଫାଟିଯିବାରୁ ଗ୍ୟାସ୍ ଲିକ୍ ହୋଇଥିବା ଜଣାପଡ଼ିଥିଲା। ଖବର ପାଇ କୁଜଙ୍ଗର ତିନିଟି ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ସମେତ ଇଫକୋ ଓ ପିପିଏଲ୍‌ର କାରଖାନାର ଦମକଳ ବାହିନୀର ଗାଡ଼ି ଏବଂ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ ଲିକ୍‌କୁ ନିୟନ୍ତ୍ରଣ କରିଥିଲେ। ମଙ୍ଗଳବାର ରାତିରେ ଆଇସ ଫ୍ୟାକ୍ଟ୍ରି ପକ୍ଷରୁ ୮ଟି ଆମୋନିଆ ଟାଙ୍କି ଅଣାଯାଇଥିଲା। ଟାଙ୍କିଗୁଡ଼ିକ ମଧ୍ୟରୁ ଗୋଟିଏ ଟାଙ୍କିର ହୋସ୍ ପାଇପ୍ ଫାଟି ଗ୍ୟାସ ଲିକ୍ ହୋଇଥିଲା। ଟାଙ୍କିକୁ ପାଣି ଖାଲରେ ପକାଇ ଜଳ ସିଞ୍ଚନ କରାଯାଇଥିଲା। ପରେ ଅନ୍ୟ ଏକ ଟାଙ୍କିରେ ପାଖାପାଖି ୮ ଇଞ୍ଚର ଫାଟ ହୋଇଥିବା ବେଳେ ତାହାର ଲିକେଜ୍‌କୁ ନିୟନ୍ତ୍ରଣ କରାଯାଇଥିଲା। କମ୍ପାନୀର ଆମୋନିଆ ଗ୍ୟାସ୍ ଟାଙ୍କି କମ୍ପାନୀ ପରିସରରେ ଥିବାବେଳେ ଏଭଳି ଟାଙ୍କି ଫାଟି ଗ୍ୟାସ୍ ଲିକ୍ ହୋଇଥିଲା। ଗ୍ୟାସ ଲିକ୍‌କୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଛି। ଘଟଣାସ୍ଥଳରେ ପାରାଦୀପ ଏଡିଏମ ନିରଞ୍ଜନ ବେହେରା, ଏଏସପି ସୁଚିରଞ୍ଜନ କର, ଲକ୍ଷ୍ମୀନା ଅଧିକାରୀ ରଶ୍ମିରଞ୍ଜନ ବେହେରା ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ଫ୍ୟାକ୍ଟ୍ରି ଆଣ୍ଡ ବ୍ୟଏଲର ବିଭାଗର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। କାରଣ ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକପ୍ରକାର ଆତଙ୍କ ଖେଳିଯାଇଥିଲା। ସାଧାରଣ ଲୋକେ ବେହୋସ ହୋଇପଡ଼ିଥିବା ବେଳେ ପାଣି ସିଞ୍ଚନ କରିବାରୁ ଆଶ୍ୱସ୍ତି ଲାଭ କରିଥିଲେ। ଗ୍ୟାସ୍ ଟାଙ୍କି କେମିତି ଫାଟିଲା, କାହିଁକି ଫାଟିଲା ଏବଂ ଫ୍ୟାକ୍ଟ୍ରିର କାଗଜପତ୍ର ଅଛି କି ନାହିଁ ସେନେଇ ବିଭାଗୀୟ ଅଧିକାରୀମାନେ ଖୋଳତାଡ଼ ଆରମ୍ଭ କରିଥିବା ଜଣାପଡ଼ିଛି।



# ସାମାଜିକ କର୍ମୀ ସୁରସେନ ସ୍ୱାଇଁଙ୍କ ସ୍ମୃତିଚାରଣ ସଭା



ଜଗତସିଂହପୁର,୪।୬(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଅଧୀନ ଏରଡ଼ଙ୍ଗା ପଞ୍ଚାୟତ ନାଲିବର ଗ୍ରାମର ସାମାଜିକ କର୍ମୀ ସୁରସେନ ସ୍ୱାଇଁଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସମାଜସେବୀ ସର୍ବଶ୍ରୀ ଦେବ ପ୍ରସାଦ ନାୟକ, ନାରାୟଣ ନାୟକ, ପ୍ରଦୀପ ସ୍ୱାଇଁ, କବି ରମାକାନ୍ତ ଦାସ, ପ୍ରଦୀପ ଦାସ ନାୟକ, ବୈକୁଣ୍ଠ ସାହୁ, ସମରେନ୍ଦ୍ର ମହାପାତ୍ର, ସୁଦାମ ବେହେରା, ପ୍ୟାରେଶ ପାତ୍ର, ବିଜୟ ରାଉତ, ହରିହର ମଲ୍ଲ, ପ୍ରଦୀପ୍ତ ମଲ୍ଲିକ, ବଟକୃଷ୍ଣ ସାମଲ, ବାବୁରଞ୍ଜନ ସ୍ୱାଇଁ ଓ ଶିଶିର ସାହୁ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ସ୍ୱାଇଁ ଜଣେ ସରଳ, କର୍ମଠ ଓ ସଚ୍ଚୋଟ ବ୍ୟକ୍ତିଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଏଭଳି ଜଣେ ବ୍ୟକ୍ତିଙ୍କ ଅକାଳ ମୃତ୍ୟୁକୁ ନେଇ ତାଙ୍କ ପଞ୍ଚାୟତ ତଥା ଗ୍ରାମବାସୀ ଶୋକପ୍ରକାଶ କରିବା ସହିତ ତାଙ୍କୁ ଏବଂ ତାଙ୍କ ଆଦର୍ଶକୁ ସ୍ମୃତିଚାରଣ ସଭାରେ ମନେ ପକାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରସେନଙ୍କ ପୁତ୍ର ବାପୁଜୀ, ଚନ୍ଦ୍ରଶେଖର, କନ୍ୟା ଶୁଭଶ୍ରୀ, ଅନିତା, ମମତା ଓ ପୁତ୍ରବଧୂ ରାନୀ ଉପସ୍ଥିତ ଥିଲେ।

# ମିଶନ ଶକ୍ତି ଆଡିସ୍‌ନାଲ ସେକ୍ରେଟାରୀଙ୍କ ରଘୁନାଥପୁର ବ୍ଲକ୍ ପରିଦର୍ଶନ



ରଘୁନାଥପୁର,୪।୬(ସମିସ): ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗର ଆଡିସ୍‌ନାଲ ସେକ୍ରେଟାରୀ ଡ. ଅବିନାଶ ରାଉତ ବୁଧବାର ରଘୁନାଥପୁର ବ୍ଲକ୍ ପରିଦର୍ଶନରେ ଆସି ମହିଳା ଉତ୍ପାଦକ ଗୋଷ୍ଠୀଙ୍କ ପକ୍ଷରୁ ପ୍ରସ୍ତୁତ ସାମଗ୍ରୀ ବୁଲି ଦେଖିଛନ୍ତି। ଏଥିସହ ସେମାନଙ୍କ କାର୍ଯ୍ୟଦକ୍ଷତାକୁ ପରଖିଥିଲେ। ଏହି ଅବସରରେ ଡ. ରାଉତ କୁଆମଙ୍ଗା ଅଗରବତୀ ମହିଳା ଉତ୍ପାଦକ ଗୋଷ୍ଠୀ, ପୂରଣଓଡ଼ପଡ଼ାସ୍ଥିତ ଅମୃତ ଡାଏରୀ ଓ ଜଇପୁର ବୟନ ଗ୍ରାମ (ଶ୍ରୀ ଶ୍ରୀ ପାର୍ବତୀ ତନ୍ତବାୟ ସହଯୋଗ ସମିତି)କୁ ଯାଇ ସେଠାରେ ପ୍ରସ୍ତୁତ ଉତ୍ପାଦନ ସାମଗ୍ରୀ ସମ୍ପର୍କରେ ଅବଗତ ହୋଇଥିଲେ। ମହିଳାମାନଙ୍କୁ କିପରି ଅଧିକରୁ ଅଧିକ ତାଲିମ ଦିଆଯାଇପାରିବ ସେ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଡ. ରାଉତ ବ୍ଲକ୍‌ରେ ପହଞ୍ଚିବା ପରେ ବିଡିଓ ବିରଞ୍ଚି ନାରାୟଣ ବେହେରା ସ୍ୱାଗତ ଜଣାଇ ଭିତରକୁ ପାଛୋଟି ନେଇଥିଲେ। ଗସ୍ତ ସମୟରେ ଡେପୁଟି ସିଇଓ ବିବେକ ରଞ୍ଜନ ବେହୁରିଆ, ମିଶନ ଶକ୍ତି ଡିପିସି ମୋନାଲିସା ଭଞ୍ଜ, ଡିପିଏମ ସୌମ୍ୟରଞ୍ଜନ ବିଶ୍ୱାଳ, ବିପିସି ଶଶାଙ୍କ ଶେଖର ସ୍ୱାଇଁ, ବିପିଏମ ଓଏଲଏମ ଲିପିକା ଷଡ଼ଙ୍ଗୀ ଓ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଅବନୀ ବରାଳଙ୍କ ଜୟନ୍ତୀ ପାଳିତ

ତିର୍ତ୍ତୋଲ,୪।୬(ସମିସ): ଓଡ଼ିଶାର ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ଓ ଶିକ୍ଷା ବ୍ୟବସ୍ଥାର ଯୁଗାନ୍ତକାରୀ ପରିବର୍ତ୍ତନର ମହାନାୟକ ଏବଂ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପ୍ରତିଷ୍ଠାତା ସମ୍ପାଦକ ତଥା ବିଶ୍ୱ ଶିକ୍ଷକ ସଂଘର ପୂର୍ବତନ ଉପସଭାପତି ଅବନୀ କୁମାର ବରାଳଙ୍କ ୯୧ତମ ଜୟନ୍ତୀ ତିର୍ତ୍ତୋଲ ବ୍ଲକ୍ ଶିକ୍ଷକ ମହାସଂଘ ପକ୍ଷରୁ ସାଇ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ରାଜ୍ୟ ଶିକ୍ଷକ ମହାସଂଘର ପରାମର୍ଶଦାତା ତଥା ବର୍ଷୀୟାନ ଶିକ୍ଷକ ନେତା ଅକ୍ଷୟ ଦାସଙ୍କ ସଭାପତିତ୍ୱରେ



ଜୟନ୍ତୀରେ ବେସରକାରୀ କଲେଜ ସଂଘ, ମାଧ୍ୟମିକ ଶିକ୍ଷକ ସଂଘ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଓ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା, ତିର୍ତ୍ତୋଲ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ କ୍ୟାପଟେନ ଜ୍ଞାନଜ ସାମନ୍ତରାୟ, ଅଧ୍ୟାପକ ଦୀପକ ସିଂ, ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ସମୀର ପଟ୍ଟନାୟକ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପୂର୍ବତନ ଜିଲ୍ଲା ସମ୍ପାଦକ ପବିତ୍ର କୁମାର କର, ପଣ୍ଡିତ ବାସବ ନନ୍ଦ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ପ୍ରାଥମିକ ଶିକ୍ଷକ ସଂଘ ସଂପାଦକ ଅକ୍ଷୟ ନାୟକ, ଦେବେନ୍ଦ୍ର ମହାନ୍ତି, ଝୁଲ ରାମ ଦାସ, ଧର୍ମାନନ୍ଦ ମଲ୍ଲିକ, ଜିତେନ୍ଦ୍ର ବେହେରା, ଅକ୍ଷୟ ସାହୁ, ବିଜୟ ସ୍ୱାଇଁ, ମନୋଜ ବେହେରା ଓ ବସନ୍ତ ବଳ ପ୍ରମୁଖ ଶିକ୍ଷକ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାପତିଙ୍କ ପରାମର୍ଶ କ୍ରମେ ଉପରୋକ୍ତ ସମସ୍ତ ଶିକ୍ଷକ ସଂଗଠନର କର୍ମକର୍ତ୍ତା ବ୍ଲକ୍‌ସ୍ତରରେ ମିଳିତ ସଂଗଠନ ଗଠନ ପାଇଁ ନିଷ୍ପତ୍ତି ନେଇଥିଲେ। ସଂଗଠନ ଶିକ୍ଷା, ଶିକ୍ଷାୟତନ ଓ ଶିକ୍ଷକ ମାନଙ୍କର ସମସ୍ୟା ସମାଧାନ ନିମନ୍ତେ ବଳିଷ୍ଠ ପଦକ୍ଷେପ ନେବ। ଏଥିସହ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ସମସ୍ତ ଅନ୍ୟାୟ ଓ ଅନୀତି ଦୂର କରିବା ଦିଗରେ ପ୍ରଥମ ପଦକ୍ଷେପ ଗହଣ କରିବ ବୋଲି ଶିକ୍ଷକ ସଂଗଠନର କର୍ମକର୍ତ୍ତା ସୂଚନା ଦେଇଥିଲେ।

# ଜନଶକ୍ତି ପାର୍ଟି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର,୪।୬(ସମିସ): ଜନଶକ୍ତି ପାର୍ଟି ତରଫରୁ ଜଗତସିଂହପୁର ସହରରେ ବିଭିନ୍ନ ଦାବି ଓ ସମସ୍ୟାକୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ମରୋଣତ୍ତର ଭାବେ ଭାରତରତ୍ନ ପ୍ରଦାନ କରିବାକୁ ଦାବି କରିଛି ଜନଶକ୍ତି ପାର୍ଟି। ସେହିପରି ରିଲିଫ୍ କୋର୍ଡରେ ସଂଶୋଧନ, ବକେୟା ବିଦ୍ୟୁତ୍ ବିଲ୍ ଛାଡ଼ କରିବା, ଉଚ୍ଚଶିକ୍ଷା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ସୁଧମୁକ୍ତ ଋଣ ପ୍ରଦାନ, ଚିଟ୍‌ଫଣ୍ଡ ଅର୍ଥ ଫେରସ୍ତର ବ୍ୟବସ୍ଥା କରିବା, ସମସ୍ତ କ୍ଷେତ୍ରରେ ସ୍ଥାୟୀ ନିଯୁକ୍ତି ଏବଂ ଚାଷୀଙ୍କ ପାଇଁ ପେନସନ ବ୍ୟବସ୍ଥା ଲାଗୁକରିବା ପ୍ରଭୃତି ଦାବିନେଇ ପାର୍ଟି ତରଫରୁ ଲୋକଙ୍କୁ ସଚେତନ କରାଯାଇଥିଲା। ଦଳର ମୁଖ୍ୟ ଆଇନଜୀବୀ ପ୍ରଦୀପ ଦାଶଙ୍କ ନେତୃତ୍ୱରେ ଆୟୋଜିତ ଏହିକାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଧନେଶ୍ୱର ଦାସ, ଯୁବ ସଭାପତି ମହାଦେବ ସେନା, ସୁବାଷ ସାହୁ, ଅଶୋକ ରାଉତ, ଗୌତମ ବେହେରା ଏବଂ ସେଖ୍ ଅମିରୁଦ୍ଦିନ ପ୍ରମୁଖ ସାମିଲ ହୋଇ ପୋଷ୍ଟର ଓ ଲିଫ୍‌ଲେଟ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଆଗାମୀ ଦିନରେ ମଧ୍ୟ ଏହିଭଳି କାର୍ଯ୍ୟକ୍ରମ ଜାରିରହିବ ବୋଲି ଜନଶକ୍ତି ପାର୍ଟିର ମୁଖ୍ୟ ପ୍ରଦୀପ ଦାଶ ସୂଚନା ଦେଇଛନ୍ତି।

# ଧାନକୁଦ ପୀଠରେ ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

## ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଧ୍ୟାନଦେବାକୁ ନିଷ୍ପତ୍ତି



ଜଗତସିଂହପୁର,୪।୬(ସମିସ): ଜଗତସିଂହପୁର ଜିଲ୍ଲାର ଅନ୍ୟତମ ଆଧ୍ୟାତ୍ମିକସ୍ଥଳୀ ହାଜିପୁରର ଧାନକୁଦ ପୀଠରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାନକୁଦ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ବିଭୁଦତ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଏବଂ ଠାକୁର ରାଜା ପ୍ରମୋଦ କୁମାର ନନ୍ଦୀଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ବ୍ଲକ୍ ଅଧ୍ୟକ୍ଷା ମମତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଦିପ୍ତିମୟୀ ରାୟ, ସଭ୍ୟ ଚନ୍ଦ୍ରଶେଖର ଦାଶ, ସରପଞ୍ଚ ଆରତୀ ଭୂୟାଁ, ମଣ୍ଡଳ ଉନ୍ନୟନ ଅଧିକାରୀ ଆୟୁଷୀ ପତି, ତହସିଲଦାର ସଞ୍ଜୟ ବେହେରା ଏବଂ ପିଠାଧୀସ ବାବା ଅରକ୍ଷିତ ଦାସ ପ୍ରମୁଖ ଯୋଗଦେଇ ଶାନ୍ତିଶୃଙ୍ଖଳାର ସହିତ ଗୁଣ୍ଡିଚା ଯାତ୍ରାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସେହିପରି ମୁଦିରସ୍ତ ବିଜୟ କୁମାର ମିଶ୍ର, କୋଠକରଣ ବାମଦେବ ସ୍ୱାଇଁ, ପାଟରାଜା ପ୍ରଭାତ ନନ୍ଦୀ ପ୍ରମୁଖ ଏଥିରେ ଯୋଗଦେଇ ଚଳିତ ବର୍ଷ ରଥଯାତ୍ରା କିପରି ଶୃଙ୍ଖଳିତ ତଥା ପରିମାର୍ଜିତ ଭାବେ ପାଳନ କରାଯାଇପାରିବ ସେ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷକରି ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ଏଠାରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଅଧିକ ଧ୍ୟାନ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବିରିଡ଼ି ଥାନା ଆଇଆଇସି ସବ୍ୟସାଚୀ ରାଉତ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଥିଲେ। ସେହିପରି ଖରା ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ସ୍ଥାନରେ ପାନୀୟ ଜଳର ସୁବ୍ୟବସ୍ଥା କରିବାକୁ ବିଭାଗୀୟ ଯନ୍ତ୍ରୀ ସ୍ୱାଗତିକା ସ୍ୱାଇଁଙ୍କୁ ପରାମର୍ଶ ଦିଆଯାଇଛି। ଏତ୍‌ଦବ୍ୟତିତ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ଏବଂ ସ୍ଥାନୀୟ ଜନପ୍ରତିନିଧି ତଥା ସାମାଜିକ କର୍ମୀମାନେ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ ଦିଆଯାଇଥିଲା। ସମ୍ପାଦକ ବିଭୂଦତ୍ତ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ସନ୍ତୋଷ ନାୟକ, ବୈଦନାଥ ଦାଶ, ଅକ୍ଷୟ ଭୂୟାଁ, ସନ୍ତୋଷ ମହାନ୍ତି, ବିଷ୍ଣୁଚରଣ ମିଶ୍ର, ଦ୍ୱାରିକା ନାଥ ସାହୁ, ଦେବେନ୍ଦ୍ର ଦାସ, ବାସୁଦେବ ବାହାଲିଆ, ଜମ୍ବେଶ୍ୱର ବେଉରିଆ, ଶିଶିର ମହାନ୍ତି, ଅଶୋକ ଜେନା, ପ୍ରଶାନ୍ତ ଭୂୟାଁ, ଦେବେନ୍ଦ୍ର ମହାନ୍ତିଙ୍କ ସମେତ ଅନ୍ୟ ସେବାୟତମାନେ ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

**ବିକଶିତ କୃଷି ସଂକଳ୍ପ ଅଭିଯାନର ପଞ୍ଚମ ଦିବସ**

# ବିରିଡ଼ି ବ୍ଲକ୍ ଅଞ୍ଚଳରେ କର୍ମଶାଳା



ଜଗତସିଂହପୁର,୪।୬(ସମିସ): କେନ୍ଦ୍ରୀୟ କୃଷି, କିଷାନ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଆହ୍ୱାନରେ ୨୯ ମେ'ରୁ ଦେଶବ୍ୟାପୀ "ବିକଶିତ କୃଷି ସଂକଳ୍ପ ଅଭିଯାନ' ଆରମ୍ଭ ହୋଇଛି। ଅଭିଯାନ ୧୨ ଜୁନ୍ ପର୍ଯ୍ୟନ୍ତ ଚାଲିବ ଏବଂ ଏଥିରେ କେନ୍ଦ୍ରୀୟ କୃଷି ମନ୍ତ୍ରାଳୟ, ରାଜ୍ୟ କୃଷି ବିଭାଗ ଓ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର) ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। କାର୍ଯ୍ୟକ୍ରମରେ ନୂତନ କୃଷି ପ୍ରଯୁକ୍ତି, ବିଭିନ୍ନ ସରକାରୀ ଯୋଜନା ଏବଂ ଉନ୍ନତ ବିହନ ଓ ରୋଗ ପ୍ରତିରୋଧ ବିଷୟରେ ଚାଷୀମାନଙ୍କୁ ସୂଚନା ଦିଆଯାଉଛି। କାର୍ଯ୍ୟକ୍ରମର ପଞ୍ଚମ ଦିନରେ ଜଗତସିଂହପୁର ଜିଲ୍ଲାର ବିରିଡ଼ି ବ୍ଲକ୍ ଅଧୀନ ମଙ୍ଗୁଳି, ବାଗଲପୁର, ଅଡଙ୍ଗଗଡ଼, ସଢ଼େଇ ଶାସନ, ଶଙ୍ଖପୁର, ଦରଡ଼ାଗ୍ରାମ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମଙ୍ଗୁଳୀ ପଞ୍ଚାୟତରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମମତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଦିପ୍ତିମୟୀ ରାୟ, ସରପଞ୍ଚ ନିରଞ୍ଜନ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃଷି ସଂକଳ୍ପ ଅଭିଯାନର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବୈଜ୍ଞାନିକମାନେ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ବିକଶିତ ହୋଇଥିବା ନୂତନ ଜ୍ଞାନକୌଶଳ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇବା ସହିତ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଖରିଫ ଋତୁର ବୁଣାବୁଣି ପୂର୍ବରୁ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଏଭଳି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶାବ୍ୟକ୍ତ କରାଯାଇଛି।

# ଗ୍ରାହକ କଲ୍ୟାଣ ପରିଷଦର ନୂତନ କର୍ମକର୍ତ୍ତା





ପାରାଦୀପ,୪।୬(ସମିସ): ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଜାତୀୟ ସଂଗଠନ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ଜାତୀୟ ମୁଖପାତ୍ର ଭାବେ ସମାଜସେବୀ ତଥା ଆଡଭୋକେଟ ଡ. ସୁନାକର ବେହେରାଙ୍କୁ ପୁନର୍ବାର ନିଯୁକ୍ତ କରାଯାଇଛି। ଡ. ବେହେରା ପାଞ୍ଚବର୍ଷ ଧରି ଖାଉଟିମାନଙ୍କ ଅଧିକାର ସାବ୍ୟସ୍ତ କରିବା, ଖାଉଟି ସଚେତନତା ଓ କଲ୍ୟାଣ ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ରାଜ୍ୟ ଓ ଜାତୀୟସ୍ତରରେ ରୂପାୟନ କରି ଆସୁଛନ୍ତି। ପୂର୍ବରୁ ଜାତୀୟସ୍ତରରେ ଖାଉଟି କଲ୍ୟାଣ ପରିଷଦର ବିଭିନ୍ନ ଜାତୀୟ ଏବଂ ଆନ୍ତର୍ଜାତୀୟ ସମ୍ମିଳନୀରେ ତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଏହାସହିତ ଜିଲ୍ଲାର ଅନ୍ୟ ଜଣେ ସମାଜସେବୀ ବିଜୟ କୁମାର ବିଶ୍ୱାଳ(କୁବେର)ଙ୍କୁ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ପକ୍ଷରୁ ରାଜ୍ୟର କାର୍ଯ୍ୟକାରୀ ସଭାପତି ଭାବେ ନୂତନ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଛି। ଶ୍ରୀ ବିଶ୍ୱାଳ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅଧୀନ ଶଙ୍ଖେଶ୍ୱର ଗୋପାଳପୁର ଗ୍ରାମ ପଞ୍ଚାୟତର ଅଧିବାସୀ ଅଟନ୍ତି। ଏହି ନିଯୁକ୍ତି ପରିପ୍ରେକ୍ଷୀରେ ଡ. ବେହେରା ରାଷ୍ଟ୍ରୀୟ ଅଧ୍ୟକ୍ଷ ବିଖ୍ୟାତ ସେନାହି, ରାଷ୍ଟ୍ରୀୟ ମୁଖ୍ୟ ସଚିବ ଦେବେନ୍ଦ୍ର ତିୱାରୀ, ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଚିବ ବିଜୟ ମହାନ୍ତି, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ସୁରଜ ପ୍ରକାଶ, ଡ. ଏମପି ବର୍ଷା, ସଞ୍ଜୟ ଦୁବେ, ଚନ୍ଦ୍ରଶେଖର ଭାଗଡେ, ରାଜ୍ୟ ସଭାପତି ଆଡଭୋକେଟ ଜଗବନ୍ଧୁ ସରାଫ, ରାଜ୍ୟ ସଂଯୋଜକ ବିବେକାନନ୍ଦ ହୋତାଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଟ୍ରେନ୍ ଲାଇନରେ କାର୍ଯ୍ୟରତ କର୍ମଚାରୀଙ୍କ ଦୁଇଗୋଡ଼ କଟିଗଲା

ପାରାଦୀପ,୪।୬(ସମିସ): ଦୈତାରି-ପାରାଦୀପ ଟ୍ରେନ ଲାଇନରେ କାର୍ଯ୍ୟରତ ଜଣେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କର ଦୁଇଟି ଗୋଡ଼କଟି ଶରୀରରୁ ଅଲଗା ହୋଇଯାଇଛି। ଗତକାଲି ରାତି ପାଖାପାଖି ୧୧ଟା ହେବ ଭୁତମୁଣ୍ଡାଇ ବରେଇ ନିକଟରେ ଏଭଳି ଘଟଣା ଘଟିଛି। ଗୁରୁତର କର୍ମଚାରୀ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ବଡ଼ପାଳ ଗ୍ରାମର ସନ୍ତୋଷ ଜେନା। ସେ ପାରାଦୀପ ରେଳ ବିଦ୍ୟୁତ ବିଭାଗର କର୍ମଚାରୀ ଅଟନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୁଜଙ୍ଗ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ସନ୍ତୋଷ ଟାଟା ବିଦ୍ୟୁତ୍ ବିଭାଗର ଲାଇନ୍ ମ୍ୟାନ ଭାବେ କାର୍ଯ୍ୟ କରୁଥିବା ବେଳେ ରେଳପୋଲ ନିକଟରେ ବିଦ୍ୟୁତ୍‌ଜନିତ ସମସ୍ୟା ଥିବାରୁ ତାଙ୍କ ସହିତ କିଛି ସହକର୍ମୀ ମଧ୍ୟ କାମ କରିବାକୁ ସେଠାକୁ ଯାଇଥିଲେ।

# ନଦୀବନ୍ଧରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଏରସମା,୪।୬(ସମିସ): ଏରସମା ଥାନା ଅଧୀନ ଗଡ଼ହରିଶପୁର ମୟରନାଞ୍ଜି ଶଙ୍ଖନିଦୀ ବନ୍ଧରୁ ଜଣେ ଯୁବକଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ବାଲିକୁଦା ଥାନା ଅଧୀନ ତିତିରା ପଞ୍ଚାୟତ ୫ନମ୍ବର୍ ୱାର୍ଡ କୁଳସାହି ଗ୍ରାମର ସୂର୍ଯ୍ୟନାରାୟଣ ସୂତାର ଓରଫ ବାନା (୨୪)। ନଦୀବନ୍ଧ ଉପରେ ବାନାଙ୍କ ଶବ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଗଡ଼ହରିଶପୁର ସରପଞ୍ଚଙ୍କୁ ଖବର ଦେଇଥିଲେ। ସରପଞ୍ଚ ଏବଂ ଲୋକଙ୍କ ଉପସ୍ଥିତିରେ ଖବର ପାଇ ଏରସମା ଥାନା ଅଧିକାରୀ ପ୍ରେମଜିତ ଦାସ ଏବଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ସାଇଣ୍ଟିଫିକ ଟିମକୁ ଖବର ଦେଇଥିଲେ। ସାଇଣ୍ଟିଫିକ ଟିମ୍ ଏବଂ ଜିଲ୍ଲା ମୁଖ୍ୟ ଆରକ୍ଷୀ ଅଧିକାରୀ ପହଞ୍ଚି ତଦନ୍ତ କରିତିବା ବେଳେ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲେ।

**ଆଜି ବିଶ୍ୱ ପରିବେଶ ଦିବସ**

# ପ୍ରକୃତିର ନିରବ ସାଧକ ଅମରେଶ

କୁଜଙ୍ଗ,୪।୬(ସମିସ)





ଆଜି ବିଶ୍ୱ ପରିବେଶ ଦିବସ। ପ୍ରକୃତିର ନିରବ ସାଧକ ତଥା ପରିବେଶର ସୁରକ୍ଷା ଦିଗରେ ନିଜକୁ ସାମିଲ କରି ଉଦାହରଣ ପାଲଟିଛନ୍ତି ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅଧୀନ ବିଶ୍ୱାଳୀ ଗ୍ରାମର ମୁରବି ତଥା ଶିକ୍ଷକନେତା କମ୍ରେଡ ବସନ୍ତ କୁମାର ସାମଲଙ୍କ ସୁପୁତ୍ର ଅମରେଶ ନରେଶ ସାମନ୍ତ। ଦୀର୍ଘ ତିନିଦଶନ୍ଧିରୁ ସେ ପରିବେଶର ସୁରକ୍ଷା ପାଇଁ ଅନବରତ ସଂଗ୍ରାମ ଆଉ ସମର୍ପଣ। ନବେ ଦଶକରେ ଇଞ୍ଜିନିୟରିଂ ଶିକ୍ଷା ଲାଭ ବେଳେ ଏକ ବୃକ୍ଷ ତାଙ୍କ ଜୀବନରେ ଗଭୀର ପ୍ରଭାବ ପକେଇଥିଲା। ସେବେଠୁଁ ସେ ରୋଇଂ ପ୍ଲାଣ୍ଟେସନ ପ୍ରକ୍ରିୟାରେ ଆଜି ଘଞ୍ଚ ଜଙ୍ଗଲ ସୃଷ୍ଟି କରିବା ଅଭିଯାନରେ ସମ୍ପୂର୍ଣ୍ଣ ପରିଣତି ହୋଇପାରିଛି। ଶ୍ରୀ ସାମନ୍ତଙ୍କ ଗାଁ ଦେଇ ଜାତୀୟ ରାଜପଥ ଯାଇଛି। ଦକ୍ଷିଣ ପାର୍ଶ୍ୱରେ ଓଡ଼ିଶାର ଜୀବନରେଖା କୁହାଯାଉଥିବା ସୁଦୀର୍ଘ ମହାନଦୀ ପ୍ରବାହିତ ଏବଂ ଉଭୟ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ସିମାବର୍ତ୍ତୀ ଅଞ୍ଚଳ। ଏହି ବନୀକରଣ ରୂପରେଖ ୨୦୦୦ ମସିହାରେ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ମହାବାତ୍ୟାର ବିଭୀଷିକା ଆଉ ଉପକୂଳ ଓଡ଼ିଶାର ସବୁଜ ବନାନୀ ନଷ୍ଟ ହୋଇଯିବା ଚିତ୍ର ତାଙ୍କ ମନକୁ ବିଚଳିତ କରିଥିଲା। ସ୍ଥାନୀୟ ଯୁବକଙ୍କୁ ନେଇ ସେ ଗଠିତ କରିଥିଲେ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ। ମହାବାତ୍ୟାରେ ଉଜୁଡି ଯାଇଥିବା ସବୁଜ ବନାନୀର ପୁନଃଉଦ୍ଧାର ଥିଲା ମୁଖ୍ୟ ଲକ୍ଷ୍ୟ। ପାରାଦ୍ୱୀପ ବନ୍ଦରରେ ଚାକିରୀରେ ଯୋଗଦେଇଥିଲେ ଅମରେଶ। ପରେ ସେ ଓଡ଼ିଶା ବନ ଉନ୍ନୟନ ନିଗମ ସହିତ ତାଙ୍କ ଟିମ ସହ ଯୋଡ଼ି ହୁଅନ୍ତି। ପାରାଦ୍ୱୀପର ସବୁଜ ବନାନୀ ସୃଷ୍ଟିରେ ନିଜକୁ ସମର୍ପଣ କରି ୫ ବର୍ଷରେ ପାଖାପାଖୀ ସାଢେ ତିନି ଲକ୍ଷ ଚାରାରୋପଣ କରିଥିଲେ। ଯାହା ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ଘଞ୍ଚ ଜଙ୍ଗଲରେ ପରିଣତ ହୋଇପାରିଥିଲା। ପରେ ତାଙ୍କ ଅନୁଷ୍ଠାନ ଦ୍ୱାରା ବ୍ୟାପକ ବନୀକରଣ ଆରମ୍ଭ କରିଥିଲେ। ଏପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ୨୮ଟି ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିବାରେ ସେ ସଫଳ ହୋଇପାରିଛନ୍ତି। ତାଙ୍କ ଟିମ୍ ସାଢେ ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ଚାରାରୋପଣ ସହିତ ଦଶ ଲକ୍ଷରୁ ଅଧିକ ଚାରା ମାଗଣାରେ ବିଭିନ୍ନ ଅନୁଷ୍ଠାନକୁ ବଣ୍ଟନ କରିଛନ୍ତି। ୨୦୧୦ମସିହାରୁ ମହାନଦୀ ଅବବାହିକା ଆଉ ଏହାର ମୁହାଣରେ ଏପର୍ଯ୍ୟନ୍ତ ୧ଲକ୍ଷରୁ ଅଧିକ ହେନ୍ତାଳ ଚାରା ଓ ମଞ୍ଜିରୋପଣ କରି ଏସ୍ଥାନରେ ବ୍ୟପାକ ଲୁଣା ଜଙ୍ଗଲ ସୃଷ୍ଟି କରିବାରେ ସଫଳ ହୋଇପାରିଛନ୍ତି। ସ୍କୁଲ, କଲେଜ ଛାତ୍ରଛାତ୍ରୀ ଏବଂ ସର୍ବସାଧାରଣରେ ପରିବେଶ ସୁରକ୍ଷା ନିମନ୍ତେ ଦୁଇ ଦୁଇ ଥର ସାଇକଲ ଯାତ୍ରା କରିଛନ୍ତି। ୨୦୧୯ରୁ ପାରାଦ୍ୱୀପରୁ ବ୍ରହ୍ମପୁର ଏବଂ ୨୦୨୧ରେ ଭୁବନେଶ୍ୱରରୁ ଦିଘା ସାଇକଲ ଯାତ୍ରା କରି ଚାରାରୋପଣର ଉପାଦେୟତା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ରାଜ୍ୟ ସରକାର ତାଙ୍କୁ ୨ ଥର ପ୍ରକୃତି ବନ୍ଧୁ, ତାଙ୍କ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଅନୁଷ୍ଠାନକୁ ୨ଥର ପ୍ରକୃତି ମିତ୍ର, ମଣ୍ଡଳସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର, ୨୦୧୭ରେ କେନ୍ଦ୍ର ସରକାରଙ୍କ ପ୍ରଦେଶ ଓ ଜିଲ୍ଲାସ୍ତରୀୟ ଶ୍ରେଷ୍ଠ ସାମାଜିକ ଅନୁଷ୍ଠାନ, ପାରାଦୀପ ପୌରପରିଷଦର ବ୍ରାଣ୍ଡ ଆମ୍ବାସଡର ପରି ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏପରିକି ପ୍ରଧାନମନ୍ତ୍ରୀ ନିଜର ୭୫ତମ 'ମନ କି ବାତ' କାର୍ଯ୍ୟକ୍ରମରେ ତାଙ୍କ ଏହି ପ୍ରକୃତି ମାଆର ସେବା ଓ ସମର୍ପଣକୁ ପ୍ରଶଂସା କରିଛନ୍ତି। ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଉପକୂଳ ଓ ଅଭ୍ୟନ୍ତରୀଣ ଓଡ଼ିଶାର ସବୁଜ ବନାନୀର ସୁରକ୍ଷା ଏବଂ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ତାଙ୍କ ଅଭିଯାନ ଜାରି ରହିବ ବୋଲି ସେ କହିଛନ୍ତି। ୨୦୨୧ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରୁ ସମ୍ମାନିତ ହୋଇଛନ୍ତି। ଏଭଳି ପରିବେଶ ଯୋଦ୍ଧା ଯୁବପିଢ଼ି ପାଇଁ ପ୍ରେରଣା ପାଲଟିଛନ୍ତି ଏବଂ ସେବାର ପ୍ରତୀକ ବୋଲି କୁହନ୍ତି କୁଜଙ୍ଗ ପ୍ରେସ କ୍ଲବ୍ ସଭାପତି ଡ. ରଘୁନାଥ ସାହୁ ଓ ସମାଜସେବୀ ଶ୍ରୀବଲ୍ଲଭ କର।






## ପାକିସ୍ତାନ ପାଇଁ ଗୁଇନ୍ଦାଗିରି: ଆଉଜଣେ ୟୁଟ୍ୟୁବର ଗିରଫ

ଚଣ୍ଡିଗଡ଼, ୪ା୬ (ଏଜେନ୍ସି): ଜ୍ୟୋତି ମାଲହୋତ୍ରାଙ୍କୁ ନେଇ ଦେଶରା ଚର୍ଚ୍ଚା ଜାରି ରହିଥିବାବେଳେ ପଞ୍ଜାବରୁ ଆଉ ଜଣେ ୟୁଟ୍ୟୁବର ଯଶବୀର ସିଂହଙ୍କୁ ଗିରଫ କରାଯାଇଛି। ସେ ମଧ୍ୟ ଜ୍ୟୋତିଙ୍କ ପରି ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସଆଇ ପାଇଁ କାର୍ଯ୍ୟ କରୁଥିଲେ। ରୁପନଗର ମହଲାନ ଗାଁରେ ବାସିନ୍ଦା ଯଶବୀର 'ଜନ ମହଲ' ନାଁରେ ୟୁଟ୍ୟୁବ ଚ୍ୟାନେଲ ଚଲାଉଛନ୍ତି। ଏହି ଚ୍ୟାନେଲ ନାମରେ ସେ ପାକିସ୍ତାନ ଠାରୁ ପାଣ୍ଠି ଆଣିଥିବା ମୋହାଲି ପୁଲିସ୍ ପକ୍ଷରୁ କୁହାଯାଇଛି। ପଞ୍ଜାବ ଡିଜିପିଙ୍କ ଅନୁଯାୟୀ ସେ ପାକିସ୍ତାନ ହ୍ୟାଣ୍ଡେଲର୍ସଙ୍କ ଲିଙ୍କରେ ଥିବା ଅନେକ ଭାରତୀୟ ଗୁପ୍ତଚରଙ୍କ ଯୋଗାଯୋଗରେ ଥିଲେ। ଏମାନଙ୍କ ମଧ୍ୟରେ ଜ୍ୟୋତି ବି ସାମିଲ ରହିଛନ୍ତି। ବହିଷ୍କୃତ ହୋଇଥିବା ପାକିସ୍ତାନ ଉଚ୍ଚାୟୁକ୍ତର କର୍ମଚାରୀ ଏହଶାନ ଉର ରହିମ ଓରଫ ଦାନିଶଙ୍କ ସହ ମଧ୍ୟ ଯଶବୀର ଯୋଗାଯୋଗରେ ଥିଲେ। ପାକିସ୍ତାନ ଜାତୀୟ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯଶବୀରଙ୍କୁ ସେ ଦିଲ୍ଲୀ ନିମନ୍ତ୍ରଣ କରିଥିଲେ। ସେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ପାକିସ୍ତାନ ସେନା ଅଧିକାରୀ ଓ ବ୍ଲଗର୍ସଙ୍କ ସହ କଥା ହୋଇଥିଲେ। ସୂଚନା ଅନୁଯାୟୀ ଯଶବୀର ୨୦୨୦, ୨୦୨୧ ଓ ୨୦୨୪ରେ ପାକିସ୍ତାନ ଗସ୍ତ କରି ଅଧିକାରୀଙ୍କ ସହ ବୈଠକ କରିଥିଲେ। ତାଙ୍କ ନିକଟରୁ ଅନେକ ଇଲେକଟ୍ରୋନିକ ସାମଗ୍ରୀ ଏବଂ ପାକିସ୍ତାନ ଭିତ୍ତିକ ଏକାଧିକ ମୋବାଇଲ ନମ୍ବର ମିଳିଛି। ବର୍ତ୍ତମାନ ସେଗୁଡ଼ିକର ଫରେନ୍ସିକ ଯାଞ୍ଚ କରାଯାଉଛି। ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଜ୍ୟୋତି ଗିରଫ ହେବା ପରେ ଯଶବୀରଙ୍କ ଚିନ୍ତା ବଢ଼ି ଯାଇଥିଲା। ସେ ଭୟରେ ପାକିସ୍ତାନୀ ନେଟୱର୍କ ସହ ଯୋଗାଯୋଗର ସମସ୍ତ ପ୍ରମାଣକୁ ନଷ୍ଟ କରିବାକୁ ପ୍ରୟାସ କରିଥିଲେ।

## ଅପରେସନ ସିନ୍ଦୂର ବେଳେ ଧ୍ୱଂସ ହୋଇଥିଲା ପାକିସ୍ତାନର ୯ଟି ବିମାନ

ନୂଆଦିଲ୍ଲୀ, ୪ା୬ (ଏଜେନ୍ସି): ପହଲଗାମ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଏହି ସମୟରେ ଭାରତ ଆତଙ୍କବାଦୀଙ୍କ ଆଡ୍ଡାକୁ ନିଶାଣ କରି କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଆତଙ୍କବାଦୀ ଆଡ୍ଡା ଧ୍ୱଂସ ହେବା ସତ୍ତ୍ୱେ ଭାରତର ଅନେକ ସାମରିକ ଠିକଣାକୁ ନିଶାଣ କରି ପାକିସ୍ତାନ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏହା ପରେ ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ୬ଟି ଲଢ଼ୁଆ ବିମାନ, ଦୁଇଟି ନିରୀକ୍ଷଣ ବିମାନ, ଦଶରୁ ଅଧିକ ସଶସ୍ତ୍ର ଡ୍ରୋନ ଏବଂ ଏକ ସି-୧୩୦ ହର୍କୁଲସ ପରିବହନ ବିମାନ ଧ୍ୱଂସ ହୋଇଥିଲା ବୋଲି ସୂତ୍ରରୁ ସୂଚନା ମିଳିଛି। ସଂଘର୍ଷ ପରବର୍ତ୍ତୀ ମୂଲ୍ୟାଙ୍କନରୁ ପାକିସ୍ତାନ ବାୟୁ ଏବଂ ସ୍ଥଳସେନାର ବିପୁଳ କ୍ଷୟକ୍ଷତି ହୋଇଥିଲା ବୋଲି ଜଣାପଡ଼ିଛି। ଆକ୍ରମଣ ସମୟରେ ଭାରତର ବାୟୁ ପ୍ରତିରକ୍ଷା ସିଷ୍ଟମ ଛଅଟି ଲଢ଼ୁଆ ବିମାନକୁ ଖସାଇ ଦିଆଯାଇଥିଲା। ଭାରତ ଉପରେ ଆକ୍ରମଣ ପାଇଁ ପାକିସ୍ତାନ ଏହାକୁ ବ୍ୟବହାର କରିଥିଲା। ପାକିସ୍ତାନର ପଞ୍ଜାବ ଏବଂ ପିଓକେର କିଛି ଅଂଶ ଏହି ଯୁଦ୍ଧ ଘଟିଥିଲା। ରାଡାର ଟ୍ରାକିଂ, ଭାରତୀୟ ସେନାର ଗ୍ରାଉଣ୍ଡ ବେସ୍ ମିସାଇଲ ସିଷ୍ଟମ, ଥର୍ମାଲ ସିଗ୍ନେଚର ମାଧ୍ୟମରେ ଏହାକୁ ଚିହ୍ନଟ କରାଯାଇଥିଲା। କଏଦ କରାଯାଇଥିବା ଥର୍ମାଲ୍ ସିଗନେଚର୍ ମାଧ୍ୟମରେ ନିଶ୍ଚିତ କରାଯାଇଥିଲା। ପ୍ରଭାବ ଆକଳନ ପରେ ଟ୍ରାକିଂ ଗ୍ରୀଡରୁ ପାକିସ୍ତାନୀ ବିମାନ ଅଦୃଶ୍ୟ ହୋଇଯାଇଥିଲା।



# ଅବସର ପରେ ନିର୍ବାଚନ ରାଜନୀତିରୁ ଦୂରେଇ ରୁହନ୍ତୁ ବିଚାରପତି: ସିଜେଆଇ

### କଲେଜିୟମ ସପକ୍ଷରେ ପ୍ରଧାନ ବିଚାରପତିଙ୍କ ଦୃଢ଼ ଯୁକ୍ତି


### ନ୍ୟାୟପାଳିକାର ସ୍ୱାଧୀନତା ସହ ସାଲିସ କରିହେବନି

ଲଣ୍ଡନ, ୪ା୬ (ଏଜେନ୍ସି): ଅବସର ପରେ ବିଚାରପତିଙ୍କ ନିର୍ବାଚନ ଲଢ଼ିବା ଉପରେ ପ୍ରଶ୍ନ ଉଠାଇଛନ୍ତି ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ। ।ସେ କହିଛନ୍ତି ଯେ ବିଚାରପତିମାନେ ସରକାରୀ ପଦ ପଦବୀରେ ରହିବା କିମ୍ବା ଅବସର ପରେ ନିର୍ବାଚନ ଲଢ଼ିବା ଏକ ଗମ୍ଭୀର ଓ ନୈତିକ ଚିନ୍ତାର ବିଷୟ। ଏହା ଜନସାଧାରଣଙ୍କୁ ଭୁଲ୍ ବାର୍ତ୍ତା ଦେଇପାରେ। ଭବିଷ୍ୟତର ଲାଭ ଆଶାରେ ଏଭଳି ବିଚାରପତି ଭୁଲ ରାୟ ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ବିଚାରପତିମାନେ ଅବସର ପରେ ନିର୍ବାଚନ ରାଜନୀତିରେ ସାମିଲ ହେବା ଠିକ୍ ନୁହେଁ।

ନ୍ୟାୟପାଳିକାର ସ୍ୱାଧୀନତାକୁ ନେଇ ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର. ଗଭାଇ ବଡ଼ ମନ୍ତବ୍ୟ ଦେଇଛନ୍ତି। କଲେଜିୟମ ବ୍ୟବସ୍ଥାକୁ ସମାଲୋଚନା କରିପାରିବେ, କିନ୍ତୁ କୌଣସି ବ୍ୟବସ୍ଥାରେ ନ୍ୟାୟପାଳିକାର ସ୍ୱାଧୀନତା ସହ ସାଲିସ କରାଯାଇପାରିବ ନାହିଁ ବୋଲି କହିଛନ୍ତି। ୨୦୧୫ରେ ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ (ଏନଜେଏସି) ଆଇନକୁ ସୁପ୍ରିମକୋର୍ଟ ରଦ୍ଦ କରି ଦେଇଥିଲେ। କାରଣ ଏହା ନ୍ୟାୟପାଳିକାର ସ୍ୱାଧୀନତାକୁ ଦୁର୍ବଳ କରୁଥିଲା। କେନ୍ଦ୍ର ସରକାର କଲେଜିୟମ୍ ବଦଳରେ ଏହି ଆଇନକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିଥିଲେ। ସେ ବିଚାରପତିଙ୍କୁ ନେଇ ମଧ୍ୟ କଡ଼ା ଟିପ୍ପଣୀ ଦେଇଛନ୍ତି। ବାହ୍ୟ ଚାପରୁ ବିଚାରପତି ମୁକ୍ତ ରୁହନ୍ତୁ ବୋଲି ପରାମର୍ଶ ଦେଇଛନ୍ତି।

ଲଣ୍ଡନରେ ବ୍ରିଟେନ ସୁପ୍ରିମକୋର୍ଟ ପକ୍ଷରୁ ଆୟୋଜିତ ରାଉଣ୍ଡ-ଟେବୁଲ ବୈଠକରେ ପ୍ରଧାନ ବିଚାରପତି ଏହି ଟିପ୍ପଣୀ ଦେଇଛନ୍ତି। ଏହି ଚର୍ଚ୍ଚାରେ ଭାରତରୁ ଜଷ୍ଟିସ ବିକ୍ରମ ନାଥ ଏବଂ ବ୍ରିଟେନ ସୁପ୍ରିମକୋର୍ଟର ବିଚାରପତି ବେରୋନେସ କାର୍, ଜର୍ଜ ଲେଗେଟ ସାମିଲ ଥିଲେ।

ପ୍ରଧାନ ବିଚାରପତି କହିଛନ୍ତି ଯେ ୧୯୯୩ ପୂର୍ବରୁ ବିଚାରପତି ନିଯୁକ୍ତି ଉପରେ ସରକାର ଶେଷ ନିଷ୍ପତ୍ତି ନେଉଥିଲେ। ତେବେ ସରକାର ଦୁଇ ଥର ବରିଷ୍ଠ ବିଚାରପତିଙ୍କୁ ଅଣଦେଖା କରି ଅନ୍ୟମାନଙ୍କୁ ପ୍ରଧାନ ବିଚାରପତି ନିଯୁକ୍ତ କରିଥିଲେ। ୧୯୬୪ରେ ଜଷ୍ଟିସ୍ ସୟଦ ଜାଫର ଇମାମଙ୍କୁ ଖରାପ ସ୍ୱାସ୍ଥ୍ୟାବସ୍ଥା କାରଣରୁ ମୁଖ୍ୟ ବିଚାରପତି କରାଯାଇ ନ ଥିଲା। ତାଙ୍କ ସ୍ଥାନରେ



ପିବି ଗଜେନ୍ଦ୍ର ଗଡକରଙ୍କୁ ନିଯୁକ୍ତ କରାଯାଇଥିଲା। ସେହିପରି ୧୯୭୭ରେ ଜରୁରୀକାଳୀନ ସ୍ଥିତି ସମୟରେ ସରକାରଙ୍କ ବିରୋଧରେ ରାୟ ଦେଇଥିବା ଜଷ୍ଟିସ୍ ଏଚ୍.ଆର୍. ଖାନ୍ନାଙ୍କୁ ଅଣଦେଖା କରାଯାଇଥିଲା। ଜରୁରୀକାଳୀନ ସ୍ଥିତିରେ ବି ନାଗରିକଙ୍କ ମୌଳିକ ଅଧିକାର ଶେଷ ହୁଏ ନାହିଁ, କିନ୍ତୁ ଏହାକୁ ତତ୍କାଳୀନ ଇନ୍ଦିରା ଗାନ୍ଧୀ ସରକାର ନାପସନ୍ଦ କରିଥିଲେ। ଏହାପରେ ୧୯୯୩ ଏବଂ ୧୯୯୮ ରେ ବିଚାରପତି ନିଯୁକ୍ତି ସୁପାରିସ ପାଇଁ ପ୍ରଧାନ ବିଚାରପତି ଏବଂ ଚାରି ଜଣ ବରିଷ୍ଠ ବିଚାରପତି ମିଶି କଲେଜିୟମ୍ ଗଠନ କରିଥିଲେ।

# ଜାତିସଂଘ ସୁରକ୍ଷା ପରିଷଦର ବିଚିତ୍ର ନିଷ୍ପତ୍ତି

### ଆତଙ୍କ ରୋକୁଥିବା କମିଟିରେ 'ଆତଙ୍କୀ' ପାକିସ୍ତାନ

ନ୍ୟୁୟର୍କ, ୪ା୬ (ଏଜେନ୍ସି): ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ଗଠିତ ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ରେ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି। ଆତଙ୍କବାଦ ଏବଂ ଯୁଦ୍ଧ ରୋକିବାରେ ବିଫଳ ହୋଇଥିବା ଏହି ଅନ୍ତର୍ଜାତୀୟ ସଂସ୍ଥା ଏବେ ଆତଙ୍କ ରୋକିବା ପାଇଁ ଗଠିତ କମିଟିରେ ଆତଙ୍କବାଦକୁ ସମର୍ଥନ, ପ୍ରୋତ୍ସାହନ ଏବଂ ପାଣ୍ଠି ଯୋଗାଉଥିବା ପାକିସ୍ତାନକୁ ଉପାଧ୍ୟକ୍ଷ ନିଯୁକ୍ତ କରିଛି। ଏଭଳି ଘଟଣା ସମସ୍ତଙ୍କୁ ବିଚଳିତ କରିଦେଇଛି। ଖାଲି ସେତିକି ନୁହେଁ, ପାକିସ୍ତାନକୁ ତାଲିବାନ କଟକଣା କମିଟି ତଥା ୧୯୮୮ କମିଟିର ଅଧ୍ୟକ୍ଷ ମଧ୍ୟ ନିଯୁକ୍ତ କରାଯାଇଛି। ଗୁଏନା ଏବଂ ରୁଷ୍ ଏହି କମିଟିର ଅଧ୍ୟକ୍ଷ ରହିଛି। ଏହି କମିଟି ଆଫଗାନିସ୍ତାନର ଶାନ୍ତି, ସ୍ଥିରତା ଏବଂ ସୁରକ୍ଷା ପାଇଁ ବିପଦ ବୋଲି ବିବେଚିତ ବ୍ୟକ୍ତି, ଗୋଷ୍ଠୀ ଏବଂ ସଂସ୍ଥାଗୁଡ଼ିକର ଆର୍ଥିକ ସମ୍ପତ୍ତି ଫ୍ରିଜ୍ କରିଥାଏ। ଯାତ୍ରା ଏବଂ ଅସ୍ତ୍ରଶସ୍ତ୍ର କଟକଣା ଭଳି ନିଷ୍ପତ୍ତି ନେଇଥାଏ। ଦୁଃଖର ବିଷୟ ଏହି କି ଯେ ଏବେ ଆଫଗାନିସ୍ତାନ ସହ ପାକିସ୍ତାନର ଜୋରଦାର ସଂଘର୍ଷ ଚାଲିଛି। ଦୁଇ ଦେଶ ହେଲମନ୍ଦ ପ୍ରଦେଶର ସୀମାରେ ମୁହାଁମୁହିଁ ହୋଇଛନ୍ତି। ତାଲିବାନର ଆକ୍ରମଣରେ ପାକିସ୍ତାନ ସେନା ପଛଘୁଞ୍ଚା ଦେଇଥିବାବେଳେ ୟୁଏନ୍ଏସ୍‌ସି ଏପରି ପଦକ୍ଷେପ ନେଇଛି।

ସୂଚନା ଅନୁଯାୟୀ ପାକିସ୍ତାନ ଏବେ ତାଲିବାନ କଟକଣା କମିଟି ସହ ଜଡ଼ିତ ବୈଠକର ଅଧ୍ୟକ୍ଷତା କରି ସଦସ୍ୟ ମାନଙ୍କ ସହମତି ଭିତିରେ ବିଭିନ୍ନ ପଦକ୍ଷେପ ନେବାକୁ ସୁପାରିସ କରିବ। ପୂର୍ବରୁ ଏହି କମିଟି ଆଇଏସଆଇଏଲ ଏବଂ ଅଲ-କାଏଦା ସହ ଜଡ଼ିତ ଆତଙ୍କବାଦୀଙ୍କ ଉପରେ ନଜର ରଖିଥିଲା। ପରେ ୨୦୧୧ରେ ୧୯୮୮ର ପ୍ରସ୍ତାବ ଅନୁଯାୟୀ ଏହାକୁ ପୃଥକ ଭାବରେ ପୁନର୍ଗଠିତ କରାଯାଇଥିଲା। ରିପୋର୍ଟ ଅନୁଯାୟୀ ଯଦି ପାକିସ୍ତାନ ତାଲିବାନ କଟକଣା କମିଟିର ନିର୍ଦ୍ଦେଶ ପାଇବା ପରେ ତାଲିବାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଏ ତେବେ ଏହା ସମ୍ପର୍କକୁ ପ୍ରଭାବିତ କରିପାରେ। ଏହା ବ୍ୟତୀତ ପାକିସ୍ତାନକୁ ଆତଙ୍କବାଦ ବିରୋଧୀ କମିଟି-୧୯୭୩ (୧୩୭୩ କାଉଣ୍ଟର ଟେରୋରିଜମ୍ କମିଟି)ର ଉପାଧ୍ୟକ୍ଷ ମଧ୍ୟ କରାଯାଇଛି। ଆଲଜେରିଆକୁ ଆତଙ୍କବାଦ ବିରୋଧୀ କମିଟିର ଅଧ୍ୟକ୍ଷ କରାଯାଇଛି। ପାକିସ୍ତାନ ସହିତ ଫ୍ରାନ୍ସ ଏବଂ ରୁଷ୍ ମଧ୍ୟ କମିଟିର ଉପାଧ୍ୟକ୍ଷ ହୋଇଛି।

## ସିକିମ ଭୂସ୍ଖଳନରେ ଲେଫ୍ଟନାଣ୍ଟ କର୍ଣ୍ଣେଲଙ୍କ ସମେତ ୫ ନିଖୋଜ

ନୂଆଦିଲ୍ଲୀ, ୩ା୬ (ଏଜେନ୍ସି): ପୂର୍ବୋତ୍ତର ରାଜ୍ୟଗୁଡିକରେ ଗତ ଦୁଇ ସପ୍ତାହ ହେଲା ପ୍ରବଳ ବର୍ଷା ଜାରି ରହିଛି। ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଭାରତୀୟ ସେନା ମଙ୍ଗଳବାର ସିକିମର ଲାଚେନରୁ ବିମାନ ଯୋଗେ ବିଦେଶୀ ନାଗରିକଙ୍କ ସମେତ ୩୦ ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲା। ୮୩ ଜଣ ଏବେ ବି ଫସି ରହିଛନ୍ତି। ୬ଜଣ ନିଖୋଜ ଅଛନ୍ତି। ଏମାନଙ୍କୁ ଉଦ୍ଧାର କରିବାକୁ ତଲାସୀ ଅଭିଯାନ ଜାରି ରହିଛି। ଏବେ ମିଜୋରାମ ସରକାର ପର୍ଯ୍ୟଟକଙ୍କ ପାଇଁ ଏକ ମାର୍ଗଦର୍ଶିକା ଜାରି କରି ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟକୁ ନ ଆସିବାକୁ କୁହାଯାଇଛି। ଏହି ରାଜ୍ୟରେ ଗତ ୨୪ ତାରିଖରୁ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଛି। ସେବେଠାରୁ ଜୁନ୍ ୩ ପର୍ଯ୍ୟନ୍ତ ମିଜୋରାମରେ ୬୨୬ଟି ଭୂସ୍ଖଳନ ଘଟଣା ସାମ୍ନାକୁ ଆସିଛି। ଏଥିରେ ୫ ଜଣଙ୍କର ମୃତ୍ୟୁ ହୋଇଛି। ଆସାମର ସେନା ଶିବିର ନିକଟରେ ହୋଇଥିବା ଭୂସ୍ଖଳନରେ ସେନା କର୍ଣ୍ଣେଲଙ୍କ ସମେତ ୬ ଜଣ ନିଖୋଜ ଅଛନ୍ତି। ବନ୍ୟା ଯୋଗୁଁ ଆଉ ୬ ଜଣଙ୍କ ମୃତ୍ୟୁ ହୋଇଛି। ଏଥିସହିତ ଭୂସ୍ଖଳନ-ବର୍ଷା ଜନିତ ମୃତ୍ୟୁ ସଂଖ୍ୟା ୧୭ରେ ପହଞ୍ଚିଛି। ରାଜ୍ୟର ୨୧ଟି ଜିଲ୍ଲାରେ ୬.୫ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ୭ଟି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ଉତ୍ତରାଖଣ୍ଡ ଏବଂ ହିମାଚଳରେ ପ୍ରବଳ ବର୍ଷା ଏବଂ ତୁଷାରପାତ ଯୋଗୁଁ ପାହାଡ଼ଗୁଡ଼ିକରେ ଭୂସ୍ଖଳନର ଆଶଙ୍କା ବୃଦ୍ଧି ପାଇଛି।

## ହନିମୁନ୍ ପାଇଁ ଯାଇଥିବା ଯୁବକଙ୍କୁ ହତ୍ୟା

ସିଲଂ, ୪ା୬ (ଏଜେନ୍ସି): ମଧ୍ୟପ୍ରଦେଶ ଇନ୍ଦୋରରୁ ହନିମୁନ୍ ପାଇଁ ମେଘାଳୟ ଯାଇଥିବା ଇନ୍ଦୋରର ରାଜା ରଘୁବଂଶୀଙ୍କୁ ହତ୍ୟା କରାଯାଇଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ରାଜା ଏବଂ ତାଙ୍କ ପତ୍ନୀ ସୋନମ ୧୨ ଦିନ ତଳେ ମେଘାଳୟ ଯାଇଥିଲେ। ସୋମବାର ରାଜାଙ୍କ ମୃତଦେହ ସିଲଂର ଏକ ଖାଇରୁ ମିଳିଥିଲା। ମାତ୍ର ସୋନମ ଏବେ ବି ନିଖୋଜ ଅଛନ୍ତି। ମେଘାଳୟର ପୂର୍ବ ଖାସି ହିଲ୍ସ ଏସ୍‌ପି ବିବେକ ସିମ୍ କହିଛନ୍ତି ଯେ ଗଛ କାଟୁଥିବା ଅସ୍ତ୍ରରେ ବିବେକଙ୍କୁ ହତ୍ୟା କରାଯାଇଥିଲା। ଏହି ଅସ୍ତ୍ରକୁ ଜବତ କରାଯାଇଛି। ଖୁବଶୀଘ୍ର ମାମଲାର ପର୍ଦ୍ଦାଫାସ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ରାଜାଙ୍କ ଭାଇ ବିପିନ ରଘୁବଂଶୀ ଏହି ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି। ଅପହରଣ ପରେ ହତ୍ୟା କରାଯାଇଥିବା ସେ ଆଶଙ୍କା କରିଛନ୍ତି। ମେଘାଳୟ ପୁଲିସ ମାମଲାକୁ ଚପାଇବାକୁ ଉଦ୍ୟମ କରୁଛି। ଏ ପର୍ଯ୍ୟନ୍ତ ରାଜାଙ୍କ ପର୍ସ, ବ୍ରେସଲେଟ, ଚେନ୍, ବ୍ୟାଗ, ମୁଦି ଏବଂ ପାୱାର ବ୍ୟାଙ୍କ ଜବତ ହୋଇନାହିଁ। ଏହା ମଧ୍ୟରେ ତାଙ୍କ ମୃତଦେହ ଘରେ ପହଞ୍ଚିଛି। ତେବେ ରାଜାଙ୍କ ପତ୍ନୀଙ୍କ ମୃତଦେହ ଏ ଯାଏଁ ମିଳିପାରି ନାହିଁ। ଅନ୍ୟପଟେ ଜିପିଏସ ଟ୍ରାକରରୁ ଜଣାପଡ଼ିଛି ଯେ ଦମ୍ପତି ଯେଉଁ ସ୍କୁଟି ବ୍ୟବହାର କରିଥିଲେ ତାହା ଗତ ୨୩ ତାରିଖରେ କିଛି ସମୟ ପର୍ଯ୍ୟନ୍ତ ଅଟକି ରହିଥିଲା। ଏହା ପୂର୍ବରୁ ରାଜାଙ୍କ ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନ ୱେଇସାଡୋଙ୍ଗ ଅଞ୍ଚଳରୁ ଭଙ୍ଗା ମୋବାଇଲ ଫୋନ ଜବତ କରାଯାଇଥିଲା। ଏହା ମଧ୍ୟରେ ସ୍ଥାନୀୟ ଲୋକେ ରାଜା ଓ ତାଙ୍କ ପତ୍ନୀଙ୍କ ଏକ ବଡ଼ ପୋଷ୍ଟର ତାଙ୍କ ଘରେ ଲଗାଇଛନ୍ତି। ଏଥିରେ 'ମୁଁ ମରିନି ମୋତେ ମାରିଦିଆଯାଇଛି' ବୋଲି ଲେଖାଯାଇଛି।

# ବିଶ୍ୱ ବାଣିଜ୍ୟ


### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୨୫
- ପାଉଣ୍ଡ ୧୧୬.୮୨
- ୟୁରୋ ୯୭.୯୨
- ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୦,୮୧୦ (ନୂଆଦିଲ୍ଲୀ)
- ରୁପା : ୧୦୦,୨୦୦ (କେଜି)

### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୦,୯୯୮.୦୦
- ନିଫ୍ଟି ୨୪,୬୨୦.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## କର୍ପୋରେଟ୍ କନେକ୍ସନର ଭୁବନେଶ୍ୱର ଚାପ୍ଟର ଆରମ୍ଭ

ଭୁବନେଶ୍ୱର,୪ା୬(ସମିସ): ରାଜ୍ୟରେ କର୍ପୋରେଟ୍ କନେକ୍ସନ ଭୁବନେଶ୍ୱର ଚାପ୍ଟରର ଶୁଭାରମ୍ଭ ହୋଇଛି। ଏହି ସ୍ୱତନ୍ତ୍ର ସମାବେଶରେ ୫୦ରୁ ଅଧିକ ବିଶିଷ୍ଟ ବ୍ୟବସାୟିକ ନେତୃବୃନ୍ଦ ସାମିଲ ହୋଇଥିଲେ। ଦେଶର ୨୩ଟି ସହର ସମେତ ବିଶ୍ୱବ୍ୟାପୀ ୩୩ଟି ଦେଶ ଏବଂ ୮୫ଟି ସହରରେ ୮୫୦ରୁ ଅଧିକ ଅଭିଜ୍ଞ ସଦସ୍ୟଙ୍କୁ ନେଇ ଗଠିତ କର୍ପୋରେଟ୍ କନେକ୍ସନ। ଏହି ଚାପ୍ଟରର ଶୁଭାରମ୍ଭ କାର୍ଯ୍ୟକ୍ରମରେ କର୍ପୋରେଟ୍ କନେକ୍ସନ ଭାରତର ଜାତୀୟ ନିର୍ଦ୍ଦେଶକ ଗୌରବ ଭିକେ ସିଂଘଭି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

### ରୁଷକୁ ରୋକିବାକୁ ଆମେରିକା ଟାର୍ଗେଟ୍‌ରେ ଭାରତ

# ୫୦୦% ଶୁଳ୍କ ଲଗାଇବାକୁ ଧମକ

ନୂଆଦିଲ୍ଲୀ,୪ା୬(ଏଜେନ୍ସି): ୟୁକ୍ରେନ୍ ବିରୁଦ୍ଧରେ ରଷର ଆକ୍ରମଣ ରୋକିବାକୁ ହେଲେ ପ୍ରଥମେ କ୍ରିମ୍‌ଲିନ୍‌କୁ ପାଣ୍ଠି ଶୂନ୍ୟ କରିବାକୁ ହେବ। ଏଥିପାଇଁ ଭାରତକୁ ଅଟକାଇବାକୁ ପଡ଼ିବ। ଯାହାଫଳରେ ରଷକୁ ରୋକିବାକୁ ଆମେରିକା ଟାର୍ଗେଟ୍‌ରେ ଭାରତ ରହିଛି। ଏହି ଚିନ୍ତାଧାରା ସହିତ ଆମେରିକା ବର୍ତ୍ତମାନ ଭାରତ ଉପରେ ପ୍ରତିବନ୍ଧକ ଲଗାଇବାକୁ ଯୋଜନା କରୁଛି। ରଷଠାରୁ ତେଲ, ପେଟ୍ରୋଲ, କିମ୍ବା ପେଟ୍ରୋକେମିକାଲ୍ସ କିଣିଲେ ଭାରତ ଉପରେ ୫୦୦% ଶୁଳ୍କ ଲାଗିବ। ଏହି ଧମକ ଏବେ ଦେଉଛି ଆମେରିକା। ଆମେରିକାର ସାଂସଦ ରିଚାର୍ଡ ବ୍ଲୁମେନ୍‌ଥାଲ ଏହି ପ୍ରସ୍ତାବ ଦେଇଛନ୍ତି। ଆସନ୍ତା ସପ୍ତାହରେ ଏହା ଉପରେ ଆଲୋଚନା ହୋଇପାରେ। ସେପଟେ ଭାରତରୁ ଇସ୍ପାତ ଆମଦାନୀ ଉପରେ ମଧ୍ୟ ଟ୍ରମ୍ପ ସରକାରଙ୍କ ୫୦% ଶୁଳ୍କ ବୃଦ୍ଧି ଭାରତୀୟ ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଛି।

ରଷ ୟୁକ୍ରେନ୍ ଯୁଦ୍ଧ ଥମିବାର ନାଁ ନେଉନି। ଯୁଦ୍ଧ ବନ୍ଦ କରି ବାହା ବାହା ନେବାକୁ ଚାହୁଁଥିବା ଆମେରିକାର ଉଦ୍ଦେଶ୍ୟ ପୂରା ହୋଇପାରୁନି। ତେଣୁ ଔଷଧ ରାଗରେ ତାଟିଆ କାମୁଡ଼ିବା




ଭଳି ଏବେ ଆମେରିକା ଭାରତ ଉପରେ ଟାର୍ଗେଟ୍ କରୁଛି। ଭାରତ ରଷଠାରୁ ତେଲ, ପେଟ୍ରୋଲ କିମ୍ବା ପେଟ୍ରୋକେମିକାଲ୍ସ କିଣୁଛି, ଆଉ ଏହି ଅର୍ଥରେ ରଷ ବଳିଆନ ହେଉଛି ବୋଲି ଆମେରିକା ଭାବୁଛି। ତେଣୁ ଭାରତକୁ ଅଟକାଇବାକୁ ଶୁଳ୍କକୁ ଅସ୍ତ୍ର କରିଛି ଆମେରିକା। ରଷଠାରୁ ତେଲ, ପେଟ୍ରୋଲ, କିମ୍ବା ପେଟ୍ରୋକେମିକାଲ୍ସ କିଣିଲେ ୫୦୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତି ଆମେରିକା ସାଂସଦ ରିଚାର୍ଡ ବ୍ଲୁମେନ୍‌ଥାଲ୍। ବିଶେଷ କରି ଚୀନ ଓ ଭାରତ ଉପରେ ଚାପ ପକାଇବାକୁ ସେ ଏପରି କହିଛନ୍ତି। ତେବେ ଏପ୍ରିଲରେ ଆମେରିକା ସାଂସଦ ଲିଣ୍ଡସେ ଗ୍ରାହାମଙ୍କ ଦ୍ୱାରା ଏକ ଦ୍ୱିପାକ୍ଷିକ ପ୍ରତିବନ୍ଧକ ବିଲ୍ ଆଗତ ହୋଇଥିଲା। ଯେଉଁଥିରେ ବ୍ଲୁମେନ୍‌ଥାଲ୍ ୫୦୦ % ଶୁଳ୍କ ପ୍ରସ୍ତାବ ଦେଇଥିଲେ। ଆସନ୍ତା ସପ୍ତାହରେ ଏହି ବିଲ୍ ଉପରେ ଆଲୋଚନା ହୋଇପାରେ। ଭାରତ ଓ ଚୀନ ରଷଠାରୁ ୭୯% ତେଲ, ପେଟ୍ରୋଲ, କିମ୍ବା ପେଟ୍ରୋକେମିକାଲ୍ସ କିଣୁଛନ୍ତି। ପ୍ରତିବନ୍ଧକ ସତ୍ତ୍ୱେ ବି ଭାରତ ମେ ମାସରେ ରଷ ଠାରୁ ୧୯ ଲକ୍ଷ ୬୦ ହଜାର ବ୍ୟାରେ ଲ ଆଶୋଧିତ ତେଲ କିଣିଛି।

ଅପରପକ୍ଷେ ଇସ୍ପାତ ଓ ଆଲୁମିନିୟମ ଆମଦାନୀ ଉପରେ ଟ୍ରମ୍ପ ୫୦% ଶୁଳ୍କ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି, ଯାହାକୁ ଭାରତ ବିରୋଧ କରିଛି। ୨୦୧୮ ରେ ଟ୍ରମ୍ପ ରାଷ୍ଟ୍ରପତି ଥିବା ସମୟରେ ଆମେରିକା ଇସ୍ପାତ ଉପରେ ୨୫% ଓ ଆଲୁମିନିୟମ ଉପରେ ୧୦% ଶୁଳ୍କ ଲଗାଇଥିଲା। ଫଳରେ ଭାରତକୁ ୭.୬ ଆରବ ଡଲାରର କ୍ଷତି ସହିବାକୁ ପଡ଼ିଥିଲା। ଜବାବରେ ଭାରତ ବିଶ୍ୱ ବାଣିଜ୍ୟ ସଂଗଠନର ଦ୍ୱାରସ୍ଥ ହୋଇଥିଲା। ଟିକସ କମାଇବା ପାଇଁ ୨୦୧୮ରୁ ୨୦୨୫ ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ଆଲୋଚନା ହୋଇଥିଲେ ବି ବିଫଳ ହୋଇଛି। ତେଣୁ ବର୍ତ୍ତମାନ ଭାରତ ଆମେରିକାର ୨୯ ଆମେରିକା ସାମଗ୍ରୀ ଉପରେ ଶୁଳ୍କ ଲଗାଇବାକୁ ଯୋଜନା କରୁଛି। ଯଦି ଏହା ହୁଏ ତେବେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇପାରେ।

## ବେଦାନ୍ତ ଆଲୁମିନିୟମ୍ ଏକ ସ୍ଥାୟୀ ପରିବର୍ତ୍ତନର ନେତୃତ୍ୱ ନେଇଛି

ଭୁବନେଶ୍ୱର, ୪ା୬(ସମିସ): ବେଦାନ୍ତ ଆଲୁମିନିୟମ୍ ଡିକାର୍ବୋନାଇଜେସନ୍ ପଦକ୍ଷେପର ଏକ ବ୍ୟାପକ ସିରିଜ୍ ସହିତ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଏକ ସାହସିକ ପଥ ପ୍ରସ୍ତୁତ କରୁଛି, ଯାହା ମହତ୍ୱାକାଂକ୍ଷା ଏବଂ ନବସୃଜନ ଉଭୟକୁ ପ୍ରତିଫଳିତ କରେ। ବିଶ୍ୱ ଜଳବାୟୁ କାର୍ଯ୍ୟ ଉପରେ ଏହାର ଧ୍ୟାନକୁ ତୀବ୍ର କରୁଥିବାରୁ, ବେଦାନ୍ତ ବିଶ୍ୱ ଆଲୁମିନିୟମ୍ ଶିଳ୍ପ ମଧ୍ୟରେ ସ୍ଥାୟୀତ୍ୱରେ ଏକ ନେତା ଭାବରେ ଉଭା ହେଉଛି, ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ କାର୍ଯ୍ୟର ଅନେକ ଦିଗକୁ ଏକତ୍ରିତ କରୁଛି। ଏହି ଦିଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟରୁ ଗୋଟିଏ ହେଉଛି



ସେରେଣ୍ଟିକା ରିନ୍ୟୁଏବଲ୍ସ ସହିତ ଏକ ଦୀର୍ଘକାଳୀନ ସହଭାଗୀତା ଦ୍ୱାରା କମ୍ପାନୀର ତ୍ୱରାନ୍ୱିତ ଶକ୍ତି ପରିବର୍ତ୍ତନ। ଏହି ସହଯୋଗ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ୍ ଓଡ଼ିଶା ଏବଂ ଛତିଶଗଡ଼ରେ ଏହାର ମେଗା କାର୍ଯ୍ୟକୁ ଶକ୍ତି ପ୍ରଦାନ କରିବା ପାଇଁ ୧୩୩୫ ଏମଡବ୍ଲ୍ୟୁ ନବୀକରଣୀୟ ଶକ୍ତି ଉତ୍ସ ପ୍ରଦାନ କରୁଛି।

## ଖିମଜୀ ଜୁଏଲର୍ସଙ୍କୁ 'ମୋଷ୍ଟ ଟ୍ରଷ୍ଟେଡ୍ ଜୁଏଲାରି ଚେନ୍ ଅଫ୍ ଦି ଇୟର' ସମ୍ମାନ

ଭୁବନେଶ୍ୱର,୪ା୬(ସମିସ): ଖିମଜୀ ଜୁଏଲର୍ସ ଏହାର ସଫଳତାରେ ଆଉ ଏକ ଉଜ୍ଜ୍ୱଳ ଫର୍ଦ୍ଦ ଯୋଡ଼ିଛି। ପ୍ରତିଷ୍ଠିତ ଟାଇମ୍ସ ନାଓ ବିଜନେସ୍ ଏକ୍ସିଲେନ୍ସ ୱାର୍ଡସ୍-ଇଷ୍ଟ ୨୦୨୫ରେ ଖିମଜୀ ଜୁଏଲର୍ସଙ୍କୁ 'ମୋଷ୍ଟ ଟ୍ରଷ୍ଟେଡ ଜୁଏଲେରୀ ଚେନ୍ ଅଫ୍ ଦ ଇୟର' ଭାବେ ସମ୍ମାନିତ କରାଯାଇଛି। ଏହି ଉଜ୍ଜ୍ୱଳ ପୁରସ୍କାର ସମାରୋହରେ ଖିମଜୀ ଜୁଏଲର୍ସର ସିଇଓ ରୁତେଶ ଶାହା ବଲିଉଡ୍ ଅଭିନେତ୍ରୀ ନିମ୍ରତ କୌରଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ସନ୍ତୋଷଜନକ ସ୍ୱୀକୃତି ଖିମଜୀର ନବୀନତା, ଉତ୍କୃଷ୍ଟ ଗୁଣବତ୍ତା ଏବଂ ଅତୁଳନୀୟ ଗ୍ରାହକ ସେବା ପ୍ରତି ଅତୁଟ ପ୍ରତିବଦ୍ଧତାକୁ ପାଳନ କରୁଛି। ୧୯୩୬ରେ ଶ୍ରୀ ଦୟାଭାଇ ଖିମଜୀଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଖିମଜୀ ଜୁଏଲର୍ସ ପ୍ରାୟ ୯ ଦଶକ ଧରି ବିଶ୍ୱାସ ଏବଂ କାରିଗରୀରର ପରିପୂରକ ଭାବେ ପରିଚିତ ରହିଛି।

ଟାଇମ୍ସ ନାଓର ଏହି ସ୍ୱୀକୃତି ପ୍ରତି କୃତଜ୍ଞତା ପ୍ରକାଶ କରି ଖିମଜୀ ଜୁଏଲର୍ସର ସିଇଓ ରୁତେଶ ଶାହା କହିଛନ୍ତି ଯେ, ଟାଇମ୍ସ ନାଓର ଏହି ସ୍ୱୀକୃତି ଆମକୁ ଗର୍ବିତ କରିଛି। ଏହି ପୁରସ୍କାର ଆମର ଦୂରଦର୍ଶୀ ନେତୃତ୍ୱ, ଆମ ଟିମ୍ ପ୍ରତି ଅସୀମ ଆଗ୍ରହ ଏବଂ ଆମ ଗ୍ରାହକମାନଙ୍କ ବିଶ୍ୱାସର ଫଳ। ଖିମଜୀ ଜୁଏଲର୍ସରେ ଆମେ କେବଳ ଅଳଙ୍କାର ତିଆରି କରୁନାହୁଁ, ବରଂ ଆମେ ଜୀବନର ସୁନ୍ଦର ସ୍ମୃତିଗୁଡିକୁ ସଜାଇଥାଉ। ଏହି ସମ୍ମାନ ଆମକୁ ନିରନ୍ତର ନବସୃଜନ ଏବଂ ଉତ୍କୃଷ୍ଟତା ପ୍ରଦାନ କରିବାକୁ ପ୍ରେରଣା ଦେଇଛି। ଟାଇମ୍ସ ନାଓ ବିଜନେସ୍ ଏକ୍ସଲେନ୍ସ ଆୱାର୍ଡସ୍-ଇଷ୍ଟ ୨୦୨୫ ସେହି ଉଦ୍ୟୋଗଗୁଡ଼ିକ ପାଇଁ ଏକ ଉଜ୍ଜ୍ୱଳ ଚିହ୍ନ ଯେଉଁମାନେ ନବସୃଜନ, ସ୍ଥିରତା ଏବଂ ଦୂରଦର୍ଶୀ ନେତୃତ୍ୱ ମାଧ୍ୟମରେ ଶିଳ୍ପର ପୁନର୍ବିନ୍ୟାସ କରୁଛନ୍ତି।





# ହିନ୍ଦୀ ମ୍ୟୁଜିକ୍ ଭିଡିଓରେ ସ୍ୱପ୍ନା ଓ ରାକେଶ

ବଲିଉଡ୍‌ର ଲୋକପ୍ରିୟ ଟାଇମ୍ସ ଅଡିଓରେ ମୁକ୍ତିଲାଭ କରିଛି ହିନ୍ଦୀ ମ୍ୟୁଜିକ ଭିଡିଓ 'ଦିଲ ନା ଲଗେ...'। ଏହାର ସୁଟିଂ ଭୁବନେଶ୍ୱର ଏବଂ ପୁରୀରେ ହୋଇଛି। ଏଥିରେ ଓଡ଼ିଆ ଅଭିନେତା ରାକେଶ ଦେଓ ଓ ଅଭିନେତ୍ରୀ ସ୍ୱପ୍ନା ପତି ଅଭିନୟ କରିଛନ୍ତି। କେବଳ ସେତିକି ନୁହେଁ, ଏହାର ନିର୍ଦ୍ଦେଶକ ଓ ପ୍ରଯୋଜକ ମଧ୍ୟ ଓଡ଼ିଆ। ଏଥିରେ ଉଭୟ ବଲିଉଡ୍ ଏବଂ ଓଲିଉଡ୍‌ର ଗୋଟିଏ ଲେଖାଏଁ ଟିମ୍ କାମ କରିଛନ୍ତି। ହିନ୍ଦୀ ଚଳଚ୍ଚିତ୍ରର ଜଣାଶୁଣା ଗାୟିକା ପ୍ରତୀକ୍ଷା ବଶିଷ୍ଠ ଏଥିରେ କଣ୍ଠଦାନ କରିଛନ୍ତି। ସଙ୍ଗୀତ ଦେଇଛନ୍ତି ସୁଦୀପ ଜେନା। ମୁମ୍ବାଇର ଆର୍ ଆଣ୍ଡ ବି ଷ୍ଟୁଡିଓରେ ଏହାର ରେକର୍ଡ କରାଯାଇଛି। ସେହିପରି ଓଲିଉଡ୍ ଟିମ୍‌ର ନେତୃତ୍ୱ ନେଇଛନ୍ତି ବଲିଉଡ୍‌ରେ ଅବସ୍ଥାପିତ ଓଡ଼ିଆ ପ୍ରଯୋଜକ ରାଜେଶ କୁମାର ମହାନ୍ତି। ଏସ୍‌ଆର୍ ଏଣ୍ଟରପ୍ରାଇଜର୍ସ ଓ ଟାଇମ୍ସ ଅଡିଓ ନିବେଦିତ ଏହି ମ୍ୟୁଜିକ୍ ଭିଡିଓର ନିର୍ଦ୍ଦେଶକ ଅଛନ୍ତି ସଞ୍ଜୟ କୁମାର ସାହୁ। ସେ ଏହାର ନୃତ୍ୟ ନିର୍ଦ୍ଦେଶନା ବି ଦେଇଛନ୍ତି। ଦୃଶ୍ୟଗ୍ରହଣ କରିଛନ୍ତି ଅଜିତ ଦାସ। ତେବେ ଏକ ଜାତୀୟ ସ୍ତରର ମ୍ୟୁଜିକ ଭିଡିଓରେ ଓଡ଼ିଆ ଅଭିନେତା ଅଭିନେତ୍ରୀଙ୍କ ସମେତ ଓଡ଼ିଆ ଟେକ୍ନିସିଆନ୍ କାମ କରିବା ନିଶ୍ଚିତ ଭାବରେ ଗୌରବର ବିଷୟ। ■



# ନିର୍ଦ୍ଦେଶନାରେ ପାଦ ଦେଲେ ଦେବ

ଓଡ଼ିଶାର ପୁଅ କୁମାର ସି. ଦେବ ମହାପାତ୍ରଙ୍କ କର୍ମସ୍ଥଳ ସୁଦୂର ମୁମ୍ବାଇ ଓ ଚେନ୍ନାଇ। ସେ ଓଡ଼ିଆ, ହିନ୍ଦୀ ଓ ଅନ୍ୟାନ୍ୟ ଭାଷାଭାଷୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଶତାଧିକ ଚଳଚ୍ଚିତ୍ରରେ ମୁଖ୍ୟ ସହଯୋଗୀ ନିର୍ଦ୍ଦେଶକ ତଥା କ୍ୟାମେରାମ୍ୟାନ୍ ଭାବେ ସୁନାମ ଅର୍ଜନ କରିଛନ୍ତି। କିନ୍ତୁ ନିଜ ବାପା ସବ୍ୟସାଚୀ ମହାପାତ୍ରଙ୍କ ପରି ଇଚ୍ଛା ଥିଲା ନିର୍ଦ୍ଦେଶନା କ୍ଷେତ୍ରରେ ନିଜର କ୍ୟାରିଅର ଗଢ଼ିବା। ଏବେ ପ୍ରଥମ ଥର ପାଇଁ 'ଅନନ୍ତା' ନାମକ ଓଡ଼ିଆ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଏହାକୁ ପ୍ରଯୋଜନା କରିଛନ୍ତି ନବୀନ ଭଣ୍ଡାରୀ, ସୂରଜ ମହନୋତ ଏବଂ ଅର୍ଚ୍ଚିତା ସାହୁ। ଏଥିରେ ଅନନ୍ତା ଭୂମିକାରେ ନାୟକ ସବ୍ୟସାଚୀ ମିଶ୍ର ଅଭିନୟ କରିଛନ୍ତି। ତେବେ ସହଯୋଗୀ ନିର୍ଦ୍ଦେଶକ ଭାବେ ପ୍ରଥମେ ହିନ୍ଦୀ ସିନେମା 'ଗୁରୁ' ମାଧ୍ୟମରେ ଏଣ୍ଟ୍ରି କଲେ। ପରେ 'କଭି ଖୁସି କଭି ଗମ୍', 'ପୁଷ୍ପା ୧', 'ପୁଷ୍ପା ୨', 'ପଠାନ', ଆଦି ଚଳଚ୍ଚିତ୍ରରେ ମୁଖ୍ୟ ସହଯୋଗୀ ଭାବେ କାର୍ଯ୍ୟ କଲେ। କୁମାର 'ରାବଣ' ଫିଲ୍ମରେ ମଧ୍ୟ ମୁଖ୍ୟ ସହଯୋଗୀ ନିର୍ଦ୍ଦେଶକ ଭାବେ କାମ କରିଥିଲେ। ତା'ପରେ ସେ ଗୋଟିଏ ପରେ ଗୋଟିଏ ଉଭୟ ହିନ୍ଦୀ ଏବଂ ତେଲଗୁ ସିନେମା କରି ଚାଲିଲେ। ୨୦୧୩ ରେ 'ଦିଲ୍ଲୀ ଇନ୍ ଏ ଡେ' ନାମକ ଏକ ଇଂରାଜୀ ଚଳଚ୍ଚିତ୍ରର ପ୍ରଯୋଜନା ମଧ୍ୟ କରିଥିଲେ। ପୂର୍ବରୁ କୁମାର ନିଜ ବାପା ସବ୍ୟସାଚୀ ମହାପାତ୍ରଙ୍କ ସହିତ 'ଶଳାବୁଢ଼ା', 'ଆଦିମ ବିଚାର', 'ପାହାଡ଼ର ଲୁହ' ଇତ୍ୟାଦି ଚଳଚ୍ଚିତ୍ରରେ ବାପାଙ୍କ ସହଯୋଗୀ ନିର୍ଦ୍ଦେଶକ ତଥା ଏଡିଟର୍ ଭାବେ କାମ କରିଛନ୍ତି। 'ଶଳାବୁଢ଼ା ବଦଲା'ର ପ୍ରଯୋଜନା ଭାର ସମ୍ଭାଳିଥିଲେ କୁମାର ଏବଂ ଏ ଲାଗି ପ୍ରଯୋଜକ ଭାବରେ ଜାତୀୟ ପୁରସ୍କାର ପାଇଥିଲେ। ■

# ଜୁନ୍ ୬ରେ 'ଫାଷ୍ଟ ଲଭ୍'

ଜୀ ସାର୍ଥକ ବ୍ୟାନର୍‌ରେ ନିର୍ମିତ 'ଫାଷ୍ଟ ଲଭ୍' ଚଳଚ୍ଚିତ୍ର ୬ ଜୁନ୍‌ରେ ରଜ ଉପଲକ୍ଷେ ମୁକ୍ତିଲାଭ କରିବ। ଏକ ରୋମାଣ୍ଟିକ ଲଭ୍ ଷ୍ଟୋରିକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଫାଷ୍ଟ ଲଭ୍'। ରେଞ୍ଜ ରୟାଲ୍ ସିନେ ଲ୍ୟାବ୍ ବ୍ୟାନରରେ ଏବଂ ଜୀ ସାର୍ଥକ ସହଯୋଗିତାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶ୍ରୀଧର ମାର୍ଥା ଏବଂ କିଶୋର ନାୟକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅଭିଷେକ ମିତ୍ର। ସଂଳାପ ରଚନା କରିଛନ୍ତି ଡଃ ନିର୍ମଳ ନାୟକ। ଏହାର ଗୀତଗୁଡ଼ିକକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥି, ସାନ୍ତୋଜିତ ଚାଟାର୍ଜୀ, ନବ୍‌ସ ଏବଂ ସରୋଜ। ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ବଲିଉଡ ଓ ଓଲିଉଡ଼ର ସୁନାମଧନ୍ୟ ଗାୟକ ଜାଭେଦ ଅଲି, ହ୍ୟୁମାନ୍ ସାଗର, ଅସୀମ ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ଗୌରବ ଆନନ୍ଦ ଓ କୁଳଦୀପ ପଟ୍ଟନାୟକ। କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଅମିତ ନାୟକ, ଗିରିଶ ମହାନ୍ତି ଓ ଦିବ୍ୟ। ସିନେମାର ମୁଖ୍ୟ ଭୂମିକାରେ ଶୈଳେନ୍ଦ୍ର ଏବଂ ଦିବ୍ୟା ବ୍ୟତୀତ ଚୌଧୁରୀ ଜୟ ପ୍ରକାଶ ଦାସ, ଉଷସୀ ମିଶ୍ର, ଶୁଭ୍ରାଂଶୁ ନାୟକ, ମିଲି ମହାନ୍ତି, ବୁଲୁ ପଣ୍ଡା ପ୍ରମୁଖ ଅଛନ୍ତି। ଓଡ଼ିଆ ଯୁବଦର୍ଶକଙ୍କ ପସନ୍ଦକୁ ଧ୍ୟାନରେ ରଖାଯାଇ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଯାହା ଦର୍ଶକଙ୍କ ମନକୁ ଛୁଇଁବା ଆଶା କରାଯାଉଛି। ■



୫ ଜୁନ୍ ୨୦୨୫

# ଦର୍ଶକଙ୍କୁ ଆକର୍ଷିତ କରୁଛି ଗାଲା ରାଉଣ୍ଡ



ଜୀ ସାର୍ଥକରେ ଏବେ ପ୍ରସାରିତ ଓଡ଼ିଶାର ସବୁଠାରୁ ଲୋକପ୍ରିୟ ରିୟାଲିଟି ଶୋ' 'ରଜ କୁଇନ୍ ୨୦୨୫'। ଅନେକ ଆଶାୟୀ ପ୍ରାର୍ଥୀ ଏଥିରେ ଭାଗ ନେଇ ଅଡିସନ୍ ରାଉଣ୍ଡରୁ ଆଗକୁ ଆସି ଗାଲା ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ଚଳିତ ବର୍ଷ 'ରଜ କୁଇନ୍'ର ଗାଲା ରାଉଣ୍ଡରେ ପ୍ରତିଯୋଗୀମାନେ ସମ୍ପୂର୍ଣ୍ଣଭାବେ ଏକ ଭିନ୍ନ ଓ ଆକର୍ଷଣୀୟ ପର୍ଯ୍ୟାୟ ମାଧ୍ୟମରେ ଆଗକୁ ବଢ଼ିବେ। ସବୁ ପର୍ଯ୍ୟାୟରେ ନିଜର ଚତୁରତା, ବୁଦ୍ଧିମତା ଓ କୌଶଳର ପରିଚୟ ଦେଖାଇ ପ୍ରତିଯୋଗୀମାନେ ଜଜ୍‌ମାନଙ୍କୁ ଆକର୍ଷିତ କରିବା ସହ ଗ୍ରାଣ୍ଡ ଫିନାଲେ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହେବେ। ପ୍ରତିଯୋଗୀମାନେ ଏକ ଐତିହ୍ୟ ଯାତ୍ରାରେ ଓଡ଼ିଶାର ବିଭିନ୍ନ ଐତିହ୍ୟ ସ୍ଥଳୀ ପରିଦର୍ଶନ କରିବା ସହ ନିଜର ସାହସିକ କୌଶଳ ମାଧ୍ୟମରେ ଓ ପଥପ୍ରାନ୍ତ ନାଟକ ଦ୍ୱାରା ଆଗ ପର୍ଯ୍ୟାୟକୁ ବଢ଼ିବେ। ଚଳିତବର୍ଷ ଏହି ସିଜନ୍‌ରେ ମେଣ୍ଟର୍ ଭାବରେ ଓଲିଉଡ଼ ଇଣ୍ଡଷ୍ଟ୍ରିର ପ୍ରତିଷ୍ଠିତ ହିରୋଇନ ଦିବ୍ୟା, ସୂର୍ଯ୍ୟମୟୀ, ଅନୀଷା ଓ ଅନୁଭା ନିଜର ଟିମ୍ ମନୋନୀତ କରିଛନ୍ତି। ସେହିପରି ଚଳିତ ବର୍ଷ ଜଜ୍ ଭାବରେ ନଜର ଆସିଛନ୍ତି ଲିପି ମହାପାତ୍ର, ଶ୍ରୀତମ ଦାସ ଓ ଦେବାଶିଷ ପାତ୍ର। ■

## ପରଦା ପଛର କାହାଣୀ

# ଗୋଟିଏ ବିଲ୍ଡିଂରେ ଫିଲ୍ମ ସୁଟିଂ




ବଲିଉଡ୍‌ରେ କମ୍ ବଜେଟ୍‌ରେ ତିଆରି ହୋଇଥିବା ଅନେକ ଫିଲ୍ମ ରହିଛି। ତେବେ କମ୍ ବଜେଟ୍ ସତ୍ତ୍ୱେ ଏଭଳି ଫିଲ୍ମ ସୁପରହିଟ୍ ହୋଇଛି। ସେମିତି ଏକ ଫିଲ୍ମ ହେଉଛି 'ଟ୍ରାପ୍‌ଡ'। ବିକ୍ରମାଦିତ୍ୟ ମୋଟ୍‌ୱାନେ ନିର୍ଦ୍ଦେଶିତ ଏହି ଫିଲ୍ମକୁ ଲୋକେ ଏବେ ବି ଝୁରୁଛନ୍ତି। ରାଜକୁମାର ରାଓଙ୍କ ଅଭିନୀତ ଏହି ଫିଲ୍ମ ୨୦୧୬ ମସିହାରେ ମୁକ୍ତିଲାଭ କରିଥିଲା। ୨୦ ଦିନରେ ନିର୍ମିତ ଏହି ଫିଲ୍ମର ସଫଳତା ସମସ୍ତଙ୍କୁ ଚକିତ କରିଥିଲା। ଏଥିରେ ରାଜ କୁମାରଙ୍କ ଅଭିନୟ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ଫିଲ୍ମଟି ସର୍‌ଭାଇଭର୍ ଡ୍ରାମା (ବଞ୍ଚିବା ପାଇଁ ସଂଘର୍ଷ) ଉପରେ ଆଧାରିତ। ଅର୍ଥାତ୍ ଜଣେ ବ୍ୟକ୍ତି ବଞ୍ଚିବା ପାଇଁ ଗୋଟିଏ ଖାଲି ଆପାର୍ଟମେଣ୍ଟରେ କିପରି ସଂଘର୍ଷ କରୁଛନ୍ତି ତାହା ଏଥିରେ ଦର୍ଶାଯାଇଛି। ଏହା ଏକ ସାଧାରଣ ଫିଲ୍ମ ଥିଲା। କିନ୍ତୁ ଏଥିରେ ଏମିତି କିଛି ଦୃଶ୍ୟ ଥିଲା, ଯାହା ଦର୍ଶକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ମୁମ୍ବାଇର ଏକ ଖାଲି ଆପାର୍ଟମେଣ୍ଟରେ 'ଟ୍ରାପ୍‌ଡ'ର ସୁଟିଂ କରାଯାଇଥିଲା। ଯାହାକୁ ରାଜ କୁମାର ଭଡ଼ାରେ ନେଇଥିଲେ। ଏହି ଗୋଟିଏ ଆପାର୍ଟମେଣ୍ଟରେ ହିଁ ସମ୍ପୂର୍ଣ୍ଣ ଫିଲ୍ମର କାହାଣୀ ସୁଟିଂ ହୋଇଛି। ଫିଲ୍ମର ପ୍ରତିଟି ଦୃଶ୍ୟ ଛାତି ଥରାଇବା ପରି ଥିଲା। ଆଜି ମଧ୍ୟ ଲୋକେ ଏହାକୁ ପ୍ରଥମ ଫିଲ୍ମ ଭଳି ଉତ୍ସାହର ସହ ଦେଖିଥାନ୍ତି। ପାଞ୍ଚ କୋଟି ଟଙ୍କାରେ ନିର୍ମିତ ଏହି ଫିଲ୍ମ ସମଗ୍ର ବିଶ୍ୱରେ ୩୦ କୋଟି ଆୟ କରିଥିଲା। 'ଟ୍ରାପ୍‌ଡ' ଫିଲ୍ମ ବଜେଟଠାରୁ ଛଅ ଗୁଣା ଅଧିକ ଆୟ କରିଥିଲା। ଏହି ଫିଲ୍ମକୁ ସିନେ ଦର୍ଶକେ ମଧ୍ୟ ବେଶ୍ ପ୍ରଶଂସା କରିଥିଲେ। ଏଥିରେ ରାଜ କୁମାରଙ୍କ ଅଭିନୟକୁ ଲୋକେ ଖୁବ୍ ପ୍ରଶଂସା କରିଥିଲେ। ■

# "ବିଫଳତା ହିଁ ସଫଳତାର ମାପକାଠି"

**ଅସୀମା ପତି, ଅଭିନେତ୍ରୀ**

ସାକ୍ଷାତକାର

ବିଫଳତା ହିଁ ତାଙ୍କୁ ସଫଳତାର ସ୍ୱାଦ ଚଖାଇଥିଲା। ବିଫଳତାରେ ସେ ଧୈର୍ଯ୍ୟହରା ହୋଇନଥିଲେ, ବରଂ ସଫଳ ହେବାକୁ ପ୍ରୟାସ ଜାରି ରଖିଥିଲେ। ଆଉ ଶେଷରେ ଅଭିନୟରେ ସଫଳତା ଲାଭ କରିଥିଲେ କଟକର ଅସୀମା ପତି। କୌଣସି ଅଭିଜ୍ଞତା ନ ଥାଇ ସେ ଧାରାବାହିକ 'ତୋ ପାଇଁ ମୁଁ ମୋ ପାଇଁ ତୁ'ରେ ଅଭିନୟ କରିବାର ସୁଯୋଗ ପାଇଥିଲେ। ଏହା ପରେ 'ତାରିଣୀ ଆଖିର ତାରା' ଧାରବାହିକରେ 'ତାରା' ଚରିତ୍ର ଜରିଆରେ ସେ ଘରେ ଘରେ ହେଲେ ପରିଚିତ। ଦର୍ଶକଙ୍କୁ ଏକାଧିକ ହିଟ୍ ମ୍ୟୁଜକ୍ ଭିଡ଼ିଓ ଭେଟି ଦେଇଛନ୍ତି ଏହି ଅଭିନେତ୍ରୀ ଜଣକ। ଜଣେ ୟୁଟ୍ୟୁବର୍ ଭାବେ ତାଙ୍କର ବେଶ୍ ନାଁ ରହିଛି। ତେବେ ଧାରାବାହିକରୁ ତାଙ୍କ ଅଭିନୟ ଯାତ୍ରା କିପରି ଆରମ୍ଭ ହେଲା, ଜାଣିବା ତାଙ୍କ ମୁହଁରୁ...

**ଅଭିନୟ ପ୍ରତି କେବେଠୁ ଆଗ୍ରହ ବଢ଼ିଲା?**

● ମୋ ଜେଜେମା କିରଣବାଳା ପତି ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ। ସେ ଅନେକ ଥିଏଟରରେ ନାଟକ କରିଛନ୍ତି। ମୁଁ ଭାବେ ତାଙ୍କ କଳାଟା ମୋ ପାଖକୁ ଆସିଛି। ତେଣୁ ପିଲାଟି ଦିନରୁ ମୁଁ ଅଭିନେତ୍ରୀ ହେବି ବୋଲି ଭାବି ନେଇଥିଲି। ମୋ ଜେଜେମା ସବୁବେଳେ ମୋତେ ସମର୍ଥନ କରୁଥିଲେ। ଘରଲୋକଙ୍କ ସହଯୋଗରେ ରଜ କୁଇନ୍ -୧୯ରେ ଟପ୍ ୮ରେ ଥିଲି। ଏହା ପରେ ଦୁଇଥର ରଜ କୁଇନ୍ ମେଗା ଅଡିସନ୍‌ରେ ହାରିଯିବା ପରେ ମ୍ୟୁଜିକ୍ ଭିଡିଓରେ କାମ ଆରମ୍ଭ କରିଥିଲି। 'ତୋ ପାଇଁ ମୁଁ ମୋ ପାଇଁ ତୁ' ମୋର ପ୍ରଥମ ଧାରାବାହିକ। ଏହି ଧାରାବାହିକ ସୁଟିଂ କରିବାର ୧୫ ଦିନ ପରେ 'ତରଙ୍ଗ'ରୁ 'ତାରିଣୀ ଆଖିର ତାରା'ରେ ଲିଡ୍ ରୋଲ୍ ମିଳିଥିଲା। ଏଥିରେ 'ତାରା' ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଏହି ଶୋ ସାଢ଼େ ତିନିବର୍ଷ ଚାଲିଥିଲା। 'ତାରିଣୀ ଆଖିର ତାରା' ପାର୍ଟ ଟୁ 'ତୁ ମୋ ଆଖିର ତାରା' ହୋଇଥିଲା। ମୋର ୨୫ରୁ ଉର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓ ମଧ୍ୟରୁ 'ମୋ ଧନ ଭାଙ୍ଗିଦେଇ ଗଲା ମୋରି ମନ' ଏବଂ 'ଏ ମେଘ ଏ ମେଘ' ଦୁଇଟି ମ୍ୟୁଜିକ୍ ଭିଡ଼ିଓ ଅଧିକ ଲୋକପ୍ରିୟ ହୋଇଛି। 'ଚୋରି ଚୋରି ବୋହୂ ଚୋରି' ଫିଲ୍ମରେ ବି ଲିଡ୍ ରୋଲ କରିଛି।

**ପ୍ରଥମେ କ୍ୟାମେରା ସାମ୍‌ନା କରିବାକୁ ଡର ଲାଗିଥିଲା?**

● ଆଦୌ ଭୟ କରି ନ ଥିଲି। କାରଣ ଅଭିନୟ କରିବା ପୂର୍ବରୁ ମୋ ନିଜକୁ ମୁଁ ସେମିତି ଗଢ଼ି ଦେଇଥିଲି। ତେଣୁ କ୍ୟାମେରା ସାମ୍ନାରେ ମୋର ପ୍ରଥମ ଟେକ୍ ଓକେ ହୋଇଥିଲା।

**ଦୀର୍ଘ ସମୟ ଧରି ଡବଲ୍ ରୋଲ୍ କରିଲେ। ଏହା ଆପଣଙ୍କ ପାଇଁ କେତେ ଚ୍ୟାଲେଞ୍ଜେସ୍ ଥିଲା ?**

● ଡବଲ ରୋଲ୍ କରିବା ବହୁତ କଠିନ। ହେଲେ ମୁଁ ମୋ ଫ୍ୟାନ୍‌ଙ୍କ ଖୁସି ପାଇଁ ଏହି ଚ୍ୟାଲେଞ୍ଜ ପୂରା କରିପାରିଥିଲି।

**ସୁଟିଂ ସେଟ୍‌ର ଅଭୁଲା ଅନୁଭୂତି?**

● ଥରେ ସୁଟିଂ ପାଇଁ ମୋ ଆଖି, ନାକ ଆଉ ପାଟିକୁ ଛାଡ଼ି ପୂରା ଶରୀରକୁ ମାଟିରେ ପୋତି ଦିଆଯାଇଥିଲା। କାଳେ ମୋର କିଛି ହୋଇଯିବ ଭାବି ଭୟ କରିଦେଇଥିଲି।

**ଅଭିୟନକୁ ବାଦ୍ ଦେଲେ କ'ଣ କରନ୍ତି?**

● ରୋଷେଇ, ନୃତ୍ୟରେ ମୋର ରୁଚି ରହିଛି। ମୋର ୟୁଟ୍ୟୁବ୍ ଚ୍ୟାନେଲ ରହିଛି। ମୋ ଜେଜେମାଙ୍କ ସହ ମିଶି ଅନେକ ଗୁଡ଼ିଏ ମଜାଳିଆ ଭିଡ଼ିଓ କରେ। ମା' ମୋତେ ଓଡ଼ିଶୀ ଷ୍ଟେପ୍‌ସ ଶିଖାନ୍ତି।

**ଭଲ ଅଭିନୟ ପାଇଁ କ'ଣ କରନ୍ତି?**

● ବିଫଳତା ହିଁ ସଫଳତାର ଚାବି କାଠି। ଏହି ବିଶ୍ୱାସ ରଖି ମୁଁ କାମକୁ ଯାଏ। ବାକି ଭଗବାନଙ୍କ ଉପରେ ଛାଡ଼ିଦିଏ। ହାର୍‌କୁ ନକାରାତ୍ମକ ଭାବେ ଗ୍ରହଣ ନ କରି ଦ୍ୱିତୀୟ ଥର କିପରି ସଫଳ ହେବି ତାହାକୁ ଗୁରୁତ୍ୱ ଦେଇଥାଏ। ଏ ଲାଇନ୍‌କୁ ଆସିବା ପୂର୍ବରୁ ଘରେ ଦର୍ପଣ ଆଗେ ଅଭ୍ୟାସ ଜାରି ରଖୁଥିଲି। କିଛି ନା କିଛି ସଂଳାପ କହୁଥାଏ। ଏଥିପାଇଁ ଘରେ ବହୁତ ଗାଳି ବି ଖାଇଛି।

**ଆଗାମୀ ଯୋଜନା?**

● ଏବେ ନିଜକୁ କିଛି ସମୟ ଦେଉଥିବାରୁ ଦୁଇଟି ପ୍ରୋଜେକ୍ଟକୁ ଛାଡ଼ି ଦେଇଛି। କିଛି ସମୟ ବିରତି ପରେ ମୁଁ ପୁଣି କମ୍‌ବ୍ୟାକ୍ କରିବି। ■






## ■ ଚହଲଙ୍କୁ ନେଇ ଚର୍ଚ୍ଚା

ଅହମ୍ମଦାବାଦ, ୪।୬ (ଏଜେନ୍ସି): ପଞ୍ଜାବ କିଙ୍ଗସ ୧୧ ବର୍ଷ ପରେ ଦ୍ୱିତୀୟଥର ଆଇପିଏଲ୍ ଫାଇନାଲ ଖେଳିଥିଲେ ମଧ ଦଳକୁ ପୁଣିଥରେ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ପଞ୍ଜାବର ପରାଜୟ ପରେ ସାମାଜିକ ଗଣମାଧ୍ୟମରେ ଦଳର ଜଣେ ଖେଳାଳିଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସେ ହେଉଛନ୍ତି ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ। ସାମାଜିକ ଗଣମାଧ୍ୟମରେ ଅନେକ ୟୁଜର୍ସ ଚହଲଙ୍କୁ 'ପନୌତି' ଆଖ୍ୟା ଦେଇଛନ୍ତି। ଚହଲଙ୍କୁ 'ପନୌତି' ଆଖ୍ୟା ଦେବା ପଛର କାରଣ ମଧ ୟୁଜର୍ସମାନେ ଉଲ୍ଲେଖ କରିଛନ୍ତି। ଚହଲ ତାଙ୍କ ଆଇପିଏଲ୍ କ୍ୟାରିୟରରେ ଯେଉଁ ଦଳ ପାଇଁ ଫାଇନାଲ ମ୍ୟାଚ୍ ଖେଳିଛନ୍ତି ସେହି ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଚଳିତ ସଂସ୍କରଣ ପୂର୍ବରୁ ଚହଲ ୨୦୨୨ ସଂସ୍କରଣରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଫାଇନାଲ ମ୍ୟାଚ୍ ଖେଳିଥିଲେ। ଏହି ମ୍ୟାଚରେ ଗୁଜରାଟ ଟାଇଟନ୍ସ ନିକଟରୁ ହାରି ରାଜସ୍ଥାନ ଉପବିଜେତା ରହିଥିଲା। ସେହିଭଳି ୨୦୧୬ରେ ଚହଲ ବେଙ୍ଗାଲୁରୁ ପାଇଁ ଖେଳୁଥିବାବେଳେ ଦଳ ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ଫାଇନାଲରେ ସନରାଇଜର୍ସ ହାଇଦରାବାଦ ନିକଟରୁ ବେଙ୍ଗାଲୁରୁ ହାରିଯାଇଥିଲା। ତିନୋଟି ଯାକ ଫାଇନାଲରେ ଚହଲ ଚୂଡ଼ାନ୍ତ ଏକାଦଶରେ ରହିଥିଲେ ମଧ ତାଙ୍କ ଦଳ ପରାସ୍ତ ହୋଇଥିଲା। ତେବେ ୨୦୧୩ ସିଜନରେ ଚହଲ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳୁଥିବାବେଳେ ଦଳ ଫାଇନାଲକୁ ଯାଇଥିଲା। ସେହି ସଂସ୍କରଣରେ ମୁମ୍ବାଇ ଚାମ୍ପିଅନ ହୋଇଥିବାବେଳେ ଚହଲ ଫାଇନାଲରେ ଖେଳିବାର ସୁଯୋଗ ପାଇ ନ ଥିଲେ। ଗତକାଲି ଫାଇନାଲରେ ସେ ବେଙ୍ଗାଲୁରୁ ବିପକ୍ଷରେ ୪ ଓଭରରେ ୩୭ ରନ ବ୍ୟୟ କରି ମାତ୍ର ଗୋଟିଏ ୱିକେଟ୍ ପାଇଥିଲେ।

## ■ ବିରଳ କ୍ଲବରେ କ୍ରୁନାଲ

ଅହମ୍ମଦାବାଦ, ୪।୬ (ଏଜେନ୍ସି): ଆଇପିଏଲ୍-୧୮ ଫାଇନାଲ ମ୍ୟାଚରେ କ୍ରୁନାଲ ପାଣ୍ଡ୍ୟା ଦମ୍‌ଦାର ପ୍ରଦର୍ଶନ କରି ବେଙ୍ଗାଲୁରୁକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ତାଙ୍କ ୪ ଓଭର ବୋଲିଂ କୋଟାରେ ମାତ୍ର ୧୭ ରନ ବ୍ୟୟ କରି ପ୍ରଭସିମରନ ସିଂହ ଓ ଜୋଶ୍ ଇଂଲିଶଙ୍କ ମୂଲ୍ୟବାନ ୱିକେଟ୍ ନେଇଥିଲେ। ଏଥିସହ ବ୍ୟାଟିଂରେ ୪ ରନ କରିବା ସହ ଫିଲ୍ଡିଂରେ ନେହାଲ ୱାଧେରାଙ୍କ କ୍ୟାଚ୍ ମଧ ଧରିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ସେ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଇପିଏଲ୍ ଇତିହାସରେ ପ୍ରଥମ ଖେଳାଳି ଭାବେ କ୍ରୁନାଲ ଦୁଇଥର ଫାଇନାଲର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ଏଥିପୂର୍ବରୁ ୨୦୧୭ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ଚାମ୍ପିଅନ ହୋଇଥିବାବେଳେ ପାଣ୍ଡ୍ୟା ୩୮ ବଲରୁ ୪୭ ରନ କରି ଶ୍ରେଷ୍ଠ ଖେଳାଳି ହୋଇଥିଲେ।









ଷ୍ଟାଡିୟମ୍ ବାହାରେ ଦଳାଚକଟା

# ଶୋକରେ ବୁଡ଼ିଲା ବିଜୟ ଉତ୍ସବ

ବେଙ୍ଗାଲୁରୁ, ୪।୬ (ଏଜେନ୍ସି):

ଦୀର୍ଘ ୧୮ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଆଇପିଏଲ୍ ଟ୍ରଫି ଜିତିବା ସ୍ୱପ୍ନ ସାକାର ହୋଇଛି। ମଙ୍ଗଳବାର ରାତିରେ ଅହମ୍ମଦାବାଦରେ ଅନୁଷ୍ଠିତ ଆଇପିଏଲ୍-୧୮ ଫାଇନାଲରେ ଆର୍‌ସିବି ୬ ରନରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଥିଲା। ଏଥିସହ ଆଇପିଏଲ୍ ଆରମ୍ଭରୁ ଦୀର୍ଘ ୧୮ ବର୍ଷ ହେବ ଦଳ ପାଇଁ ପ୍ରତିନିଧିତ୍ୱ କରିଆସୁଥିବା ତାରକା ଖେଳାଳି ବିରାଟ କୋହଲିଙ୍କ ମଧ ଆଇପିଏଲ୍ ଟ୍ରଫି ଜିତିବା ଆଶା ପୂରଣ ହୋଇଛି। ଏହି ଐତିହାସିକ ସଫଳତା ପରେ ବୁଧବାର ଆର୍‌ସିବି ଆଇପିଏଲ୍ ଟ୍ରଫି ସହ ବେଙ୍ଗାଲୁରୁ ଫେରିଥିଲା। ପ୍ରଥମଥର ଆଇପିଏଲ୍‌ରେ ଚାମ୍ପିଅନ ହୋଇଥିବାରୁ କର୍ଣ୍ଣାଟକ କ୍ରିକେଟ୍ ସଂଘ ପକ୍ଷରୁ ଦଳ ପାଇଁ ଭବ୍ୟ ସ୍ୱାଗତ ସମାରୋହ ଉତ୍ସବ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆୟୋଜିତ କରାଯାଇଥିଲା। ତେବେ ଷ୍ଟାଡିୟମ ବାହାରେ ଆର୍‌ସିବି ପ୍ରଶଂସକଙ୍କ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ଲକ୍ଷ ଲକ୍ଷ ଆର୍‌ସିବି ପ୍ରଶଂସକ ତାଙ୍କ ପ୍ରିୟ କ୍ରିକେଟର୍ କୋହଲିଙ୍କୁ ଦେଖିବା ଲାଗି ଉତ୍କଣ୍ଠା ସହ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହିଥିଲେ। ଅପରାହ୍ଣରେ ଖେଳାଳିମାନେ ପହଞ୍ଚିବା ସମୟରେ ହଠାତ୍ ଭିଡ଼ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଫଳରେ ଷ୍ଟାଡିୟମ ବାହାରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୧୧ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ପ୍ରକାଶ ପାଇଛି। ଏହି ଅଘଟଣ ଯୋଗୁ ଶେଷରେ ମହା ଆଡ଼ମ୍ବରରେ ଆୟୋଜିତ ହେବାକୁ ଥିବା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିଜୟ ଉତ୍ସବରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏପରିକି ଏହି ସମାରୋହର ସମୟସୀମା ଅବଧିକୁ କମାଇ ମାତ୍ର ୧୫ ମିନିଟ୍ ମଧ୍ୟରେ ସମାପ୍ତ କରାଯାଇଥିଲା।

### 'ମହୀଶୂର ପେଟା' ପିନ୍ଧାଇ ସ୍ୱାଗତ

ବୁଧବାର ଆର୍‌ସିବି ଦଳ ଅପରାହ୍ଣରେ ଅହମ୍ମଦାବାଦରୁ ବେଙ୍ଗାଲୁରୁ ପହଞ୍ଚିବା ପରେ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଖେଳାଳିଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ଏହାପରେ ଖେଳାଳିମାନେ ବିମାନବନ୍ଦରରୁ ବିଧାନ ସୌଧ ଯାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ସିଦ୍ଧାରମୈୟା ସମସ୍ତ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟମନ୍ତ୍ରୀ ସମସ୍ତ ଖେଳାଳିଙ୍କୁ ପ୍ରସିଦ୍ଧ 'ମହୀଶୂର ପେଟା' (ଏକ ସ୍ୱତନ୍ତ୍ର ସୌନ୍ଦର୍ଯ୍ୟପୂର୍ଣ୍ଣ ପଗଡ଼ି, ଯାହାକୁ ପୂର୍ବରୁ ମହୀଶୂର ରାଜାମାନେ ପିନ୍ଧୁଥିଲେ) ପିନ୍ଧାଇ ସ୍ୱାଗତ କରିଥିଲେ। ଖେଳାଳିମାନେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ପହଞ୍ଚିବା ପରେ ଅଧିନାୟକ ରଜତ ପାଟିଦାର ପ୍ରଥମେ ଟ୍ରଫି ଧରି ବସରୁ ଓହ୍ଲାଇଥିଲେ। ଏହି ସମୟରେ ସେ ଉପସ୍ଥିତ ପ୍ରଶଂସକଙ୍କୁ 'ଆଇ ଲଭ ୟୁ' ବୋଲି ସମ୍ବୋଧିତ କରିଥିଲେ। ଏହାପରେ ରାଜ୍ୟ କ୍ରିକେଟ୍ ସଂଘ ଓ କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଖେଳାଳିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେଠାରେ ଟ୍ରଫି ସହ ସମସ୍ତ ଖେଳାଳି ପଡ଼ିଆର ଚତୁଃପାର୍ଶ୍ୱ ବୁଲି ପ୍ରଶଂସକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଏହି ସମୟରେ ବିରାଟ କୋହଲି, ଅଧିନାୟକ ରଜତ ପାଟିଦାର, କ୍ରୁନାଲ ପାଣ୍ଡ୍ୟା ପ୍ରମୁଖ ଟ୍ରଫି ଧରି ଆଗରେ ରହିଥିଲେ। ତେବେ ଦଳାଚକଟା ଘଟଣାକୁ ନେଇ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏହାକୁ ଦୁର୍ଭାଗ୍ୟପୂର୍ଣ୍ଣ କହିଛନ୍ତି। ପ୍ରଶଂସକ ସେମାନଙ୍କ ପ୍ରିୟ କ୍ରିକେଟର୍‌ଙ୍କୁ ନେଇ ପାଗଳ କିନ୍ତୁ ଏହି ଉତ୍ସବ ଲାଗି ସ୍ୱତନ୍ତ୍ର ପ୍ରସ୍ତୁତିର ଆବଶ୍ୟକତା ରହିଥିଲା ବୋଲି କହିଛନ୍ତି।



## ■ ସିଏମ୍ ଟ୍ରଫି

## ଭୁବନେଶ୍ୱର ଏଫ୍‌ସି ଜୋନ୍ ଚାମ୍ପିଅନ

ଭୁବନେଶ୍ୱର, ୪।୬ (ସମିସ): ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ଚିଫ୍ ମିନିଷ୍ଟର (ସିଏମ୍) ଟ୍ରଫିରେ ଭୁବନେଶ୍ୱର ଜୋନ୍‌ରେ ଭୁବନେଶ୍ୱର ଏଫ୍‌ସି ଚାମ୍ପିଅନ ହୋଇଛି। କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର ଏଫ୍‌ସି ୯-୧ ଗୋଲରେ କଟକ ଏଫ୍‌ସିକୁ ପରାସ୍ତ କରି ଏହି ସଫଳତା ପାଇଛି। ଶ୍ରୀଜାଲ କିସ୍କୁ ଏହି ମ୍ୟାଚରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଚାମ୍ପିଅନ ଭୁବନେଶ୍ୱର ଏଫ୍‌ସି ଟ୍ରଫି ୫୦ ହଜାର ଟଙ୍କା ଏବଂ କଟକକୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଗୁରୁବାର ସେମିଫାଇନାଲରେ ଭୁବନେଶ୍ୱର ଏଫ୍‌ସି ବ୍ରହ୍ମପୁର ଜୋନ୍ ଚାମ୍ପିଅନ ନବରଙ୍ଗପୁର ଏଫ୍‌ସିକୁ ଭେଟିବ। ଏହି ମ୍ୟାଚ୍ ଭୁବନେଶ୍ୱର କ୍ୟାପିଟାଲ ଫୁଟ୍‌ବଲ ଏରେନାରେ ଅପରାହ୍ଣ ୪ଟା ୩୦ରେ ଖେଳାଯିବ। ଆଜି ଅତିଥି ଭାବେ ଫାଓ ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼େଇ, ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏସନ (ବିଏଏ) ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଦିଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

## ପୁରୀରେ ହେବ ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍

ଭୁବନେଶ୍ୱର, ୪।୬ (ସମିସ): ଓଡ଼ିଶା ଭାରୋତ୍ତୋଳନ ସଂଘର କାର୍ଯ୍ୟକାରୀଣି ବୈଠକ ସ୍ଥାନୀୟ ଉତ୍କଳ ସାମ୍ବାଦିକ ସଂଘ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଭାରୋତ୍ତୋଳନ ସଂଘର ସାଧାରଣ ସମ୍ପାଦକ ଆନନ୍ଦ ଗୌଡ଼ ଏହି ସଭାରେ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ପୁରୀ ଜିଲ୍ଲାରେ ଆୟୋଜିତ ହେବ ବୋଲି ସର୍ବସମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ସେହିଭଳି କଟକରେ ଇଣ୍ଟର କ୍ଲବ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭାରୋତ୍ତୋଳିକା ରିମା ଭୋଇଙ୍କୁ ନିଯୁକ୍ତି ପ୍ରଦାନ କରିଥିବାରୁ ରାଜ୍ୟ ସଂଘର ସଦସ୍ୟମାନେ ଟିପିସିଓଏଲ୍‌କୁ ଧନ୍ୟବାଦ ଜଣାଇଥିଲେ। ରାଜ୍ୟ ସଂଘର ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକଙ୍କ ସହ ଅଲିମ୍ପିଆନ କେ. ରବିକୁମାର ଏହି ଅବସରରେ ଉପସ୍ଥିତ ରହିଥିଲେ।



## ଏକଦିବସୀୟ ସିରିଜ ପୋଛିଲା ଇଂଲଣ୍ଡ

ଲଣ୍ଡନ, ୪।୬ (ଏଜେନ୍ସି): ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଚାଲିଥିବା ୩ ମ୍ୟାଚ୍‌ବିଶିଷ୍ଟ ଏକଦିବସୀୟ ସିରିଜକୁ ଘରୋଇ ଇଂଲଣ୍ଡ ୩-୦ରେ କ୍ଲିନସୁଇପ୍ କରିନେଇଛି। ମଙ୍ଗଳବାର ରାତିରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ମ୍ୟାଚରେ ଇଂଲଣ୍ଡ ୭ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଇଂଲଣ୍ଡ ଯଥାକ୍ରମେ ୨୩୮ ରନ ଓ ୩ ୱିକେଟ୍‌ରେ ଜିତିଥିଲା। ଏବେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଶୁକ୍ରବାରଠୁ ଆରମ୍ଭ ହେବ। ତୃତୀୟ ଏକଦିବସୀୟ ମ୍ୟାଚ୍ ପୂର୍ବରୁ ୱେଷ୍ଟଇଣ୍ଡିଜ କ୍ରିକେଟର୍‌ଙ୍କ ବସ୍ ଟ୍ରାଫିକ ଜାମ୍‌ରେ ଫଶିଯାଇଥିଲା। ଯେଉଁଥି ପାଇଁ ଖେଳାଳି ପହଞ୍ଚିବାରେ ବିଳମ୍ବ ହେବାରୁ ମ୍ୟାଚକୁ ୪୦ ଓଭରବିଶିଷ୍ଟ କରାଯାଇଥିଲା।

## ଜାତୀୟ ଟାଏକ୍ୱୋଣ୍ଡୋରେ ବ୍ରହ୍ମପୁରକୁ ୩୬ ପଦକ

ଭୁବନେଶ୍ୱର, ୪।୬ (ସମିସ): କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଥିବା ୯ମ ଓପେନ୍ ଜାତୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍। ଏଥିରେ ୧୨ଟି ରାଜ୍ୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପକ୍ଷରୁ ବ୍ରହ୍ମପୁର ଟାଏକ୍ୱୋଣ୍ଡୋ ସଂଘର ୩୭ ଜଣ ପ୍ରତିଯୋଗୀ ଭାଗନେଇ ମୋଟ୍ ୩୬ଟି ପଦକ ଜିତିଛନ୍ତି। ଯେଉଁଥିରେ ୨୦ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୧୦ କାଂସ୍ୟ ପଦକ ରହିଛି। ଏହି ସଫଳତା ଲାଗି ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା କୃତୀ ପ୍ରତିଯୋଗୀଙ୍କୁ ସାକ୍ଷାତ୍ କରି ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଜିଲ୍ଲା ସଂଘର ସମ୍ପାଦକ ସତ୍ୟ ନାରାୟଣ ତ୍ରିପାଠୀ ଉପସ୍ଥିତ ରହିଥିଲେ।

## ବଂଶିକାଙ୍କ ସହ କୁଲଦୀପଙ୍କ ନିର୍ବନ୍ଧ



ଲକ୍ଷ୍ନୌ ୪।୬ (ଏଜେନ୍ସି): ଭାରତୀୟ କ୍ରିକେଟର୍ କୁଲଦୀପ୍ ଯାଦବଙ୍କ ବୁଧବାର ଲକ୍ଷ୍ନୌରେ ଏକ ସମାରୋହରେ ନିର୍ବନ୍ଧ ଅନୁଷ୍ଠିତ ହୋଇଯାଇଛି। ପିଲାଦିନର ବନ୍ଧୁ ତଥା କାନପୁର ନିବାସୀ ବଂଶିକାଙ୍କୁ ଜୀବନସାଥୀ ରୂପେ କୁଲଦୀପ ଚୟନ କରିଛନ୍ତି। ବଂଶିକା ବର୍ତ୍ତମାନ ଏଲ୍‌ଆଇସିର ଜଣେ ଅଧିକାରୀ। ଏହି ନିର୍ବନ୍ଧ ଉତ୍ସବରେ କ୍ରିକେଟର୍ ରିଙ୍କୁ ସିଂଙ୍କ ସମେତ କୁଲଦୀପ୍‌ଙ୍କ ପରିବାର ଲୋକ ଉପସ୍ଥିତ ରହିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ୧୯୯୪ ଡିସେମ୍ବର ୧୪ରେ କୁଲଦୀପ୍‌ଙ୍କ ଜନ୍ମ ଉତ୍ତରପ୍ରଦେଶର ଉନ୍ନାବ ଜିଲ୍ଲାରେ ହୋଇଥିଲା। ସେଠାରେ ସେ ୯ ବର୍ଷ ପର୍ଯ୍ୟନ୍ତ ରହିଥିଲେ। ଏହାପରେ ପାଠପଢ଼ା ଓ କ୍ରିକେଟ୍ ପ୍ରଶିକ୍ଷଣ ଲାଗି ସେ ପରିବାର ସହ କାନପୁର ଚାଲିଆସିଥିଲେ। ବାମହାତୀ ରିଷ୍ଟ ସ୍ପିନର କୁଲଦୀପ୍ ଭାରତ ପାଇଁ ୧୩ ଟେଷ୍ଟ, ୧୧୩ ଏକଦିବସୀୟ ଓ ୪୦ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୫୬, ୧୮୧ ଓ ୬୯ ୱିକେଟ୍ ନେଇଛନ୍ତି।

# ବିପର୍ଯ୍ୟୟ ଘଟାଇ ସେମିରେ ବୋଇସନ୍



ଲୋଇସ୍ ବୋଇସନ୍

କୋକୋ ଗଫ୍

ଫ୍ରେଞ୍ଚ ଓପନ୍

ପ୍ୟାରିସ, ୪।୬ (ଏଜେନ୍ସି):

ବିଶ୍ୱ ମାନ୍ୟତାର ୩୬୧ତମ ସ୍ଥାନରେ ରହିଥିବା ଘରୋଇ ଫ୍ରାନ୍ସର ଖେଳାଳି ଲୋଇସ୍ ବୋଇସନ୍ ଚଳିତ ଫ୍ରେଞ୍ଚ୍ ଓପନ୍‌ରେ ତାଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରଖି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ଏକକ କ୍ୱାର୍ଟର ଫାଇନାଲ ଲଢ଼େଇରେ ବୋଇସନ ବିପର୍ଯ୍ୟୟ ଘଟାଇ ୭-୬ (୮/୬), ୬-୩ ସେଟ୍‌ରେ ବିଶ୍ୱ ମାନ୍ୟତାର ୬ଷ୍ଠ ସ୍ଥାନରେ ରହିଥିବା ରୁଷିଆର ମିରା ଆନ୍ଦ୍ରିଭାଙ୍କୁ ପରାସ୍ତ କରିଥିଲେ। ୨୨ ବର୍ଷୀୟା ବୋଇସନ୍ ଚଳିତ ଫ୍ରେଞ୍ଚ ଓପନ୍‌ରେ ପୂର୍ବରୁ ୩ୟ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କୁ ମଧ ହରାଇ ବଡ଼ ବିପର୍ଯ୍ୟୟ ଘଟାଇଥିଲେ। ସେମିଫାଇନାଲରେ ବୋଇସନ ୨୦୨୨ ଫାଇନାଲିଷ୍ଟ କୋକୋ ଗଫ୍‌ଙ୍କୁ ଭେଟିବେ। ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଗଫ୍ ଅନ୍ୟ ଏକ କ୍ୱାର୍ଟରରେ ୬-୭, ୬-୪, ୬-୧ ସେଟ୍‌ରେ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ ମାଡିସନ୍ କି ଜ୍‌ ଙ୍କୁ ମାତ୍ ଦେଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

ପୂର୍ବରୁ ମଙ୍ଗଳବାର ରାତିରେ ଅନୁଷ୍ଠିତ ପୁରୁଷ ଏକକ କ୍ୱାର୍ଟର ଫାଇନାଲ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜ ଓ ଇଟାଲୀର ଲୋରେଞ୍ଜୋ ମୁସେଟ୍ଟି ବିଜୟୀ ହୋଇ ଅନ୍ତିମ-୪'କୁ ଉନ୍ନତି କରିଛନ୍ତି। ଦ୍ୱିତୀୟ ସିଡ୍ ଆଲ୍‌କାରାଜ ୬-୦, ୬-୧, ୬-୪ ସିଧାସଳଖ ସେଟ୍‌ରେ ୧୨ତମ ସିଡ୍ ଆମେରିକାର ଟମି ପଲ୍‌ଙ୍କୁ ପରାସ୍ତ କରିଥିଲେ। ସେହିଭଳି ମୁସେଟ୍ଟି ୬-୨, ୪-୬, ୭-୫, ୬-୨ ସେଟ୍‌ରେ ଆମେରିକାର ଫ୍ରାନ୍ସିସ୍ ତିଆଫୋଇଙ୍କୁ ହରାଇଥିଲେ।

୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ

# ଆର୍ତ୍ତିକଙ୍କୁ ୭ ୱିକେଟ, ଅମ୍ରିତଙ୍କ ୧୬୫ ରନ

କଟକ,୪।୬(ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚରେ ସୁନ୍ଦରଗଡ଼ ୨୬୯ ରନରେ ଗଜପତିକୁ ହରାଇଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ସୁନ୍ଦରଗଡ଼ ୭ ୱିକେଟ ବିନିମୟରେ ୩୪୧ ରନ ସଂଗ୍ରହ କରିଥିଲା। ଆଦିତ୍ୟ ଆନନ୍ଦ ୬୦ ଏବଂ ତୋହିଦ ଅନସାରୀ ଅପରାଜିତ ୫୬ ରନ କରିଥିଲେ। ଜବାବରେ ଗଜପତି ମାତ୍ର ୭୨ ରନରେ ଅଲଆଉଟ ହୋଇଥିଲା। ବିଜୟୀ ସୁନ୍ଦରଗଡ଼ର ଆର୍ତ୍ତିକ ସାହୁ ୧୩ରନ ବିନିମୟରେ ୭ଟି ୱିକେଟ ଦଖଲ କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିଭଳି ବିଡ଼ାନାସୀ ଗ୍ରାଉଣ୍ଡରେ ମାଲକାନଗିରି ୨୦୩ ରନରେ ଜଗତସିଂହପୁରକୁ ପରାସ୍ତ କରିଥିଲା। ଅମ୍ରିତ ମଣ୍ଡଳଙ୍କ ୧୬୫ ରନ ସହାୟତାରେ ମାଲକାନଗିରି ସମସ୍ତ ୱିକେଟ ହରାଇ ୩୩୭ ରନ କରିଥିଲା। ଜବାବରେ ଜଗତସିଂହପୁରର ଇନିଂସ ୧୩୪ ରନରେ ସୀମିତ ରହିଥିଲା। ଶତକୀୟ ପାଳି ଖେଳିଥିବା ଅମ୍ରିତଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ-ବି ୧୦୪ ରନରେ କୋରାପୁଟକୁ ପରାସ୍ତ କରିଛି। ୩୪ରନ ସଂଗ୍ରହ କରିବା ସହ ୩ ୱିକେଟ ଅକ୍ତିଆର କରିଥିବା ଅଭିଷେକ ସେନାପତି ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ।



ଅମ୍ରିତ ମଣ୍ଡଳ



ଆର୍ତ୍ତିକ ସାହୁ

ଡ୍ରିମସ ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ା ୭ ୱିକେଟରେ ଅନୁଗୋଳକୁ ହରାଇଥିଲା। ୧୩ରନ ବ୍ୟୟ କରି ୩ ୱିକେଟ ଦଖଲ କରିଥିବା ବିଜୟୀ ଦଳର କ୍ରୀଷ୍ଣା ମହାନ୍ତିଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଅଡ଼ଶପୁର ଗ୍ରାଉଣ୍ଡରେ ମୟୂରଭଞ୍ଜ ୧୦ ୱିକେଟରେ କଳାହାଣ୍ଡିକୁ ହରାଇଥିଲା। ମୟୁରଭଞ୍ଜର ଲୋକନାଥ ପୃଷ୍ଟି ୫ରନ ବିନିମୟରେ ପାଞ୍ଚ ୱିକେଟ ସଫଳତା ପାଇଥିଲେ। ଆଜି ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ବଲାଙ୍ଗୀର ୬୭ରନରେ ସମ୍ବଲପୁର-ଏକୁ ପରାସ୍ତ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS